ଆଜି - ବୁଧବାର
ତାରିଖ - ୨୯ ଅପ୍ରେଲ ୨୦୨୬
ମାସ - ମେଷ, ଦିନ - ୧୬
ତିଥି - ତ୍ରୟୋଦଶୀ, ପକ୍ଷ-ଶୁକ୍ଳ
ନକ୍ଷତ୍ର - ହସ୍ତା, କନ୍ୟା, ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୨୩: ୦୦
ସୂର୍ଯ୍ୟାସ୍ତ - ୬ : ୦୪ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition **AJIKALI** ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ଅନ୍ୟମାନଙ୍କ ସ୍ୱରରେ ସ୍ୱର ମିଳାଇବା ଖୁବ୍ ସହଜ । ନିଜର ସ୍ୱର ଉତୋଳନ କରିବା ନିମନ୍ତେ ସାହସର ଆବଶ୍ୟକତା ରହିଛ ।"
- ମହାତ୍ମା ଗାନ୍ଧୀ


E-News : www.Ajikali epaper.com

Vol.- 41 ISSUE- 16 R.N.I. REGD. No. 44026/86 ବାଲେଶ୍ୱର ୨୯ ଅପ୍ରେଲ ୨୦୨୬ ବୁଧବାର BALASORE 29 APRIL 2026 WEDNESDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ - ଟ.୨.୦୦


## ବାରାଣସୀର ମହିଳା ସମ୍ମିଳନୀରେ ଯୋଗଦେଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ: ମଙ୍ଗଳବାର ବାରାଣସୀ ଗସ୍ତରେ ପହଂଚିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ । ଏହି ସମୟରେ ସେ କହିଛନ୍ତି ଯେ ତାଙ୍କ ସରକାର ଦେଶର ନୀତି ନିର୍ଦ୍ଧାରଣରେ ମହିଳା ମାନଙ୍କ ଅଂଶଗ୍ରହଣ ସୁନିଶ୍ଚିତ କରିବା ପାଇଁ ପ୍ରତିବଦ୍ଧ । ବାରାଣସୀରେ ଏକ ମହିଳା ସମ୍ମିଳନୀରେ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦୀ ବିରୋଧୀଙ୍କୁ ଖୁବ୍ ଟାର୍ଗେଟ କରିଛନ୍ତି । ସେ କହିଛନ୍ତି ଯେ, ସମାଜବାଦୀ ପାର୍ଟି, କଂଗ୍ରେସ ଏବଂ ଟିଏମସି ଦ୍ୱାରା ଦେଶର ମହିଳା ମାନଙ୍କୁ ବିଶ୍ୱାସଘାତକତା କରାଯାଇଛି । ସେ ଆଶ୍ୱାସନା ଦେଇଛନ୍ତି ଯେ ମହିଳା ସଂରକ୍ଷଣ ନିଶ୍ଚୟ କାର୍ଯ୍ୟକାରୀ କରାଯିବ । ପ୍ରଧାନମନ୍ତ୍ରୀ ମୋଦୀ ଭୋଜପୁରୀରେ ମହିଳା ମାନଙ୍କୁ ସମ୍ବୋଧିତ କରି କହିଛନ୍ତି, 'ଆମେ କାଶୀର ମା' ଏବଂ ଭଉଣୀ ମାନଙ୍କୁ ପ୍ରଣାମ କରୁଛୁ । କଂଗ୍ରେସ, ଟିଏମସି ଏବଂ ଏସପି ପୁଣି ଥରେ ମହିଳା ମାନଙ୍କୁ ବିଶ୍ୱାସଘାତକତା କରିଛନ୍ତି । ଏହି ରକ୍ଷଣଶୀଳ ଦଳ ଗୁଡ଼ିକ ମହିଳା ଶକ୍ତିକୁ ଭୟ କରନ୍ତି, କିନ୍ତୁ ମୁଁ ଆପଣଙ୍କୁ ସଂରକ୍ଷଣ ପ୍ରଦାନ କରିବା ପାଇଁ କୌଣସି କସରତ ଛାଡ଼ିବି ନାହିଁ ।' ମହିଳା ସଂରକ୍ଷଣ କାର୍ଯ୍ୟକାରୀ କରିବା ଆମର ଲକ୍ଷ୍ୟ । ପ୍ରଧାନମନ୍ତ୍ରୀ ମୋଦୀ ଆହୁରି କହିଛନ୍ତି ଯେ, କାଶୀର ସାଂସଦ ଏବଂ ଦେଶର ପ୍ରଧାନମନ୍ତ୍ରୀ ଭାବରେ, ଜାତୀୟ ସ୍ୱାର୍ଥରେ ଏକ ପ୍ରମୁଖ ଲକ୍ଷ୍ୟ ହାସଲ କରିବା ପାଇଁ ମୋତେ ଆପଣଙ୍କ ଆଶୀର୍ବାଦ ଆବଶ୍ୟକ, ଏବଂ ଏହି ପ୍ରମୁଖ ଲକ୍ଷ୍ୟ ହେଉଛି ଲୋକସଭା ଏବଂ ବିଧାନସଭାରେ ମହିଳା ମାନଙ୍କ ପାଇଁ ସଂରକ୍ଷଣ କାର୍ଯ୍ୟକାରୀ କରିବା । ସେ କହିଛନ୍ତି ଯେ ଭାରତକୁ ବିକଶିତ କରିବାର ମିଶନ ଚାଲୁ ରହିଛି ଏବଂ ଯେତେବେଳେ ମୁଁ ଏକ ବିକଶିତ ଭାରତ ବିଷୟରେ କଥା ହୁଏ, ଏହାର ସବୁଠାରୁ ଶକ୍ତିଶାଳୀ ସ୍ତମ୍ଭ ହେଉଛି ଭାରତର ମହିଳା ଶକ୍ତି । ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ କିଛି ପରିବାର-ମୁଖୀ ଦଳ ଗୁଡ଼ିକ ମହିଳା ଶକ୍ତିକୁ ଭୟ କରନ୍ତି ଏବଂ ମହିଳା ମାନେ ବିଧାନସଭା ଏବଂ ସଂସଦରେ ପହଂଚିବାକୁ ଚାହାଁନ୍ତି ନାହିଁ । ସେ ଆହୁରି କହିଛନ୍ତି ଯେ ବିରୋଧୀ ଭୟ କରନ୍ତି ଯେ ଯଦି ମହିଳା ମାନେ ବହୁ ସଂଖ୍ୟାରେ ରାଜନୀତିରେ ପ୍ରବେଶ କରନ୍ତି, ତେବେ ସେମାନଙ୍କର ପାରମ୍ପରିକ ରାଜନୀତି ଶେଷ ହୋଇଯିବ । ସେ କହିଥିଲେ ଯେ ଭାରତୀୟ ଜନତା ପାର୍ଟି ଏବଂ ଏନଡିଏର ଦର୍ଶନ 'ମହିଳା ଶକ୍ତି ପ୍ରତି ସମ୍ମାନ' ଏବଂ 'ନାଗରିକ ମାନେ ଦେବତା' ନୀତି ଉପରେ ଆଧାରିତ । ପ୍ରଧାନମନ୍ତ୍ରୀ ଦେଶକୁ ବିକାଶ କରିବା ପାଇଁ ଏହି ଅଭିଯାନରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବାକୁ ମହିଳା ମାନଙ୍କୁ ଆହ୍ୱାନ କରିଥିଲେ ।

## ମଧୁ ସୂଦନ ଦାସଙ୍କ ଜୟନ୍ତୀ ଅବସରରେ

# କେନ୍ଦୁଝରରେ ବିଭିନ୍ନ ପ୍ରକଳ୍ପର ଭିତିପ୍ରସ୍ତର ଓ ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ



କେନ୍ଦୁଝର(ନି.ପ୍ର): କେନ୍ଦୁଝର ଜିଲ୍ଲାକୁ ଏକ ସମୃଦ୍ଧ ଶିଳ୍ପ ହବ୍‌ରେ ପରିଣତ କରିବା ଲକ୍ଷ୍ୟରେ ଆଜି ମୁଖ୍ୟମନ୍ତ୍ରୀ ଆଉ ଏକ ବଡ଼ ପଦକ୍ଷେପ ନେଇଛନ୍ତି । ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ବଡ଼ବିଲ ଅଂଚଳର ଉଚ୍ଚବାଲି ଠାରେ ୧୬୪୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ୪୨୦/୨୨୦ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ଭିତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦୁଝରକୁ ପୂର୍ବ ଭାରତର ଦ୍ୱିତୀୟ ଜାମସେଦପୁର ଭାବେ ଗଢ଼ିତୋଳିବାକୁ ଘୋଷଣା କରିଛନ୍ତି । ସୂଚନା ଯୋଗ୍ୟଯେ, ମୁଖ୍ୟମନ୍ତ୍ରୀ ଆଜିର କାର୍ଯ୍ୟକ୍ରମରେ ଉଚ୍ଚବାଲି, କେନ୍ଦୁଝର ପାଇଁ ସବ ଷ୍ଟେସନ ସମେତ ୫ ଟି ନୂଆ ଟ୍ରାନ୍ସମିଶନ ଲାଇନ ଉଦଘାଟନ କରିଛନ୍ତି । ଏହି ପ୍ରକଳ୍ପ ଦ୍ୱାରା କେନ୍ଦୁଝର ସଦର, ତେଲକୋଇ, ଝୁମ୍ପୁରା, ଯୋଡ଼ା ଏବଂ ବଡ଼ବିଲ ଅଂଚଳର ପ୍ରାୟ ୭.୧୭ ଲକ୍ଷ ଉପଭୋକ୍ତା ଉପକୃତ ହେବେ । ବିକଶିତ ସମାଜର ପରିଚୟ ହେଉଛି ଗୁଣାତ୍ମକ ଓ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଏଣୁ ଖଣିଜ ସମ୍ପଦରେ ଭରା କେନ୍ଦୁଝରକୁ ସୁନାର କେନ୍ଦୁଝର କରିବା ପାଇଁ ଆମେ ପ୍ରତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ପ୍ରକଳ୍ପର ବିଭିନ୍ନ ବୈଶିଷ୍ଟ୍ୟ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଛନ୍ତି ଯେ ସମଗ୍ର ଅଂଚଳକୁ ଏକ ସୁଦୃଢ଼ ନେଟୱର୍କରେ ଯୋଡ଼ିବା ନେଇ ସେ ଦର୍ଶାଇଛନ୍ତି ଯେ, ୪୦୦ କେଭି LILO ଲାଇନ ସହିତ TTPS-ଯୋଡ଼ା ଓ ତୁରୁମୁଙ୍ଗା-ରାଇରଙ୍ଗପୁର ଲାଇନ ମାଧ୍ୟମରେ ସମଗ୍ର ଅଂଚଳକୁ ବିଦ୍ୟୁତ୍ ସଂଯୋଗୀକରଣ କରାଯିବ । ଏହା ଦ୍ୱାରା ଶିଳ୍ପ ଓ ଘରୋଇ ଚାହିଦା ମଧ୍ୟରେ ଏକ ସନ୍ତୁଳନ ରକ୍ଷା କରାଯାଇପାରିବ । ବିଦ୍ୟୁତ୍ ବିଭ୍ରାଟକୁ ରୋକିବା ପାଇଁ ଏକ ବଡ଼ ପଦକ୍ଷେପ ସମ୍ପର୍କରେ ଘୋଷଣା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ବଡ଼ବିଲ ଓ ପଲାଶପଙ୍ଗା ଗ୍ରୀଡ୍‌ର ଉନ୍ନତିକରଣ ଆମର ପ୍ରାଥମିକତା । ଆମେ Hotline Maintenancର ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ଯାଉଛୁ, ଯାହାଦ୍ୱାରା ତାରରେ ବିଦ୍ୟୁତ୍ ପ୍ରବାହିତ ହେଉଥିବା ସମୟରେ ମଧ୍ୟ ମରାମତି କାମ କରାଯାଇପାରିବ । ଏଣିକି ମରାମତି ପାଇଁ ଆଉ ବିଦ୍ୟୁତ୍ କାଟ୍ କରିବାର ଆବଶ୍ୟକତା ପଡ଼ିବ ନାହିଁ ।' ରାଜ୍ୟର ବିଦ୍ୟୁତ୍ ପରିଚାଳନା ପ୍ରଣାଳୀକୁ ସ୍ମାର୍ଟ କରିବା ନେଇ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରି କହିଛନ୍ତି, 'ଆମେ ଓଡ଼ିଶାକୁ ଡିଜିଟାଲାଇଜେସନ ଦିଗରେ ଆଗେଇ ନେଉଛୁ । ମଂଚେଶ୍ୱରଠାରେ ନିର୍ମିତ ନୂତନ State Load Despatch Centre (SLDC) ରାଜ୍ୟର ବିଦ୍ୟୁତ୍ ପରିଚାଳନା ପାଇଁ 'ହାର୍ଟ' ସଦୃଶ କାର୍ଯ୍ୟ କରିବ ।

## କିର୍ଗିସ୍ତାନର ବିଶକେକରେ ସଂଘାଇ ସହଯୋଗ ସଙ୍ଗଠନ ବୈଠକ ଅନୁଷ୍ଠିତ

# ସୀମା ପାର୍ ଆତଙ୍କବାଦକୁ ଅଣଦେଖା କରାଯାଇ ପାରିବ ନାହିଁ : ରାଜନାଥ ସିଂହ



ନୂଆଦିଲ୍ଲୀ : କିର୍ଗିସ୍ତାନର ବିଶକେକରେ ଆୟୋଜିତ ସଂଘାଇ ସହଯୋଗ ସଙ୍ଗଠନ (ଏସସିଓ)ର ପ୍ରତିରକ୍ଷା ମନ୍ତ୍ରୀଙ୍କ ବୈଠକରେ ରାଜନାଥ ସିଂହ ପାକିସ୍ତାନକୁ ଖୁବ୍ କଡ଼ା ବାର୍ତ୍ତା ଦେଇଛନ୍ତି । ରାଜନାଥ ସିଂହ ଚୀନ ଓ ପାକିସ୍ତାନକୁ ଶୁଣାଇ କହିଛନ୍ତି ଯେ, କୌଣସି ବି ମୂଲ୍ୟରେ ସରକାର ପ୍ରାୟୋଜିତ 'ସୀମାପାର ଆତଙ୍କବାଦ'ର ଅଣଦେଖା କରିପାରିବେ ନାହିଁ ଏବଂ ଏହି ମାମଲାକୁ ନେଇ ଡବଲ ମାପଦଣ୍ଡ ଆପଣାଇବାର କୌଣସି ସୁଯୋଗ ନାହିଁ । ସେ ପାକିସ୍ତାନକୁ ଟାର୍ଗେଟ୍ କରି ସ୍ପଷ୍ଟ କହିଛନ୍ତି ଯେ, ଅପରେସନ ସିନ୍ଦୂର ବେଳେ ଭାରତ ନିଜର ଦୃଢ ସଙ୍କଳ୍ପ ଦେଖାଇ ଦେଇ ଥିଲା ଏବଂ କହି ଦେଇଥିଲା ଯେ, ଆତଙ୍କବାଦର ଆଡ୍ଡା ଗୁଡ଼ିକୁ ଏବେ କୌଣସି ପ୍ରକାରର ମୁକ୍ତି ମିଳିବ ନାହିଁ । କହି ରହୁଛି କି , ଏସସିଓରେ ଚୀନ ରୁଷ୍, କାଜାକିସ୍ତାନ , କିର୍ଗିସ୍ତାନ, ପାକିସ୍ତାନ, ତାଜାକିସ୍ତାନ, ଉଜବେକିସ୍ତାନ, ଇରାନ ଓ ବେଲାରୁଷ୍ ମଧ୍ୟ ସାମିଲ ଅଛି । ରାଜନାଥ ସିଂହ ଚୀନର ପ୍ରତିନିଧି ସାମ୍ନାରେ ମଧ ପାକିସ୍ତାନକୁ ଶୁଣାଇବାରେ କୌଣସି ସୁଯୋଗ ଛାଡ଼ି ନାହାନ୍ତି । ସେ କହିଛନ୍ତି, ଆମେ ସରକାର ଦ୍ୱାରା ପ୍ରାୟୋଜିତ ସେହି ସୀମା ପାର୍ ଆତଙ୍କବାଦକୁ ଅଣଦେଖା କରିବା ଉଚିତ୍ ନୁହେଁ , ଯିଏ କୌଣସି ଦେଶର ସାର୍ବଭୌମତ୍ୱ ଉପରେ ଆକ୍ରମଣ କରେ । ରାଜନାଥ ସିଂହ କହିଛନ୍ତି ଯେ, ଡବଲ ମାପଦଣ୍ଡର କୌଣସି ସ୍କୋପ୍ ନାହିଁ ଏବଂ ଏସସିଓ କୁ ଆତଙ୍କବାଦୀଙ୍କୁ ଉସୁକାଇବା , ତାଙ୍କୁ ସମର୍ଥନ ଦେବା ଓ ସୁରକ୍ଷିତ ଠିକଣା ଉପଲବ୍ଧ କରାଉଥିବା ବ୍ୟକ୍ତିଙ୍କ ବିରୋଧରେ ଉଚିତ୍ କାର୍ଯ୍ୟାନୁଷ୍ଠାନ ଦାବି କରିବାରେ କୁଣ୍ଠିତ ହେବା ଉଚିତ୍ ନୁହେଁ । ପ୍ରତିରକ୍ଷା ମନ୍ତ୍ରୀ ଆତଙ୍କବାଦରୁ ବର୍ତିବା ପାଇଁ ବିଶ୍ୱସ୍ତରରେ ସମନ୍ୱିତ ପ୍ରୟାସ ଗୁଡ଼ିକ ବିଷୟରେ କହିଛନ୍ତି ।

## ବିଶାଖାପାଟଣାରେ ଗୁଗୁଲ୍ କ୍ଲାଉଡ୍ ଇଣ୍ଡିଆ ଏଆଇ ହବ୍ ଭୂମିପୂଜନରେ ଯୋଗଦେଲେ କେନ୍ଦ୍ର ରେଳମନ୍ତ୍ରୀ




ନୂଆଦିଲ୍ଲୀ : କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି, ରେଳ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ବିଶାଖାପାଟଣାରେ ଗୁଗୁଲ କ୍ଲାଉଡ ଇଣ୍ଡିଆ ଏଆଇ ହବର ଭୂମିପୂଜନ ସମାରୋହ ପରେ ଏକ ସମାବେଶକୁ ସମ୍ବୋଧିତ କରିଥିଲେ । ଭାରତ ଦୃଢ଼ ନୀତି ସମର୍ଥନ ଏବଂ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱ ଦ୍ୱାରା ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଷେତ୍ରରେ ବିଶ୍ୱ ପାଇଁ ଏକ ପ୍ରମୁଖ, ନିର୍ଭରଯୋଗ୍ୟ ମୂଲ୍ୟ ଶୃଙ୍ଖଳ ଏବଂ ଯୋଗାଣ ଶୃଙ୍ଖଳ ଅଂଶୀଦାର ଭାବରେ ଅଗ୍ରଗତି କରିବାକୁ ପ୍ରସ୍ତୁତ ବୋଲି ସେ କହିଥିଲେ ।ଏହି ଅବସରରେ ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ଶ୍ରୀ ଏନ. ଚନ୍ଦ୍ରବାବୁ ନାଇଡୁଙ୍କ ସମେତ ଅନେକ କେନ୍ଦ୍ର ମନ୍ତ୍ରୀ, ରାଜ୍ୟର ମନ୍ତ୍ରୀ ଏବଂ ଉଦ୍ୟୋଗ ଜଗତର ନେତୃତ୍ୱ ଉପସ୍ଥିତ ଥିଲେ । ୧୫ ବିଲିୟନ ଆମେରିକୀୟ ଡଲାର ନିବେଶ ସହିତ ଏହି ପ୍ରକଳ୍ପଟି ଆଦାନୀ କନେକ୍ସ ଏବଂ ଏୟାରଟେଲ୍ ନକ୍ସଟ୍ରା ସହଭାଗୀତାରେ ବିକଶିତ ହେଉଛି । ଏଥିରେ ବିଶାଖାପାଟଣାରେ ଏକ ୧ ଗିଗାୱାଟ୍ ହାଇପରସ୍କେଲ ଏଆଇ ଡାଟା ସେଂଟର ଅନ୍ତର୍ଭୁକ୍ତ ହେବ । ଏହି ପ୍ରକଳ୍ପ ପାଇଁ ଆନ୍ଧ୍ର ପ୍ରଦେଶ ସରକାର ତୁର୍ଲୁଭାଡା, ରାମବିଲି ଏବଂ ଆଦାଭିଭରମ ଅଂଚଳରେ ପ୍ରାୟ ୬୦୦ ଏକର ଜମି ଆବଂଟନ କରିଛନ୍ତି । ଇଲେକ୍ଟ୍ରୋନିକ୍ସ ଏବଂ ଉତ୍ପାଦନ କ୍ଷେତ୍ରରେ ଭାରତର ଅଭିବୃଦ୍ଧି ସମ୍ପର୍କରେ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଆଲୋକପାତ କରିଥିଲେ । ସେ କହିଥିଲେ ଭାରତ ପୂର୍ବରୁ ଆଇଟି ସେବା କ୍ଷେତ୍ରରେ ଏକ ଅଗ୍ରଣୀ ଦେଶ ଭାବରେ ଆଗେଇ ଚାଲିଛି । ବର୍ତମାନ ଇଲେକ୍ଟ୍ରୋନିକ୍ସ ଉତ୍ପାଦନରେ ଦ୍ରୁତ ଗତିରେ ଅଗ୍ରଗତି କରୁଛି । ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିକୁ ପ୍ରଶଂସା କରିଥିଲେ । ଦେଶକୁ ସେମିକଣ୍ଡକ୍ଟର, କ୍ୱାଂଟମ୍, ମହାକାଶ ଏବଂ କୃତ୍ରିମ ବୁଦ୍ଧିମତା ଭଳି ପ୍ରମୁଖ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରଗୁଡ଼ିକରେ ଏକ ବିଶ୍ୱ କେନ୍ଦ୍ର ଭାବରେ ଉଭା ହେବା ଉପରେ ଗୁରୁତ୍ୱାରୋପ କରିଥିଲେ । ଭାରତ ମୋବାଇଲ୍ ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି କରିଛି । ଦେଶର ପ୍ରମୁଖ ରପ୍ତାନି ସାମଗ୍ରୀ ମଧ୍ୟରୁ ଗୋଟିଏ ହେଉଛି ମୋବାଇଲ୍ ଫୋନ୍ । ପ୍ରାୟ ୫୦% ଘରୋଇ ଇଲେକ୍ଟ୍ରୋନିକ୍ ଚାହିଦା ଏବେ ସ୍ଥାନୀୟ ଉତ୍ପାଦନ ମାଧ୍ୟମରେ ପୂରଣ କରାଯାଉଛି । ସେମିକଣ୍ଡକ୍ଟର ମିଶନ ଅଧୀନରେ, ଭାରତରେ ବାଣିଜ୍ୟିକ ଉତ୍ପାଦନ ଆରମ୍ଭ ହୋଇସାରିଛି । ଭାରତ ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରୋନିକ୍ସ ଉତ୍ପାଦନରେ ଏକ ବିଶ୍ୱସ୍ତ ଅଂଶୀଦାର ହେବାକୁ ଯାଉଛି ବୋଲି ମନ୍ତ୍ରୀ ଉଲ୍ଲେଖ କରିଥିଲେ ।

## ରାଜ୍ୟରେ ଅସହ୍ୟ ତାତି ; ୪୫ ଡିଗ୍ରୀ ଟପିଲା ଝାରସୁଗୁଡ଼ା



ଭୁବନେଶ୍ୱର: ଓଡ଼ିଶାର ବିଭିନ୍ନ ସ୍ଥାନରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ମଙ୍ଗଳବାର ଦିନ ଝାରସୁଗୁଡାରେ ଚଳିତ ବର୍ଷର ସର୍ବାଧିକ ତାପମାତ୍ରା ୪୫.୩ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି । ରାଜ୍ୟର ପ୍ରାୟ ୧୨ଟି ସ୍ଥାନରେ ପାରଦ ୪୦ ଡିଗ୍ରୀ ସେଲସିୟସ୍ ଅତିକ୍ରମ କରିଛି । ଭାରତୀୟ ପାଣିପାଗ ବିଭାଗ (ଆଇଏମଡି)ର ଅପଡେଟ୍ ଅନୁଯାୟୀ, ଝାରସୁଗୁଡା ବ୍ୟତୀତ ବୌଦ୍ଧରେ ୪୩.୭ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି ।ଏହା ପରେ ସମ୍ବଲପୁରରେ ୪୩.୫ ଡିଗ୍ରୀ ସେଲସିୟସ୍, ହୀରାକୁଦରେ ୪୩.୪ ଡିଗ୍ରୀ ସେଲସିୟସ୍, ବରଗଡ଼ରେ ୪୨.୯ ଡିଗ୍ରୀ ସେଲସିୟସ୍, ନୂଆପଡ଼ାରେ ୪୨.୫ ଡିଗ୍ରୀ ସେଲସିୟସ୍, ଟିଟିଲାଗଡ଼ରେ ୪୨.୨ ଡିଗ୍ରୀ ସେଲସିୟସ୍, ତାଳଚେର ଏବଂ ବଲାଙ୍ଗୀରରେ ୪୨ ଡିଗ୍ରୀ ସେଲସିୟସ୍, ସୋନପୁରରେ ୪୧.୯ ଡିଗ୍ରୀ ସେଲସିୟସ୍, ଭବାନୀପାଟଣାରେ ୪୧.୮ ଡିଗ୍ରୀ ସେଲସିୟସ୍, ସୁନ୍ଦରଗଡ଼ରେ ୪୧.୫ ଡିଗ୍ରୀ ସେଲସିୟସ୍ ଏବଂ ରାଉରକେଲାରେ ୪୦.୭ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି । ପାଣିପାଗ ବିଭାଗ ପୂର୍ବରୁ ୨୮ ଏପ୍ରିଲରେ ଝାରସୁଗୁଡା, ସମ୍ବଲପୁର, ସୁନ୍ଦରଗଡ଼, ଅନୁଗୁଳ, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, ନୟାଗଡ ଏବଂ ବରଗଡ଼ ଜିଲ୍ଲାର କିଛି ସ୍ଥାନରେ ଗରମ ପବନ ବୋହିବା ନେଇ ପୂର୍ବାନୁମାନ କରିଥିଲା ।

### ସକାଳ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଘରୁ ନ ବାହାରିବାକୁ ପରାମର୍ଶ ଦେଲେ ମନ୍ତ୍ରୀ ସୁରେଶ ପୂଜାରୀ



ଭୁବନେଶ୍ୱର : ରାଜ୍ୟରେ ଜାରି ରହିଥିବା ଗ୍ରୀଷ୍ମ ପ୍ରବାହକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ । କିଭଳି ଏହି ସମୟରେ ଏହାକୁ ସାମ୍ନା କରାଯିବ ସେ ନେଇ ସ୍ୱତନ୍ତ୍ର ପ୍ରସ୍ତୁତି ସରିଛି । ମନ୍ତ୍ରୀ କହିଛନ୍ତି ଯେ ପ୍ରକୃତି ଅସ୍ୱାଭାବିକ ପ୍ରଭାବ ଦେଖାଉଛି । ସାରା ପୃଥିବୀରେ ଜଳବାୟୁ ପରିବର୍ତନ ହେଉଛି । ଗ୍ରୀଷ୍ମ ପ୍ରବାହକୁ ନେଇ ୩୦ଟି ଜିଲ୍ଲାର ଜିଲ୍ଲାପାଳଙ୍କ ସହ ସରକାରଙ୍କ ତରଫରୁ ଅନେକ ସମୟରେ ବାରମ୍ବାର ଆଲୋଚନା ଜାରି ରହିଛି । ସେ ଆହୁରି କହିଛନ୍ତି, ଗ୍ରୀଷ୍ମ ପ୍ରବାହରୁ ସୁରକ୍ଷିତ ରହିବା ପାଇଁ ସକାଳ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଲୋକମାନେ ଘରୁ ନ ବାହାରିବା ପାଇଁ ପରାମର୍ଶ ଦିଆଯାଇଛି । ମାଲ ପରିବହନ ଗାଡ଼ି ଏବଂ ଦୁଇ ଚକିଆ ଓ ଚାରି ଚକିଆ ଗାଡ଼ି ୧୧ଟାରୁ ୩ଟା ପର୍ଯ୍ୟନ୍ତ ରାସ୍ତାକୁ ଆସିବ ନାହିଁ । ଶ୍ରମିକମାନଙ୍କୁ ମଧ ଏହି ସମୟରେ କାମ ନ କରିବାକୁ ପରାମର୍ଶ ଦିଆଯାଇଛି ।

## ଧୁମଧାମ୍‌ରେ ପାଳିତ ହେଉଛି ସାର୍ବଜନୀନ ମୀର୍ଜା ପୋଖରୀ ଚନ୍ଦନ ମହୋତ୍ସବ




ବାଲେଶ୍ୱର : ବାଲେଶ୍ୱର ସହରର ଗୋପାଳ ଗାଁରେ ଚଳିତ ମାସ ୨୫ ତାରିଖରୁ ଆରମ୍ଭ ହୋଇଥିବା ୧୦୮ ତମ ସାର୍ବଜନୀନ ମୀର୍ଜା ପୋଖରୀ ଚନ୍ଦନ ମହୋତ୍ସବର ଆଜି ଥିଲା ଚତୁର୍ଥ ଦିବସ । ଏହି ପରିପ୍ରେକ୍ଷୀରେ ଚତୁର୍ଥ ସନ୍ଧ୍ୟାର କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମୀର୍ଜା ପୋଖରୀ ଚନ୍ଦନ ଯାତ୍ରା ସମ୍ପର୍କରେ ଆଲୋକପାତ କରିବା ସହ ୧୦୮ ବର୍ଷ ଧରି ଏହାକୁ ସୁଚାରୁ ରୂପେ ପରିଚାଳନା କରି ଆସୁଥିବା କମିଟିର ସମସ୍ତ କର୍ମକର୍ତାଙ୍କ ଉଦ୍ୟମ ପ୍ରଶଂସନୀୟ ବୋଲି କହିଥିଲେ । ଯୁବନେତା ମାନସ୍ ଦାସ୍ ପଟ୍ଟନାୟକ, ଶ୍ରମିକ ନେତା ଶାନ୍ତନୁ ଦାସ, କାଉନସିଲର୍ ସଞ୍ଜିବ କୁମାର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପ୍ରତ୍ୟେକ ସନ୍ଧ୍ୟାରେ ବର୍ଣ୍ଣାଢ଼୍ୟ ପରିବେଶରେ ଆୟୋଜିତ ହେଉଥିବା ମୀର୍ଜା ପୋଖରୀ ଚନ୍ଦନ ଯାତ୍ରାର ସଫଳତା କାମନା କରିଥିଲେ । ମୀର୍ଜା ପୋଖରୀ ଚନ୍ଦନ ଉତ୍ସବ କମିଟିର ସଭାପତି ପଦ୍ମଲୋଚନ ଲେଙ୍କା କାର୍ଯ୍ୟକ୍ରମରେ ପୌରୋହିତ୍ୱ କରିବା ସହ ସର୍ବପୁରାତନ ମୀର୍ଜାପୋଖରୀ ଚନ୍ଦନ ଯାତ୍ରାର ଇତିହାସ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । କମିଟିର କାର୍ଯ୍ୟକାରୀ ସଭାପତି ଡ.ଲକ୍ଷ୍ମୀ ନାରାୟଣ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିବା ସହିତ ମାଣିଖମ୍ବ, ସୁଏଲପୁର ଓ ଗୋପାଳ ଗାଁ ଅଂଚଳବାସୀଙ୍କ ମିଳିତ ସହଯୋଗରେ ଆୟୋଜିତ ଚନ୍ଦନଯାତ୍ରା ସମ୍ପର୍କରେ ଆଲୋକପାତ କରିବା ସହିତ ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଚନ୍ଦନ ଯାତ୍ରାର ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ । କମିଟିର ସମ୍ପାଦକ ଅରୁଣ କୁମାର ସ୍ୱାଇଁ ଚନ୍ଦନ ମହୋତ୍ସବର ସଫଳତା ସମ୍ପର୍କରେ ସୂଚନା ଦେଇଥିଲେ । କମିଟିର ଉପସଭାପତି ଅନୁପ୍ କୁମାର ସ୍ୱାଇଁ ଶେଷରେ ଧନ୍ୟବାଦ ଦେଇଥିଲେ । ସରୋଜ କୁମାର ଲେଙ୍କା, ମନୋଜ ଦାସ, ଅବସ ଦାସ, ଶ୍ରୀକାନ୍ତ ବୁଗୁଡ଼ାଇ, ନାରାୟଣ ଦତ, ସୌର୍ଯ୍ୟସୁନ୍ଦର ସେନ୍, ଅବିନାଶ ସ୍ୱାଇଁ, ଦେବାନନ୍ଦ ରାଉତ୍, ପ୍ରଭାତ ମହାନ୍ତି, ଅଶୋକ ତ୍ରିପାଠି, ବିନୟ କୁମାର ମହାନ୍ତି, ଭାରତ ଭୂଷଣ ଦାସ, ହରିପଦ ଭୂୟାଁ ପ୍ରମୁଖ କମିଟିର କର୍ମକର୍ତା ମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ଧାନକ୍ରୟ କମିଟି ବୈଠକ (ରବି) ଅନୁଷ୍ଠିତ



ବାଲେଶ୍ୱର, (ନି.ପ୍ର.) ଜିଲ୍ଲା ସ୍ତରୀୟ ଧାନକ୍ରୟ କମିଟି (ରବି) ବୈଠକ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଡିଟୋରିଅମ୍ ଠାରେ ଅନୁଷ୍ଠିତ ହୋଇଛି । ବୈଠକରେ ମାନ୍ୟବର ସାଂସଦ ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମାନ୍ୟବର ବିଧାୟକ ସିମୁଳିଆ ଶ୍ରୀ ପଦ୍ମଲୋଚନ ପଣ୍ଡା, ନୀଳଗିରି ଶ୍ରୀ ସନ୍ତୋଷ ଖଟୁଆ, ବସ୍ତା ଶ୍ରୀମତୀ ସୁଭାଷିନୀ ଜେନା, ଜଳେଶ୍ୱର ଶ୍ରୀ ଅଶ୍ୱିନୀ କୁମାର ପାତ୍ର, ଭୋଗରାଇ ଶ୍ରୀ ଗୌତମ ବୁଦ୍ଧ ଦାସ ଓ ସୋରୋ ଶ୍ରୀ ମାଧବ ଧଡ଼ା ଏବଂ ମାନ୍ୟବର ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀ ନାରାୟଣ ପ୍ରଧାନ ଙ୍କ ସହିତ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ ।ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶ ବୈଠକର ଅଧ୍ୟକ୍ଷତା କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧାକର ନାଏକ ପ୍ରାରମ୍ଭିକ ଭାଷଣ ଦେଇ ସଭାର ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ । ଦୁଇ ଉପ ଜିଲ୍ଲାପାଳ ତଥା ଆର୍ ଏମ ସି ଚେୟାରମେନ , ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ,ଜିଲ୍ଲାପରିଷଦ ,ଡି ଆର୍ ସି ଏସ , ଡିଭିଜନାଲ ମ୍ୟାନେଜର , ଏଫ୍ ସି ଆଇ ,ସେକ୍ରେଟାରୀ, ଜିଲ୍ଲା କୋ ଅପରେଟିଭ ବ୍ୟାଙ୍କ୍ , ସହକାରୀ କମିଶନର ଉଞ୍ଚଏଞ୍ଚ, ଉଝଡଙ ଓ ଅନ୍ୟ ଅଧିକାରୀଙ୍କ ସମେତ ମିଲର ମାନେ ଉପସ୍ଥିତ ଥିଲେ । ପରେ ସମସ୍ତ ସଦସ୍ୟଙ୍କ ସହମତିକ୍ରମେ ଏଜେଣ୍ଡା ଅନୁସାରେ ଆଲୋଚନା ଆରମ୍ଭ ହୋଇଥିଲା ।ମୁଖ୍ୟ ଯୋଗାଣ ଅଧିକାରୀ (ଉଝଙ) ଶ୍ରୀମତୀ ସ୍ମିତା ନାୟକ ବିଗତ ବର୍ଷର ଖରିଫ ଓ ରବି ଧାନ କ୍ରୟ ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ ।ବୈଠକରେ ନିମ୍ନଲିଖିତ ମୁଖ୍ୟ ସିଦ୍ଧାନ୍ତଗୁଡିକ ଗ୍ରହଣ କରାଯାଇଛି—ପ୍ରତ୍ୟେକ ମଣ୍ଡି ପାଇଁ ଜଣେ ନୋଡାଲ ଅଫିସର ଓ ୪-୫ ମଣ୍ଡି ପାଇଁ ଜଣେ ସୁପର୍ଭାଇଜିଙ୍ଗ ଅଫିସର ନିଯୁକ୍ତ କରାଯିବେ, ଯେଉଁମାନେ ଧାନ କ୍ରୟ ପ୍ରକ୍ରିୟା ତଦାରଖ କରିବେ ଓ ଚାଷୀମାନଙ୍କ ଅସୁବିଧା ସମାଧାନ କରିବେ ।ଜଳେଶ୍ୱର ଓ ଭୋଗରାଇ ଅଂଚଳର ଆଠଟି ଅନ୍ତର୍ରାଜ୍ୟ ସଂଯୋଗ ସ୍ଥଳ (ଲକ୍ଷ୍ମଣନାଥ ରୋଡ, ଆମ୍ବିଲିଅଠା, ଚୂଡ଼ାମଣିପୁର, ମଙ୍କଡିଆ, ଅଗ୍ରୱାଲ ଛକ, ଖଇର୍ଦ୍ଦା, କଖଡ ଓ ଉଦୟପୁର-ତାଳସାରି ସୀମା) ସିଲ୍ କରାଯିବ । ପୋଲିସ, ବଜାର ନିୟନ୍ତ୍ରକ କମିଟି ଓ ଅନ୍ୟ ବିଭାଗୀୟ ଅଧିକାରୀମାନଙ୍କୁ ନେଇ ଏନଫର୍ସମେଂଟ ଟିମ୍ ଗଠନ କରାଯିବ ଓ ସେମାନଙ୍କୁ ସିସିଟିଭି ସହିତ ୪ ଚକିଆ ଗାଡ଼ି ପ୍ରଦାନ କରାଯିବ ।ଧାନ ପରିବହନ କରୁଥିବା ଟ୍ରକ୍ ଗୁଡିକରେ ବ୍ୟବହାର ବାଧ୍ୟତାମୂଳକ ହେବ । ଏଫ୍ଏକ୍ୟୁ ମାନଙ୍କ ଧାନ ଆଣିବା ପାଇଁ ଜଗଉ ତରଫରୁ ସଚେତନତା କାର୍ଯ୍ୟକ୍ରମ ଜୋରଦାର କରାଯିବ । ଚାଷୀମାନେ ନିଜ ସମସ୍ୟା ଜଣାଇବା ପାଇଁ ଟୋଲ୍ ଫ୍ରି ନମ୍ବର ୧୯୬୭ ବ୍ୟବହାର କରିପାରିବେ । ବିଗତ ବର୍ଷ ଭଳି ଚଇଉଝ, ଖଇଗଚଉଝ ଓ ଉଝଐଏ ମାନେ ମଣ୍ଡି ପରିଚାଳନା କରିବେ ଓ ପ୍ରତି କ୍ୱିଂଟାଲ ପାଇଁ ନିର୍ଦ୍ଦିଷ୍ଟ ଧନରାଶି ଯୋଗାଇ ଦିଆଯିବ ।ଧାନ କ୍ରୟ କାର୍ଯ୍ୟକ୍ରମ ମେ ୧୫ ରୁ ଆରମ୍ଭ ହେବ । କ୍ୱାଲିଟି ଅନାଲାଇଜରମାନଙ୍କୁ ସୁଚିତ ଭାବେ ପ୍ରଶିକ୍ଷଣ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

# ଉତ୍କଳ ସମ୍ମିଳନୀ ବାଲେଶ୍ୱର ଶାଖା ପକ୍ଷରୁ ମଧୁସୂଦନ ଦାସଙ୍କ ୧୭୯ତମ ଜୟନ୍ତୀ ପାଳନ

ବାଲେଶ୍ୱର,(ନି.ପ୍ର.): ଉତ୍କଳ ସମ୍ମିଳନୀ ବାଲେଶ୍ୱର ଶାଖା ଆନୁକୂଲ୍ୟରେ ସଭାପତି ଦୀନବନ୍ଧୁ ଲେଙ୍କାଙ୍କ ପୌରୋହିତ୍ୟରେ ପୂର୍ବାହ୍ନ ୮ଟା ୩୦ମିନିଟ୍‌ରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୯ତମ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅବସ୍ଥିତ ମଧୁସୂଦନ ଦାସ, ଗୋପବନ୍ଧୁ ଦାସ ଓ ଫକୀରମୋହନ ସେନାପତିଙ୍କ ପ୍ରତିମୂର୍ତ୍ତିରେ ଅଧ୍ୟକ୍ଷ ଡ. ଦୀନେଶ କୁମାର ଦାସ, ଶିକ୍ଷାବିତ୍ ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ର ଯଥାକ୍ରମେ ମୁଖ୍ୟଅତିଥି ଓ ବକ୍ତାଭାବେ ଯୋଗଦେଇ ପୁଷ୍ପମାଲ୍ୟାର୍ପଣ ସହ ଜୟନ୍ତୀ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟାନ୍ୟ ବକ୍ତାମାନଙ୍କ ମଧ୍ୟରେ ବାଲେଶ୍ୱର ଶାଖା ଉପସଭାପତି ଡ. କ୍ଷିତୀଶ୍ୱର ଦାଶ, ଡ. କାଳୀପଦ ପଣ୍ଡା, ଶିକ୍ଷାବିତ୍ ଶତ୍ରୁଘ୍ନ ମଲ୍ଲିକ୍, ଡ. ଅନିରୁଦ୍ଧ ବେହେରା, ସଭ୍ୟା ସ୍ନେହଲତା ଦାଶ ପତି ଅନ୍ତର୍ଭୁକ୍ତ ଥିଲେ । ତତ୍ପରେ ବାଲେଶ୍ୱର ଜିଲ୍ଲାସ୍କୁଲ୍ ପରିସରରେ ଥିବା ମଧୁସୂଦନ ଦାସ ଓ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ପ୍ରଧାନଶିକ୍ଷକ ଆଦିକନ୍ଦ ରାଉତଙ୍କ ଦ୍ୱାରା ମାଲ୍ୟାର୍ପଣ କରାଯାଇଥିଲା । ସର୍ବଶେଷରେ ବାଲେଶ୍ୱର କଚେରୀ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ପୁଷ୍ପାର୍ଘ୍ୟ ପ୍ରଦାନ କରାଯାଇଥିଲା । ସଂଗଠନର ସଂପାଦକ ଉତ୍ପଳ ମହାନ୍ତି, ଯୁଗ୍ମ ସମ୍ପାଦକ ଦୀପ୍ତିକାନ୍ତ ମିଶ୍ର, ସଭ୍ୟ/ସଭ୍ୟା ପ୍ରଫୁଲ୍ଲ କୁମାର ଦାସ, ରତ୍ନାକର ଦାସ, ରାଜେଶ ଗିରି, ହରେନ୍ ଚନ୍ଦ୍ର ରଣା, ରମେଶ ଚନ୍ଦ୍ର ଜେନା, ସୁଧାଂଶୁ ଦାସ, ବିଜୟ କୁମାର ବେହେରା, ଅଜିତ୍ କୁମାର ବରାଳ, ଅନୁସୂୟା ନାୟକ, କଲ୍ୟାଣୀ ନନ୍ଦ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ନିରଞ୍ଜନ ପରିଡ଼ା, ସମାଜସେବୀ ଅରୁଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ସଭ୍ୟ ଗୌରାଙ୍ଗ ପାଣିଗ୍ରାହୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।



# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଉତ୍କଳ ଗୌରବ ମଧୁସୂଦନ ଦାସ ଜୟନ୍ତୀ ଓ ଆଇନଜୀବୀ ଦିବସ ପାଳନ




ବାଲେଶ୍ୱର(ନି.ପ୍ର.) ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ସହ ଆଇନଜୀବୀ ଦିବସ ଏକ ଶିକ୍ଷାମୂଳକ ପରିବେଶରେ ପାଳିତ ହୋଇଯାଇଛି ।

ଏହି କାର୍ଯ୍ୟକ୍ରମଟି ଶିକ୍ଷାଗତ ସମୃଦ୍ଧିର ଦୃଷ୍ଟିକୋଣରେ ଆୟୋଜିତ ହୋଇ, ମଧୁସୂଦନ ଦାସଙ୍କ ଜୀବନ ଓ ଆଦର୍ଶକୁ ଆଜିର ସମାଜରେ ପୁନଃସ୍ମରଣ କରିବା ସହ ଆଇନ ପେଶାର ଭୂମିକାକୁ ଆଲୋକିତ କରାଯାଇଥିଲା ।କାର୍ଯ୍ୟକ୍ରମର ଆରମ୍ଭରେ ଆବାହକ ପ୍ରଫେସର ପବିତ୍ର ମୋହନ ନାୟକ ସ୍ୱାଗତ ଉଦ୍ବୋଧନ ଦେଇ ଅତିଥିମାନଙ୍କ ପରିଚୟ କରାଇଥିଲେ । ସେ ମଧୁସୂଦନ ଦାସଙ୍କୁ ଜଣେ ପ୍ରଖ୍ୟାତ ଆଇନଜୀବୀ ଓ ସମାଜ ସୁଧାରକ ଭାବେ ସ୍ମରଣ କରି, ତାଙ୍କ ଆଦର୍ଶକୁ ଶିକ୍ଷାକ୍ଷେତ୍ରରେ ଅନୁସରଣ କରିବାର ଆହ୍ୱାନ ଛାତ୍ରଛାତ୍ରୀଙ୍କୁ ଜଣାଇଥିଲେ । ମୁଖ୍ୟ ଅତିଥି ଓ ସଭାର ସଭାପତି ଭାବେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ତାଙ୍କ ଅଧ୍ୟକ୍ଷୀୟ ଉଦବୋଧନରେ, ମଧୁସୂଦନ ଦାସଙ୍କୁ ଆଧୁନିକ ଓଡ଼ିଶାର ନିର୍ମାତା କହି ସମ୍ମାନ ପ୍ରଦାନ କରିଥିଲେ । ଏଥିସହ ମଧୁବାବୁଙ୍କ ନ୍ୟାୟବୋଧ ଓ ଆତ୍ମନିର୍ଭରତାର ଦୃଷ୍ଟିକୋଣକୁ ଉଲ୍ଲେଖ କରି, ଛାତ୍ରଛାତ୍ରୀମାନଙ୍କୁ ନୈତିକ ମୂଲ୍ୟବୋଧ ଓ ସାମାଜିକ ଦାୟିତ୍ୱରେ ସଚେତନ ହେବାକୁ ଆହ୍ୱାନ କରିଥିଲେ ।ଏହି ଅବସରରେ ସ୍ନାତକୋତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଉପସ୍ଥିତ ହୋଇ, ଆଇନ ଶିକ୍ଷାର ଅନ୍ତରବିଷୟକ ଗୁରୁତ୍ୱକୁ ଉଲ୍ଲେଖ କରି, ଶିକ୍ଷା ଓ ଗବେଷଣାରେ ନୂତନ ଦୃଷ୍ଟିକୋଣ ଗଢ଼ି ଉଠିବାର ପ୍ରୟୋଜନୀୟତା ବିଷୟରେ କହିଥିଲେ ।କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ , ଓଡ଼ିଶା ଉଚ୍ଚନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଶ୍ରୀମତୀ ମୃଣାଳିନୀ ପାଢ଼ୀ ଓ ଶ୍ରୀ ସୌର୍ଯ୍ୟକାନ୍ତ ପାଢ଼ୀ ତାଙ୍କ ଉଦବୋଧନରେ- ଆଇନ ପେଶାର ଚ୍ୟାଲେଞ୍ଜ, ନୈତିକତା ଓ ଦାୟିତ୍ୱ ବିଷୟରେ ଅନୁଭବ ସେୟାର କରି, ଯୁବ ଆଇନଜୀବୀମାନଙ୍କୁ ସତ୍ୟନିଷ୍ଠା ଓ ଅବିରତ ଅଧ୍ୟୟନରେ ଅଗ୍ରସର ହେବାକୁ ପ୍ରେରିତ କରିଥିଲେ ।ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ଇତିହାସ ପ୍ରଫେସର- ପ୍ରଫେସର ଅଶୋକ କୁମାର ପଟ୍ଟନାୟକ, ମଧୁସୂଦନ ଦାସଙ୍କ ଐତିହାସିକ ଅବଦାନ ଉପରେ ଆଲୋଚନା କରି, ଓଡ଼ିଶାର ପରିଚୟ ଗଢ଼ିବାରେ ତାଙ୍କ ଭୂମିକାକୁ ସ୍ମରଣ କରିଥିଲେ । ସମଗ୍ର କାର୍ଯ୍ୟକ୍ରମଟି ଶ୍ରୀ ଶଶାଙ୍କ ଶେଖର ଗଡ଼ନାୟକଙ୍କ ସମନ୍ୱୟରେ ସୁଚାରୁ ଭାବେ ପରିଚାଳିତ ହୋଇଥିଲା ଓ ଶେଷରେ ଡ଼କ୍ଟର ଆକାଶ ମଲ୍ଲିକ ଔପଚାରିକ ଧନ୍ୟବାଦ ଜଣାଇ ସମସ୍ତଙ୍କ ପ୍ରତି କୃତଜ୍ଞତା ବ୍ୟକ୍ତ କରିଥିଲେ ।

# ବିଜେପି ବାଲେଶ୍ୱର ସାଙ୍ଗଠନିକ ଜିଲ୍ଲା ପକ୍ଷରୁ ଜନ ଆକ୍ରୋଶ ମହିଳା ସମାବେଶ




ବାଲେଶ୍ୱର(ନି.ପ୍ର.)ଆଜି ବାଲେଶ୍ୱର ମିଶନ ପଡ଼ିଆରେ ବାଲେଶ୍ୱର ସଦର, ରେମୁଣା, ନୀଳଗିରି, ସୋର ଓ ସିମୁଳିଆ ବିଧାନସଭା କ୍ଷେତ୍ରକୁ ନେଇ ବାଲେଶ୍ୱର ସାଂଗଠନିକ ଜିଲ୍ଲା ବିଜେପି ପକ୍ଷରୁ ଜନ ଆକ୍ରୋଶ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି, ଗତ ଏପ୍ରିଲ ମାସ ୧୬,୧୭ ଓ ୧୮ ତାରିଖରେ ଲୋକସଭାରେ ସ୍ୱତନ୍ତ୍ର ଅଧିବେଶନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ନାରୀ ଶକ୍ତି ବନ୍ଦନ ଅଧିନିୟମ ବିଲ୍ ଆଗତ ହୋଇଥିବା ବେଳେ ଏନ୍ ଡି ଏ ସପକ୍ଷ ରେ ୨୯୮ ଭୋଟ ମିଳିଥିବା ବେଳେ ବିଲ୍ ବିରୋଧ ରେ ୨୩୦ ଭୋଟ ମିଳିଥିଲା, ଦୁଇ ତୃତୟାଂଶ ସପକ୍ଷ ଭୋଟ ନପାଇବାରୁ ଏହି ବିଲ୍ ପାରିତ ହୋଇ ପାରିନଥିଲା । ଗତ ୧୫ ତାରିଖରେ ବାଲେଶ୍ୱରରେ ମହିଳା ରାଲି, ପ୍ରେସ୍ ମିଟ ଭଳି ଅନେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ଆଜି ଉକ୍ତ ସଭା ଆୟୋଜନ କରାଯାଇଥିଲା ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଷମା ରାଣୀ ବିଶ୍ୱାଳ ମଂଚ ପରିଚାଳନା କରିଥିଲେ । ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ତାଙ୍କ ଉଦବୋଧନରେ ବିରୋଧୀ କଂଗ୍ରେସ ଓ ବିଜେଡି କଟୁ ଭାଷାରେ ସମାଲୋଚନା କରିଥିଲେ ସେ ତାଙ୍କ ବକ୍ତବ୍ୟରେ ବିଜେଡିକୁ କହିଲେ କି ଯେଉଁ ଦଳ ସରକାର ଥିବା ସମୟରେ କୁମ୍ଭୀର କାନ୍ଦଣା କାନ୍ଦୁଥିଲେ ସେମାନେ ଆଜି ଏହି ବିଲକୁ ସଂସଦରେ ବିରୋଧ କରିବା ନାରୀ ମାନଙ୍କ ପ୍ରତି ଅପମାନ ବୋଲି କହିଥିଲେ । ଆଗାମୀ ସ୍ଥାନୀୟ ନିର୍ବାଚନରେ ଏହି ନାରୀ ବିରୋଧୀ ଦଳମାନଙ୍କୁ ଉପଯୁକ୍ତ ଜବାବ ଦେବାକୁ ଆହ୍ୱାନ ଦେଇଥିଲେ । ଆଗାମୀ ଦିନରେ ମଣ୍ଡଳ ସ୍ତରରେ ଏହି ଜନ ଆକ୍ରୋଶ ମହିଳା ସମାବେଶ କରାଯିବ ବୋଲି ସେ ତାଙ୍କ ବକ୍ତବ୍ୟ କହିଥିଲେ ଓ ଏହାକୁ ସଫଳ କରିବା ପାଇଁ ମହିଳାମାନଙ୍କୁ ପ୍ରେରିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ସଦର ବିଧାୟକ ମାନସ ଦତ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ତଥା ରେମୁଣା ସଂଯୋଯୋକ ସିପ୍ରା ରେଖା ମହାପାତ୍ର, ରାଜ୍ୟ ଉପ ସଭାପତି ସିପ୍ରା ବାଜପେୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ତଥା ସାଂଗଠନିକ ସଂଯୋଜକ ମମତା ମହାପାତ୍ର, ଜିଲ୍ଲା ଉପ ସଭାପତି ତଥା ସିମୁଳିଆ ସଂଯୋଜକ ଭାରତୀ ମଲ୍ଲିକ୍, ଜିଲ୍ଲା ସମ୍ପାଦିକା ତଥା ସୋର ସଂଯୋଜକ ସୁଭଦ୍ରା ପାଢ଼ୀ ନଗର ସଭାନେତ୍ରୀ ସଦର ସଯୋଜକ ସୁସ୍ମିତା ପଣ୍ଡା, ନୀଳଗିରି ସଂଯୋଜକ ନିବେଦିତା ପଣ୍ଡା ପ୍ରମୁଖ ନିଜ ନିଜର ମତ ରଖିଥିଲେ ଓ ବିରୋଧୀ ଦଳଙ୍କ ନାରୀ ବିରୋଧୀ ଆଚରଣରେ କ୍ଷୋଭ ପ୍ରକାଶ କରିଥିଲେ । ପରିଶେଷରେ ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା ସମାରୋପ ବ୍ୟକ୍ତବ୍ୟ ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

# ସ୍ୱାଭିମାନ ଦିବସ ପାଳିତ



ବାଲେଶ୍ୱର(ନି.ପ୍ର.) ବାଲେଶ୍ୱର ସମ୍ବାଦ ପକ୍ଷରୁ ସ୍ୱାଭିମାନ ଦିବସ ପାଳିତ ହୋଇଯାଇଛି । ମଧୁବାବୁଙ୍କ କେବଳ ଉତ୍କଳ ଗୌରବ ନୁହନ୍ତି, ତାଙ୍କୁ ଭାରତ ଗୌରବ ବୋଲି କହିଲେ ବି ଭୁଲ ହେବ ନାହିଁ । ସ୍ୱାଭିମାନର ସହ ବଂଚିବା ପାଇଁ ମଧୁବାବୁଙ୍କ ଅବଦାନ ଅତୁଳନୀୟ । ଓଡ଼ିଆ ଭାଷା ପ୍ରତି ତାଙ୍କର ଯେତିକି ଦୁର୍ବଳତା ଥିଲା ଇଂରାଜୀ ଭାଷାରେ ସେତିକି ଦକ୍ଷତା ଥିଲା । ଭାଷାର ଟେକ ନ ରଖିଲେ ରାଜ୍ୟର ପ୍ରଗତି କେବେ ବି ସମ୍ଭବ ନୁହେଁ ବୋଲି ସେ ହୃଦବୋଧ କରିଥିଲେ । ସେ ସମୟର ତାଙ୍କ ଲେଖାକୁ ଦେଖିବା ପରେ ଯାହା ହୃଦବୋଧ ହୁଏ, ୧୭୮ ବର୍ଷ ପରେ ବି ଓଡ଼ିଆ ଭାଷା ଯେଉଁ ମାନ୍ୟତା ପାଇବା କଥା, ତାହା ପାଇ ନାହିଁ । ଓଡ଼ିଆ ଭାଷାର ସ୍ୱତନ୍ତ୍ରତା ରହିବା ଉଚିତ । ବାଲେଶ୍ୱର ଜିଲ୍ଲା ସମ୍ବାଦ ଆମ ଓଡ଼ିଶା ପକ୍ଷରୁ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ତଥା ସ୍ୱାଭିମାନ ଦିବସ ପାଳନ ଅବସରରେ ଅତିଥି ଭାବେ ଯୋଗ ଦେଇ ବାଲେଶ୍ୱର ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସର୍ବେଶ୍ୱର ସାହୁ କହିଛନ୍ତି । 'ସମ୍ବାଦ' ଉତରଓଡ଼ିଶା ସଂସ୍କରଣ ମୁଖ୍ୟ ଚିତରଞ୍ଜନ ଚିରଞ୍ଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହ ସ୍ୱାଭିମାନ ଦିବସ ପାଳନ ସମ୍ପର୍କରେ କହିଥିଲେ । ଅନ୍ୟତମ ଅତିଥି ବରିଷ୍ଠ ଆଇନଜୀବୀ ପୁରୁଷୋତମ ବିଶ୍ୱାଳ କହିଛନ୍ତି, ମଧୁବାବୁ କବି ନଥିଲେ, ସେ ଯାହା ଲେଖିଥିଲେ ନିଜ ଆତ୍ମାରୁ ନିଜ ଅନୁଭବରୁ ଲେଖୁଥିଲେ । ଏତେ ବର୍ଷ ପୂର୍ବରୁ ଯେଉଁ ଲେଖା ସେ ଲେଖି ଯାଇଛନ୍ତି ଆଜି ପର୍ଯ୍ୟନ୍ତ ସେଭଳି ଲେଖାଟିଏ ଦେଖିବାକୁ ମିଳୁ ନାହିଁ । ଫକୀର ମୋହନଙ୍କ ସହ ମଧ୍ୟ ତାଙ୍କର ଥିଲା ନିବିଡ଼ ସମ୍ପର୍କ । ଉଭୟେ ଓଡ଼ିଆ ଭାଷାକୁ ଆଗକୁ ନେବା ପାଇଁ ଲେଖୁଥିଲେ ।ଏଫ୍ ?ଏମ୍ ? କଲେଜ୍ ? ରାଜନୀତି ବିଜ୍ଞାନ ବିଭାଗର ସହକାରୀ ପ୍ରଫେସ ? ସନ୍ତୋଷ କୁମାର ରାଉତ ଅତିଥି ଭାବେ ଯୋଗ ଦେଇ 'ପ୍ରତ୍ୟେକ ଓଡ଼ିଆ ସ୍ୱାଭିମାନର ସହ ବଂଚନ୍ତୁ ବୋଲି ଚାହୁଁଥିବା ମଧୁବାବୁ ଓଡ଼ିଆ ଅସ୍ମିତାର ପ୍ରତୀକ' ଥିଲେ ବୋଲି କହିଥିଲେ । 'ସମ୍ବାଦ' ଜିଲ୍ଲା ପ୍ରତିନିଧି ରିତେନ୍ଦ୍ର ଛାଟୋଇ ସ୍ୱାଗତ ଭାଷଣ ଦେବା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଅତିଥିଙ୍କୁ ସ୍ୱାଗତ ପରେ ମଧୁସୂଦନ ଦାସଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସମ୍ବାଦ ସାହିତ୍ୟ ଘରର ଉପସଭାପତି ଅର୍ଚ୍ଚନା ନନ୍ଦୀ ମଧୁବାବୁଙ୍କର ଜୀବନୀ ପାଠ କରିଥିବା ବେଳେ ସହ ସଂପାଦିକା କଲ୍ୟାଣୀ ନନ୍ଦ ମଧୁ ବାବୁଙ୍କ କବିତା ପାଠ କରିଥିଲେ । ଜ୍ୟୋତ୍ସ୍ନା ରାୟ, ପ୍ରତିମା ପଣ୍ଡା, ସନାତନ ଦାସ, କୁମରନାଥ ପାତ୍ର, ହରେକୃଷ୍ଣ ପଲେଇ, ପ୍ରଭାକର ସାହୁ, ମହେନ୍ଦ୍ର ପ୍ରସାଦ ପାଣିଗ୍ରାହୀ, ପୁଷ୍ପଲତା ଚକ୍ରବର୍ତୀ, ସୁନାମଣି ଜେନା, ଆଶ୍ରୀତା ତରେଇ, ସୁବ୍ରତା ମହାନ୍ତି, କ୍ଷିତୀଶ୍ୱର ଦାଶ, ପ୍ରଫୁଲ୍ଲ କୁମାର ଦାସ, ରମେଶ ଚନ୍ଦ୍ର ଜେନା, ଡ. କାଳୀପଦ ପଣ୍ଡା, ନିରୋଦ କୁମାର ସାହୁ, ସେକ୍ ? ଅସଗର ଅଲ୍ଲୀ, ତୁଷାରକାନ୍ତି ମହାପାତ୍ର, ନିତ୍ୟାନନ୍ଦ ରାଉତ, ଅରୁଣ ଜେନା, ମଧୁସୂଦନ ମାଝୀ, ପ୍ରିୟାରାଣୀ ମଲ୍ଲିକ, ଦିଲ୍ଲୀପ କୁମାର ଚକ୍ରବର୍ତୀ, ଦେବାଶିଷ ସିଂହ, ଗୌରାଙ୍ଗ ପାଣିଗ୍ରାହୀ, ହ୍ରିତିକ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । 'ସମ୍ବାଦ'ର ବରିଷ୍ଠ ସହ ସମ୍ପାଦକ ରୁଦ୍ରରଞ୍ଜନ ଶେଜପଡ଼ା ଧନ୍ୟବାଦ ପ୍ରଦାନ କରିଥିଲେ ।

# ସଦର ବିଜେଡି ପକ୍ଷରୁ ମଧୁବାବୁ ଜୟନ୍ତୀ ପାଳିତ

ବାଲେଶ୍ୱର(ନି.ପ୍ର.) ବିଜୁ ଜନତା ଦଳ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ତରଫରୁ ରାଜ୍ୟ ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ତଥା ପୂର୍ବତନ ସଦର ବିଧାୟକ ସ୍ୱରୂପ ଦାସଙ୍କ ପ୍ରତ୍ୟେକ ତତ୍ୱାବଧନରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ବାଲେଶ୍ୱର




କଚେରୀ ହୋତାରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତିରେ ସାମୁହିକ ପୁଷ୍ପମାଲ୍ୟ ଅର୍ପଣ କରିଯିବା ସହ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଯାଇଥିଲା । ?ଓଡ଼ିଶାର ସ୍ୱାଭିମାନ ଓ ନବ ନିର୍ମାଣର ସେ ଥିଲେ ମୁଖ୍ୟ ସୂତ୍ରଧର । ତାଙ୍କର ଆଦର୍ଶ ଓ ସଂଗ୍ରାମ ଆମ ସମସ୍ତଙ୍କ ପାଇଁ ସଦା ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ଉପସ୍ଥିତ ଅତିଥି ମାନେ ମତବ୍ୟକ୍ତ କରିଥିଲେ ।ଏହି କାର୍ଯ୍ୟକ୍ରମରେ ସ୍ୱରୂପ ଦାସଙ୍କ ସମେତ,ବିଜେଡି ମୁଖପାତ୍ର ଡ଼ ଲେଖାଶ୍ରୀ ସାମନ୍ତସିଂହାର,ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗରିଶ ଚନ୍ଦ୍ର ଦାଶ,ବରିଷ୍ଠ ବିଜେଡି ନେତା ରଂଜନ ବାଗ,ପୌରପରିଷଦ ଉପାଧ୍ୟକ୍ଷ କୈଳାସ ସେଠୀ,ଟାଉନ ବିଜେଡି ସଭାପତି ମନୋଜ ରାଉତ,ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଧିରେନ ନାୟକ,କାଉନସିଲର ମୀନା ମହାନ୍ତି,ମୀତା ପଟ୍ଟନାୟକ,ସଂଧ୍ୟାରାଣୀ ଜେନା,ଶଶିରେଖା ମହାନ୍ତି,ରାଜଲକ୍ଷ୍ମୀ ଚାଟାର୍ଜୀ,କାର୍ତିକ ସାହୁ,ବିଜେଡି ନେତା ରିତିକ ଜୀ,ପୂର୍ବତନ କାଉନସିଲର ବିଶ୍ୱଜିତ ମହାପାତ୍ର,ରମେଶ ମାଝି,ସଞ୍ଜୟ ବେହେରା,ନଳିନୀକାନ୍ତ ଦାସ,ଦେବାଶିଷ ଦାଶ,ଅଶୋକ ଆଢ୍ୟ,ଅତୁଲ ଶତପଥି,ସେକ ଅନସର,ଅଶୋକ ଦାସ,ପୂର୍ବତନ ରାଜ୍ୟ ଛାତ୍ର ବିଜେଡି ସମ୍ପାଦକ ବିଭୁଦତ ପରିଡା,ତପନ ଦାସ,ବିକାଶ ବେହେରା,ସୌଭାଗ୍ୟ ଖୁଂଟିଆ,ହର୍ଷ ଖଣ୍ଡେଲୱାଲ ପ୍ରମୁଖ ଉପସ୍ଥିତ ଥିଲେ ।

# ସ୍ମାର୍ଟ ଓଡ଼ିଶା ହାକାଥନ ୩.୦ ଏବଂ '+୨ ବିଜ୍ଞାନ ଓଡ଼ିଆରେ ପଢ଼ିବା' କାର୍ମଶାଳା ଅନୁଷ୍ଠିତ

ବାଲେଶ୍ୱର(ନି.ପ୍ର.): ଆଜି ପୂର୍ବାହ୍ନ ୧୦.୩୦ ଘଟିକା ସମୟରେ ଫକୀର ମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆନୁକୁଲ୍ୟରେ 'ସ୍ମାର୍ଟ ଓଡିଶା ହାକାଥନ ୩.୦' ଏବଂ '+୨ ବିଜ୍ଞାନ ଓଡ଼ିଆ ରେ ପଢ଼ିବା' କାର୍ମଶାଳା ଅନୁଷ୍ଠିତ ହୋଇଛି । ସର୍ବ ପ୍ରଥମେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ଏଠାରେ ମୁଖ୍ୟ ଅତିଥି ଭାବେ ପ୍ରବନ୍ଧ ନିର୍ଦ୍ଦେଶକ, ଆଇ.ଆଇ.ଟି. ଭୁବନେଶ୍ୱର ଶ୍ରୀଯୁକ୍ତ ସାକ୍ୟସିଂହ ମହାପାତ୍ର ଯୋଗ ଦେଇଥିଲେ ।ତାଙ୍କ ସହିତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ବସନ୍ତ କୁମାର ନାୟକ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁଶ୍ରୀ ପୂର୍ଣ୍ଣିମା ଦାଶ, ଗବେଷଣା ଓ ସାଯୋଜକ, ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥା, ଶ୍ରୀଯୁକ୍ତ ନିରଦ ବରଣ ଖୁଂଟିଆ, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଶ୍ରୀଯୁକ୍ତ ଇନ୍ଦ୍ରଜିତ ପାତ୍ର ଏବଂ ଭାରପ୍ରାପ୍ତ ଅଧ୍ୟକ୍ଷା, ଫକୀର ମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସୁଶ୍ରୀ ଅପର୍ଣ୍ଣା ସେଠୀ ମଂଚାସୀନ ଥିଲେ ।ଅତିଥି ମାନେ 'ସ୍ମାର୍ଟ ଓଡିଶା ହାକାଥନ ୩.୦' ଏବଂ '+୨ ବିଜ୍ଞାନ ଓଡ଼ିଆ ରେ ପଢ଼ିବା' କାର୍ଯ୍ୟ କ୍ରମର ମହତ୍ୱ ସମ୍ବନ୍ଧରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ସୁଶ୍ରୀ ଶ୍ୱେତପଦ୍ମା ସାହୁ ମଂଚ ପରିଚାଳନା କରିଥିଲେ । 'ସ୍ମାର୍ଟ ଓଡିଶା ହାକାଥନ ୩.୦' ପାଇଁ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଅନୁଷ୍ଠାନରୁ ୧୭ ଗୋଟି ପ୍ରକଳ୍ପର ପ୍ରଦର୍ଶନ କରାଯାଇଥିଲା । ଏଥିରେ ମୋଟ ୩୮ ଜଣ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ । ତାଙ୍କ ସହିତ ୧୩ ଜଣ ମାର୍ଗଦର୍ଶକ ଶିକ୍ଷକ/ଶିକ୍ଷୟିତ୍ରୀ, ଅଧ୍ୟାପକ/ଅଧ୍ୟାପିକା ଉପସ୍ଥିତ ଥିଲେ । ଏଠାରେ ଶ୍ରୀଯୁକ୍ତ ସାକ୍ୟସିଂହ ମହାପାତ୍ର, ଶ୍ରୀଯୁକ୍ତ ବିଶ୍ୱରଂଜନ ଚମ୍ପତିରାୟ ଓ ପ୍ରଶାନ୍ତ କୁମାର ତ୍ରିପାଠୀ ବିଚାରକ ଭାବେ ନିୟୋଜିତ ହୋଇଥିଲେ । ୪ ଗୋଟି ପ୍ରକଳ୍ପକୁ ପୁରସ୍କୃତ କରଯାଇଥିଲା । ପରବର୍ତୀ ସମୟରେ ଏହି ପ୍ରକଳ୍ପ ଗୁଡ଼ିକ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ । ଦ୍ୱିତୀୟ ଅଧିବେଶନରେ '+୨ ବିଜ୍ଞାନ ଓଡ଼ିଆ ରେ ପଢ଼ିବା' କାର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏଠାରେ ରିସୋର୍ସ ପର୍ସନ, ଶ୍ରୀଯୁକ୍ତ ନିରଦ ବରଣ ଖୁଂଟିଆ ଓ ଜିଲ୍ଲା ଶିକ୍ଷା ଅଧିକାରୀ, ଶ୍ରୀଯୁକ୍ତ ବସନ୍ତ କୁମାର ନାୟକ ପ୍ରଶିକ୍ଷକ ଭାବେ ମୋଟ ୩୭ ଜଣ ବିଜ୍ଞାନ ଅଧ୍ୟାପକ/ଅଧ୍ୟାପିକା, ଅଧ୍ୟକ୍ଷ/ଅଧ୍ୟକ୍ଷା ମାନଙ୍କୁ ତାଲିମ ପ୍ରଦାନ କରିଥିଲେ ।



# ସାଂସଦଙ୍କ ପ୍ରତିନିଧି ଭାବେ ସୁନୀଲ ପଟ୍ଟନାୟକଙ୍କୁ ଦାୟିତ୍ୱ



ତାଳଚେର(ନିପ୍ର): ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ତାଳଚେର ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ ପାଇଁ ପ୍ରତିନିଧି ନିଯୁକ୍ତି କରିଛନ୍ତି । ବିଜେପି ଯୁବ ନେତା ସୁନୀଲ ପଟ୍ଟନାୟକଙ୍କୁ ତାଳଚେର ମେଡିକାଲ କଲେଜର ସାଂସଦଙ୍କ ପ୍ରତିନିଧି ଭାବେ ଦାୟିତ୍ୱ ଦେଇଛନ୍ତି ସାଂସଦ ଶ୍ରୀ ପାଣି । ବିଗତ ୨୫ ବର୍ଷ ହେବ ଶ୍ରୀ ପଟ୍ଟନାୟକ ନିରବଚ୍ଛିନ୍ନ ଭାବେ ତାଳଚେର ସେଂଟ୍ରାଲ ହସ୍ପିଟାଲ ତଥା ବର୍ତ୍ତମାନର ତାଳଚେର ମେଡିକାଲ କଲେଜ ରେ ସଦାସର୍ବଦା ଉପସ୍ଥିତ ରହି ରୋଗୀ ମାନଙ୍କର ସେବା କରିବା ସହ ଭଲମନ୍ଦ ବୁଝି ଆସୁଛନ୍ତି । ସାଂସଦଙ୍କ ତାଳଚେର ଗସ୍ତ ବେଳେ ତାଳଚେର ମେଡିକାଲ କଲେଜ ପ୍ରିନସିପାଲ ଡ଼ଃ କୀର୍ତିରେଖା ମହାପାତ୍ର କୁ ଫୋନ କରି ସାଂସଦ କହିବା ସହ ଲିଖିତ ଭାବେ ଜଣାଇଛନ୍ତି । ସାଂସଦ ଙ୍କ ସହ ବିଜେପି ଜୋନାଲ ମିଡ଼ିଆ ସେଲ ସଂଯୋଜକ ପର୍ଶୁରାମ ବାରିକ ଉପସ୍ଥିତ ରହି ଶ୍ରୀ ପଟ୍ଟନାୟକ ଙ୍କୁ ନୂତନ ଦାୟିତ୍ୱ ପ୍ରଦାନ କରିଛନ୍ତି । ସଠିକ ଲୋକଙ୍କୁ ସଠିକ ଦାୟିତ୍ୱ ଦିଆ ଯାଇଥିବାରୁ ସମଗ୍ର ଅଂଚଳରେ ସାଂସଦ ଶ୍ରୀ ପାଣି ପ୍ରଶଂସା ର ପାତ୍ର ହୋଇଛନ୍ତି ।

# ସ୍ୱାଭିମାନ ଦିବସ ଉତ୍କଳ ଗୌରବ ମଧୁସୂଦନଙ୍କ ଦାସ ଙ୍କ ୧୭୯ତମ ପୁଣ୍ୟ ଜୟନ୍ତି ପାଳିତ

ଜଳେଶ୍ୱର(ନିପ୍ର): ମଙ୍ଗଳବାର ପୂର୍ବାହ୍ନ ୮ ଘଟିକା ସମୟରେ ଆମ ଓଡ଼ିଶା ସମ୍ବାଦ ସାହିତ୍ୟ ଘର ଜଳେଶ୍ୱର ଶାଖା ପକ୍ଷରୁ ଆଜି ରାଜପୁର ଫଂଚାୟତ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ସଭାରେ ଜଳେଶ୍ୱର ସାହିତ୍ୟ ଘର ଜଳେଶ୍ୱର ଶାଖାର ସଭାପତି ସୁଶାନ୍ତ କୁମାର ଦାସ ଅଧକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବରେ ରାଜପୁର ଫଂଚାୟତର ସରପଂଚ ମମତା ରାଣୀ ପରିଡା, ମୁଖ୍ୟ ବକ୍ତା ଭାବରେ ଅନ୍ୟତମ ଅତିଥି ଭାବେ ସମ୍ବାଦ ସାହିତ୍ୟ ଘର ଜଳେଶ୍ୱର ଶାଖା ର ସମ୍ପାଦକ ତଥା ଦିଗମ୍ବରୀଦେବୀ +୨ ବିଜ୍ଞାନ ଉଚ୍ଚ ମାଧମିକ ବିଦ୍ୟାଳୟ ଅଧକ୍ଷ ଶିକ୍ଷାବିତ୍ ଡ.ଅଜିତ କୁମାର ମହାନ୍ତି, ବକ୍ତବ୍ୟରେ ପ୍ରକାଶ କରିଥିଲେ ନିଷ୍ଠାପୂତ ସାଧନା- ଅବିଚଳିତ ଅପ୍ରତିହତ ଧାରଣାରେ ଜଡ଼ିତ ରହି ଆତ୍ମଜ୍ଞାନର ସଂଜ୍ଞା ପ୍ରାପ୍ତ ହୋଇଥିବା ସିଦ୍ଧ ସାଧକ ଙ୍କୁ ପ୍ରଣାମ । ସେ ବୁଝିଥିଲେ ମହତର ସ୍ୱପ୍ନ ପାଇଁ ପ୍ରାରବ୍ଧ ପୁଣ୍ୟର ପ୍ରେରଣା ଥାଇପାରେ, ତଥାପି ସଫଳତା ପାଇଁ ପୁରୁଷକାରର ଭୂମିକା ମୁଖ୍ୟ । ଉତ୍କଳ ପାଇଁ ଦେଖିଥିବା ସ୍ୱପ୍ନରେ ଥିଲା ପ୍ରତିଟି ଘଟଣା ବିନ୍ୟାସ, ଚେତନା ପ୍ରବାହ, ଆନ୍ତରୀଣ ଜୀବନ ଜିଜ୍ଞାସା, ଭାବ, ଭାଷା ଓ ଉତ୍କଳୀୟକୁ ପରିଚୟ ଦେବାପାଇଁ ପରାକାଷ୍ଠା । ଉତ୍କଳ ସମ୍ମିଳନୀ ଥିଲା ପ୍ରତି ଉତ୍କଳୀୟପାଇଁ ଅନ୍ନମୟ, ପ୍ରାଣମୟ, ମନୋମୟ, ବିଜ୍ଞାନମୟ ଓ ଆନନ୍ଦମୟ ଚେତନା ନିର୍ମାଣର ଭିତିଭୂମି । ଦିନରେ ପଗଡ଼ି ପୁରୁଷ, ଉତ୍କଳଗୌରବଙ୍କୁ ୧୭୯ ତମ ପୁଣ୍ୟ ଜୟନ୍ତୀ କୋଟି ପ୍ରଣାମ । ଆମ ଓଡ଼ିଶା ସମ୍ବାଦ ସାହିତ୍ୟ ଘର ର ପ୍ରାଣପ୍ରତିଷ୍ଠାତା ହେଉଛନ୍ତି ସେ ।ମ୍ୟରଞ୍ଜନ ପଟ୍ଟନାୟକ ଓଡ଼ିଶାର ଦ୍ୱିତୀୟ ସମ୍ବାଦ ସାହିତ୍ୟ ଘର ଜଳେଶ୍ୱର ଶାଖା କୁ ତାଙ୍କରି କରକମଳରେ ଉଦଘାଟିତ ହୋଇଥିଲା । ମଧ ବରେଣ୍ୟ ଅତିଥି ଭାବରେ ସମ୍ବାଦ ର ଉତର ବାଲେଶ୍ୱର ପ୍ରତିନିଧି ତଥା ସାହିତ୍ୟ ଘରର ସଂଯୋଜକ ସତ୍ୟବ୍ରତ ପ୍ରଧାନ, ଅନ୍ୟତମ ସମ୍ମାନୀତ ଅତିଥି ସମାଜସେବୀ ଗଣେଶ ଚନ୍ଦ୍ର ପାତ୍ର, ବରେଣ୍ୟ ଅତିଥି ଭାବରେ ସାମ୍ବାଦିକ ଅମର କୁମାର ଆଚାର୍ଯ୍ୟ, ପ୍ରାକ୍ତନ ସରପଂଚ ସମାଜ ସେବୀ ଦିଲ୍ଲୀପ କୁମାର ପରିଡ଼ା, ସମାଜସେବୀ ରାଧାଶ୍ୟାମ ସାହୁ, ଲାଇଫ ସ୍ୱେଚ୍ଛାସେବୀ ସଂଗଠନ ର ସଭାପତି ତ୍ରିଲୋଚନ ଗିରି, ୱାଡମେମ୍ବର ବିଷ୍ଣୁ ପ୍ରତାପ ପାଲ, ଉତମ କୁମାର ପାତ୍ର, ଦୀପକ କୁମାର ପ୍ରଧାନ, ସୁସ୍ମିତା ଦାସ, ଅର୍ଚ୍ଚନା ମହାନ୍ତି, ସାଧନା ବାସ୍କେ,ଏସ କେ ଆନମୁଲ, ଏସ କେ ଇସ୍ରାଏଲ, ଏ ଡି ଇ ଓ ପୁଷ୍ପାଞ୍ଜଳି ମାନ୍ନା ପ୍ରଭୃତି ବକ୍ତବ୍ୟ ପ୍ରଦାନ କରିଥିଲେ । ଏମ ବି କେ ଲକ୍ଷ୍ମୀପ୍ରିୟା ମହାନ୍ତି,ସୁଶିଳା ବେହେରା, ଶାନ୍ତି ଲତା ଖଟୁଆ, ଲକ୍ଷ୍ମୀ ପ୍ରିୟା ମଣ୍ଡଳ,ମଞ୍ଜୁ ସୈନୀ, ସବିତା ଦାସ, ଧନ୍ୟବାଦ ଅର୍ପଣ କରିଥିଲେ ସମ୍ବାଦ ସାହିତ୍ୟ ଘର ଜଳେଶ୍ୱର ଶାଖା ର ସଂଯୋଜକ ସତ୍ୟବ୍ରତ ପ୍ରଧାନ ।

# ଅଗ୍ନି ବିପନ୍ନ ପରିବାରଙ୍କୁ ସହଯୋଗ ର ହାତ ବଢ଼ାଇଲେ ସୁକାନ୍ତ ଓ ଲେଖାଶ୍ରୀ



ନୀଳଗିରି(ନିପ୍ର): ନୀଳଗିରି ବ୍ଲକ ସଜନାଗଡ଼ ଫଂଚାୟତ ଅଧୀନ ଭାଲୁକାଶୁଣି ଗ୍ରାମର ସ୍ୱର୍ଗତ ରବୀନ୍ଦ୍ର ସିଂ ଙ୍କ ସ୍ତ୍ରୀ ବୀଣାପାଣି. ସିଂ ଙ୍କର ଦୁଇପୁଅ ଓ ଦୁଇ ବହୁ ପୃଥକ ପୃଥକ ଭାବେ ଅଲଗା ରହି ଚଳି ଆସୁଥିଲେ । ଦିନ ଦୁଇ ପ୍ରହରରେ ଘରେ ହଠାତ ନିଆଁ ଲାଗି ୪ବଖରା ଘର ସମ୍ପୂର୍ଣ ପୋଡି ଯାଇଥିଲା । ଏହି ଭୟବହ ଅଗ୍ନି କାଣ୍ଡରେ ଘରେ ଥିବା ଧାନ ଚାଉଳ ଠାରୁ ଆରମ୍ଭ କରି ରାସନ କାର୍ଡ, ଭୋଟର ପରିଚୟ ପତ୍ର, ଜମି ଜମାର ସମସ୍ତ ଅତ୍ୟାବଶ୍ୟକ କାଗଜ ପତ୍ର ପୋଡ଼ି ଯାଇଥିଲା । ଖବର ପାଇ ନୀଳଗିରି ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକ ଓ ସାଂସଦ ପ୍ରାଥୀ ଡ଼.ଲେଖାଶ୍ରୀ ସାମନ୍ତ ସିଂହାର ଅଗ୍ନି ବିପନ୍ନ ପରିବାରଙ୍କୁ ଭେଟି ଘର ଛପର ମରାମତି ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ତାଙ୍କ ସହିତ ବରିଷ୍ଠ ନେତା ଗଙ୍ଗାଧର ମିଶ୍ର, ଉପେନ୍ଦ୍ର ନାୟକ, ଦିପୁ ବାଗ, ବାପି ବେହେରା, ସ୍ଥାନୀୟ ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ଥିଲେ ।

# ସାମ୍ବାଦିକଙ୍କ ବିଭିନ୍ନ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ



ନୟାଗଡ଼(ନିପ୍ର): ନୟାଗଡ଼ ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ସାମ୍ବାଦିକ ମାନଙ୍କର ବିଭିନ୍ନ ବହୁ ପ୍ରତୀକ୍ଷିତ ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ନୟାଗଡ଼ ଜିଲ୍ଲାପାଳଙ୍କ ଜରିଆରେ ପ୍ରେରିତ ଏହି ସ୍ମାରକପତ୍ରରେ ଜିଲ୍ଲାର କାର୍ଯ୍ୟରତ ସାମ୍ବାଦିକମାନଙ୍କ ସୁରକ୍ଷା ଓ କଲ୍ୟାଣ ନେଇ ୪ ଦଫା ଦାବି ଉପସ୍ଥାପନ କରାଯାଇଛି । ସଂଘ ପକ୍ଷରୁ ଦର୍ଶାଯାଇଥିବା ପ୍ରମୁଖ ଦାବିଗୁଡ଼ିକ ମଧ୍ୟରେ ରହିଛି ଅବସରପ୍ରାପ୍ତ ସାମ୍ବାଦିକମାନଙ୍କୁ ସମ୍ମାନଜନକ ପେନସନ ପ୍ରଦାନ କରିବା, କାର୍ଯ୍ୟରତ ସାମ୍ବାଦିକମାନଙ୍କ ସୁରକ୍ଷା ପାଇଁ ତୁରନ୍ତ ସ୍ୱତନ୍ତ୍ର ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବା, ବ୍ଲକ, ଜିଲ୍ଲା ଏବଂ ରାଜ୍ୟ ସ୍ତରରେ କାର୍ଯ୍ୟରତ ସାମ୍ବାଦିକ ମାନଙ୍କୁ ସରକାରୀ ସ୍ୱୀକୃତି ପ୍ରଦାନ ପାଇଁ ଆକ୍ରିଡ଼ିଏସନ କମିଟି ଗଠନ କରି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଏବଂ ସମସ୍ତ ସାମ୍ବାଦିକ ମାନଙ୍କୁ ଉଦ୍ଦିଷ୍ଟ ସ୍ୱାସ୍ଥ୍ୟ ବୀମା ଯୋଜନାରେ ପରିବାରର ବାପ, ମାଆ ଏବଂ ୨୫ ବର୍ଷରୁ ଉର୍ଦ୍ଧ୍ୱ ସନ୍ତାନ ମାନଙ୍କୁ ସାମିଲ କରିବା । ଏହି ଅବସରରେ ସଂଘର ସଦସ୍ୟ ମାନେ ପ୍ରକାଶ କରିଛନ୍ତି ଯେ, ସାମ୍ବାଦିକମାନେ ସମାଜର ବିଭିନ୍ନ ସମସ୍ୟାକୁ ଲୋକଲୋଚନକୁ ଆଣୁଥିବା ବେଳେ ସେମାନଙ୍କର ନିଜସ୍ୱ ସମସ୍ୟା ପ୍ରତି ସରକାର ଦୃଷ୍ଟି ଦେବା ଜରୁରୀ । ଏହି ଦାବିପତ୍ର ପ୍ରଦାନ ସମୟରେ ନୟାଗଡ଼ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ପ୍ରମୋଦ ପଟ୍ଟନାୟକ ଏବଂ ସମ୍ପାଦକ ସୁବାସ ଚନ୍ଦ୍ର ମହାପାତ୍ରଙ୍କ ସମେତ ସଦସ୍ୟ ଲୋକନାଥ ମିଶ୍ର, ପୁରୁଷୋତମ ମହାପାତ୍ର, ଗୋକୁଳ କୁମାର ଷଡ଼ଙ୍ଗୀ, ବିଭୁତି ଭୂଷଣ ପଟ୍ଟନାୟକ, ସୁଧାକର ମିଶ୍ର, ରଞ୍ଜନ ବେହେରା, ପ୍ରମୋଦ କୁମାର ନନ୍ଦ, ଜିତୁନ କୁମାର ମହାପାତ୍ର, ସତ୍ୟନାରାୟଣ ବେହେରା, ଦୀପକ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# 'ବନ୍ୟା ସୁରକ୍ଷା' ନାଁରେ ଚାନ୍ଦା ରାଜନୀତି : ରୁଦ୍ଧଦ୍ୱାର ବୈଠକରେ ଠିକାଦାରଙ୍କୁ ଧମକ

ଧାମନଗର(ନିପ୍ର): ଧାମନଗର ଅଂଚଳରେ ନଦୀବନ୍ଧ ସୁଦୃଢ଼ୀକରଣ କାର୍ଯ୍ୟକୁ ନେଇ ଅନିଶ୍ଚିତତା ଲାଗି ରହିଥିବା ବେଳେ ଏବେ 'ସଂସ୍କାର' ନାଁରେ ପିସି କାରବାରର ଅଭିଯୋଗ ସାମ୍ନାକୁ ଆସିଛି । ଗତ ରବିବାର ଆନନ୍ଦପୁର ସ୍ଥିତ ଏକ ଘୋରଇ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ଏକ ଗୁପ୍ତ ବୈଠକକୁ ନେଇ ଏବେ ସ୍ଥାନୀୟ ଅଂଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । 'ଧାମନଗର ସ୍ଥାୟୀ ବନ୍ୟା ସୁରକ୍ଷା ମଂଚ' ବ୍ୟାନର ରେ ଆୟୋଜିତ ଏହି ବୈଠକ ପ୍ରକୃତରେ ଅଂଚଳର ସୁରକ୍ଷା ପାଇଁ ଥିଲା ନା ଠିକାଦାରଙ୍କୁ ଭୟଭୀତ କରି ଚାନ୍ଦା ଆଦାୟ ପାଇଁ, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଦ୍ୱିତୀୟ କ୍ଷମତା କେନ୍ଦ୍ର ଅଘୋଷିତ ମନ୍ତ୍ରୀଙ୍କ ପ୍ରତିନିଧି ଙ୍କ ନେତୃତ୍ୱରେ ଆୟୋଜିତ ଏହି ବୈଠକରେ ଜଳସମ୍ପଦ, ପୂର୍ତ୍ତ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରାୟ ୧୦୦ରୁ ଅଧିକ ଠିକାଦାର ସାମିଲ ହୋଇଥିଲେ । ବାହାରକୁ 'ଲେସ୍ ଟେଣ୍ଡର ନ ପକାଇବା' ପାଇଁ ସଚେତନତା ବାର୍ତ୍ତା ଦିଆଯାଉଥିବା କୁହାଯାଉଥିଲେ ହେଁ, ବାସ୍ତବରେ ଏହା ଏକ 'ଧମକପୂର୍ଣ୍ଣ' ବୈଠକ ଥିଲା ବୋଲି ଜଣେ ଠିକାଦାର ନାମ ଗୋପନ ରଖି ଅଭିଯୋଗ କରିଛନ୍ତି । ବୈଠକରେ ସିଧାସଳଖ ନିର୍ଦ୍ଦେଶ ଦିଆଯାଇଛି ଯେ, ଟେଣ୍ଡର ଯିଏ ବି ପାଉ, କାମର ଏକ ସିଂହଭାଗ ଅରବିନ୍ଦଙ୍କ ନିକଟତମ ଲୋକଙ୍କୁ ଦେବାକୁ ପଡ଼ିବ । ଏପରିକି ୫ ରୁ ୧୦ ପ୍ରତିଶତ 'ଦଳୀୟ ଚାନ୍ଦା' ଦେବା ପାଇଁ ମଧ ବାଧ କରାଯାଇଥିବା ଚର୍ଚ୍ଚା ହେଉଛି । ଗୋଟିଏ ପଟେ ବୈତରଣୀ ଓ କୋଚିଲା ନଦୀବନ୍ଧ କାର୍ଯ୍ୟ ଅଧପନ୍ତରିଆ ହୋଇ ପଡ଼ି ରହିଛି । ଯାଜପୁର ପାର୍ଶ୍ୱ ବନ୍ଧ ସୁରକ୍ଷିତ ଥିବା ବେଳେ ଧାମନଗର ପାର୍ଶ୍ୱ ବର୍ଷ ବର୍ଷ ଧରି ଅବହେଳାର ଶିକାର ହୋଇଛି । କୋଚିଲା ନଦୀର ଶଇଲ ଠାରେ ୨.୫୧ କୋଟିର କାର୍ଯ୍ୟ ପାଇଥିବା ଠିକାଦାର ସତ୍ୟଜିତ ସାମଲ ୩୧% 'ଲେସ୍'ରେ ଟେଣ୍ଡର ନେଇଥିଲେ ମଧ ଏପର୍ଯ୍ୟନ୍ତ ଚୁକ୍ତିନାମା ସ୍ୱାକ୍ଷର କରିନାହାନ୍ତି । ସରକାର ଡଂଚଡଉ ମକ୍ସୟର ସଂଶୋଧନ କରି ଇଚଝ ବ୍ୟବସ୍ଥା ଲାଗୁ କରିବା ପରେ ଠିକାଦାରମାନେ ଅତ୍ୟଧିକ କମ୍ ଦରରେ ଟେଣ୍ଡର ପକାଉଛନ୍ତି, ଯାହା କାର୍ଯ୍ୟର ମାନ ଏବଂ ସମୟସୀମାକୁ ପ୍ରଭାବିତ କରୁଛି । ସ୍ଥାନୀୟ ବିଧାୟକ ତଥା ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଅଂଚଳର ଉନ୍ନତି ପାଇଁ ନିରନ୍ତର ପ୍ରୟାସ କରୁଥିବା ବେଳେ, ତାଙ୍କ ଅଗୋଚରରେ ଏଭଳି 'ସମାନ୍ତରାଳ ଶାସନ' ଓ 'ଚାନ୍ଦା ସଂସ୍କୃତି' ପାଇଁ ମନ୍ତ୍ରୀଙ୍କ ଭାବମୂର୍ତ୍ତିକୁ କ୍ଷୁଣ୍ଣ କରୁଥିବା ସ୍ଥାନୀୟ ଲୋକେ ଆଲୋଚନା କରୁଛନ୍ତି । ବର୍ଷା ଋତୁ ପୂର୍ବରୁ ଯଦି ଏହି ବିବାଦର ସମାଧାନ ନହୁଏ ଏବଂ ନଦୀବନ୍ଧ କାର୍ଯ୍ୟ ଶେଷ ନହୁଏ, ତେବେ ଧାମନଗର ବାସୀ ଏକ ବଡ଼ ବନ୍ୟା ବିପର୍ଯ୍ୟୟର ସମ୍ମୁଖୀନ ହେବା ଆଶଙ୍କା ଜୋର ଧରିଛି । ହେଲେ କିଛି ନଦୀ ବନ୍ଧ ସୁରକ୍ଷା ନାମର ଯେପରି ମନ୍ତ୍ରୀ ଙ୍କୁ ବଦ ନାମ କରୁଛନ୍ତି ଦିଗରେ ମନ୍ତ୍ରୀ ସ୍ୱତନ୍ତ୍ର ଦୃଷ୍ଟି ଦିଅନ୍ତୁ ।

# ବାର୍ଷିକ ଉତ୍ସବ ପାଳନ ଅବସରରେ ରକ୍ତଦାନ ଓ ନିଃଶୁଳ୍କ ଚିକିତ୍ସା ଶିବିର




ଖଇରା(ନିପ୍ର): ଖଇରା ତଥା ନୂଆଦିଲ୍ଲୀ ରେ ବିଭିନ୍ନ ସେବା ଓ ସାମାଜିକ କାର୍ଯ୍ୟକ୍ରମ ମାଧମରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଆୟୁଷ୍ମାନ ଫାଉଣ୍ଡେସନ ର ସପ୍ତମ ବାର୍ଷିକ ଉତ୍ସବ ଗୁରୁଗ୍ରାମ ସ୍ଥିତ ମାରୁତିକୁଞ୍ଜ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇ ଯାଇଅଛି । ଏହି ଅବସରରେ ଆୟୋଜିତ ରକ୍ତ ଦାନ ଶିବିର ଏବଂ ନିଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର ରେ ମୁଖ୍ୟ ଅତିଥି ଭାବେ ମହାମାୟା ଲାଇଫ ସାଇନ୍ସ ର ମୁଖ୍ୟ ନିର୍ଦ୍ଦେଶକ ଗଣେଷନ କ୍ରୀଷ୍ଣମୂର୍ତି, ଉପ ସଭାପତି ଅମରେନ୍ଦ୍ର ମହାପାତ୍ର ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ମୋଟ ୭୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିବା ବେଳେ ୧୦୦ ରୁ ଉର୍ଦ୍ଧ୍ୱ ସଂଖ୍ୟାରେ ଲୋକେ ଆଖି ପରୀକ୍ଷା କରିଥିଲେ । ଆୟୁଷ୍ମାନ ଫାଉଣ୍ଡେସନର ସଂସ୍ଥାପକ ଶ୍ରୀମନ୍ତ ବିଶ୍ୱାଳଙ୍କ ଅଧକ୍ଷତା ରେ ରୋଟାରି ବ୍ଲଡ଼ ସେ୍ରିର ଗୁରୁଗ୍ରାମ ପକ୍ଷରୁ ରକ୍ତ ସଂଗ୍ରହ କରାଯାଇ ଥିବା ବେଳେ ସେଂଟର ଫର ସାଇଟ ପକ୍ଷରୁ ଚକ୍ଷୁ ପରୀକ୍ଷା ହୋଇଥିଲା । ଆୟୁଷ୍ମାନ ଫାଉଣ୍ଡେସନ ର ସଭାପତି ନିବେଦିତା ଜେନା, ସଦସ୍ୟ ଭୂପତି ରାଉତ, ପ୍ରଦୀପ ବେହେରା, ବିଭୁତିସାହୁ, ଆଲୋକ ରଞ୍ଜନ, ଅନ୍ତର୍ଯ୍ୟାମୀ ମହାପାତ୍ର, ଆଲୋକ ମହୁରୀ, ଜଗନ୍ନାଥ ମନ୍ଦିର ସଭାପତି ସୌମ୍ୟ ରଞ୍ଜନ ରଥ, ସମ୍ପାଦକ ସରୋଜ ସାହୁ , କୋଷାଧକ୍ଷ ସାହାଜି ରାଉତ, ପବିତ୍ର ରାଉତ, ରାଷ୍ଟ୍ରୀୟ ପ୍ରବାସୀ ଓଡ଼ିଆ ପରିବାର ସଭାପତି ମୀନ କେତନ ସାମଲ, ପ୍ରବୀର ମହାନ୍ତି, ସୁଧାଂଶୁ ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ ।

# ରୋଟାରୀ କ୍ଲବ୍ କେନ୍ଦୁଝରକୁ ରୋଟାରୀ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣରଙ୍କ କ୍ଲବ ପରିଦର୍ଶନ



କେନ୍ଦୁଝର(ନିପ୍ର): ରୋଟାରୀ ଭବନ ଠାରେ ରୋଟାରୀ କ୍ଲବ କେନ୍ଦୁଝରଗଡ଼ ଶାଖାକୁ ଅଫିସିଆଲ୍ ପରିଦର୍ଶନ କରିଛନ୍ତି ରୋଟାରୀ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ରୋଟାରିଆନ ମନୋଜ ତ୍ରିପାଠୀ ଓ ତାଙ୍କ ସହଧର୍ମିଣୀ ମଧୁସ୍ମିତା ତ୍ରିପାଠୀ । ରୋଟାରୀ କ୍ଲବ କେନ୍ଦୁଝରଗଡ଼ ଶାଖା ସଭାପତି ହରିହର ମହାନ୍ତଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆସିଷ୍ଟାଂଟ ଗଭର୍ଣ୍ଣର ମାନସ ରଞ୍ଜନ ଆଚାର୍ଯ୍ୟ, ଇନରହୁଇଲ କେନ୍ଦୁଝର ସଭାପତି ସୋନାଲି ସିଂହ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ରୋଟାରିଆନ ନିରୁପମା ସ୍ୱାଇଁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ରୋଟାରୀ କ୍ଲବ କେନ୍ଦୁଝରଗଡ଼ ଶାଖା ପକ୍ଷରୁ ହାତକୁ ନିଆଯାଇଥିବା ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ସମ୍ପର୍କରେ ରୋଟାରୀ କ୍ଲବ କେନ୍ଦୁଝରଗଡ଼ ସମ୍ପାଦକ ବିଜୟ କୁମାର ବେହେରା ବିସ୍ତୃତ ଭାବେ ସୂଚନା ପ୍ରଦାନ କରିଥିବା ବେଳେ ରୋଟାରିଆନ ଇଂ. ସୁରେଶ ଚନ୍ଦ୍ର ଖଟୋଇଙ୍କ ଦ୍ୱାରା ସମ୍ପାଦିତ ଗୋନାସିକା ସ୍ମରଣିକାକୁ ଅତିଥିଗଣ ଉନ୍ମୋଚିତ କରିଥିଲେ । ରୋଟାରୀ କ୍ଲବ କେନ୍ଦୁଝରଗଡ଼ ଶାଖା ପକ୍ଷରୁ ବୈଦ୍ୟରାଜ ସାହିର ରମେଶ ନାଏକଙ୍କୁ ଏକ ହୁଇଲ୍ ଚେୟାର, ୮ ଜଣ ମହିଳାଙ୍କୁ ୱାଟର ଫିଲ୍ଟର୍ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ରୋଟାରିଆନ ମନୋଜ ତ୍ରିପାଠୀ ପ୍ରଦାନ କରିଥିଲେ । ଏହି ଅବସରରେ ୭ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଙ୍କର ଶିକ୍ଷାଦାନ କ୍ଷେତ୍ରରେ ଉତ୍କର୍ଷତା ପାଇଁ ରୋଟାରୀ ନେସନ ବିଲଡର ଆୱାର୍ଡ଼ ପ୍ରଦାନ କରାଯାଇଥିଲା । ନିମନ୍ତ୍ରିତ ଅନ୍ୟ ରୋଟାରୀ କ୍ଲବର ସଦସ୍ୟଙ୍କୁ ମଧ ଏହି ଅବସରରେ ସମ୍ମାନିତ କରାଯାଇଥିଲା । ରୋଟାରୀ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ରୋଟାରୀ କ୍ଲବ କେନ୍ଦୁଝରଗଡ଼ ୪୭ ବର୍ଷ ଧରି କରି ଆସୁଥିବା ବିଭିନ୍ନ ଜନକଲ୍ୟାଣ ମୂଳକ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ । ତଦ୍‌ସହିତ ରୋଟାରୀ କ୍ଲବ କେନ୍ଦୁଝରଗଡ଼ ର ନୂତନ ବ୍ୟବସାୟିକ ବିଲ୍ଡିଂ କୁ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଉଦଘାଟନ କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମ ରୋଟାରୀ କ୍ଲବ କେନ୍ଦୁଝରଗଡ଼ ଶାଖାର ସମସ୍ତ ସଦସ୍ୟ ଓ ସଦସ୍ୟା,ଇନରହୁଇଲ କ୍ଲବର ସମସ୍ତ ସଦସ୍ୟାଙ୍କ ସହଯୋଗରେ ସୁଚାରୁ ରୂପେ ସମ୍ପାଦନ କରାଯାଇଥିଲା । ଶେଷରେ ରୋଟାରିଆନ ଦେବବ୍ରତ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶ୍ରୀରାମ ସେବା ଟ୍ରଷ୍ଟ ତରଫରୁ ଗଣ ଧାରଣା

ଉଦଳା (ନିପ୍ର): ଉଦଳା ଉପଖଣ୍ଡ ଡାକ୍ତର ଖାନା ରେ ରୋଗୀ ସେବା ନାମରେ ରୋଗୀ ଶୋଷଣ କରୁଥିବା ଅଭିଯୋଗ କରି ଏକ ଦାବିପତ୍ର ପ୍ରଦାନପରେ ଏକ ଶାନ୍ତିପୂର୍ଣ ଆନ୍ଦୋଳନ ର ଚେତାବନୀ ଦେଇଥିବା ଉଦଳା ଶ୍ରୀରାମ ସେବା ଟ୍ରଷ୍ଟ ଗତକାଲି ଭୋର ୫ଟା ସମୟରେ ଉଦଳା ଡାକ୍ତରଖାନା ସମ୍ମୁଖରେ ଧାରଣା ରେ ବସିଥିଲେ । ଡାକ୍ତରଖାନା ରେ ରୋଗୀସେବା ସମ୍ପୂର୍ଣ ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ବିଭିର୍ନ ସମସ୍ୟା ର ସମାଧାନ କରିବାରେ ଡାକ୍ତର ଖାନା ର କର୍ତୃପକ୍ଷ ସମ୍ପୂର୍ଣ ଭାବରେ ନିରବଦ୍ରଷ୍ଟା ସାଜିଛନ୍ତି । ତେବେ ବିଶେଷ କରି ଜଳ କଷ୍ଟ, ଲିଫ୍ଟ, ଇତ୍ୟାଦି ମୁଖ୍ୟ ସମସ୍ୟା ଭିତରେ ଅନ୍ତର୍ଭୁକ୍ତ । ଅଧିକନ୍ତୁ ରୋଗୀ ବା ତାଙ୍କର ସମ୍ପର୍କୀୟ ମାନେ ଏ ବିଷୟ ରେ ସ୍ୱର ଉତାଳନ କଲେ ସେମାଙ୍କୁ ଦୁର୍ବ୍ୟବହାର ହେଉଥିବା ଅନେକ ନଜିର ମଧ ମିଳୁଛି । ବହୁ ଦୂର ଦୁରାନ୍ତ ରୁ ରୋଗୀ ମାନେ ଆସି ନାହିଁ ନଥିବା ସମସ୍ୟା ଭିତରେ ଭାଗ୍ୟ କୁ ଆଦରି ପଡିରହୁଛନ୍ତି କ୍ଷ ରୋଗୀ ସେବା ରେ କନିଷ୍ଠ ଡାକ୍ତର ମାନେ ନିୟୋଜିତ ଥିବା ବେଳେ ବରିଷ୍ଠ ଡାକ୍ତର ମାନଙ୍କ ଦେଖା ମିଳୁନାହିଁ । ସବୁଠାରୁ ଦୁଃଖ ଓ ପରିତାପର ବିଷୟ ରୋଗୀ ମାନଙ୍କୁ ଶେଷ ମୁହୂର୍ତ୍ତ ରେ ବାରିପଦା କୁ ରେଫର କରିବା । ଗତ କାଲି ଜିଲ୍ଲା ପାଳ ଙ୍କ ଯୁଗ୍ମ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିବାରୁ ସହକାରୀ ଜିଲ୍ଲାପାଳ ପ୍ରତୀକ କୁମାର ପଣ୍ଡା ଧାରଣ ସ୍ଥଳ କୁ ଆସି ଧାରଣରତ ସେବା ଟ୍ରଷ୍ଟର ସଦସ୍ୟ ମାନଙ୍କ ସହ ଆଲୋଚନା କରିଥିଲେ । ଉପଖଣ୍ଡ ଅଧିକ୍ଷ୍ୟକ ଡା. ମୀନକେତନ ମହାନ୍ତି ଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ ଦିଗରେ ଆଶୁ ପଦକ୍ଷେପ ନେବେ ବୋଲି ପ୍ରତିଶୃତି ଦେବା ପରେ ସେବା ଟ୍ରଷ୍ଟ ଧାରଣା ରୁ ଉଠିଥିଲେ ।





ଅନ୍ୟ ପ୍ରତି ବିଶ୍ୱାସ ସ୍ଥାପନ ନ କରିବା ସହଜ କଥା ନୁହେଁ, ସେଥିପାଇଁ ଦୃଢ଼ ମନୋବଳ ଦରକାର ।

# ଆଜିକାଲି



ଉତ୍ସନ୍ନ କୁଳଧର୍ମାଣାଂ ମନୁଷ୍ୟାଣାଂ ଜନାର୍ଦ୍ଦନ
ନରକେଽନିୟତଂ ବାସୋ
ଭବତୀତ୍ୟନୁଶୁଶ୍ରୁମ୍ ।
(ଶ୍ରୀମଦ୍ ଭଗବତ୍ ଗୀତା)

ଭାବାର୍ଥ :ହେ ଜନାର୍ଦ୍ଦନ ! ଯେଉଁମାନଙ୍କର କୁଳଧର୍ମ ନଷ୍ଟ ହୋଇଯାଏ, ଶାସ୍ତ୍ରମତେ ସେମାନେ ଅନିଶ୍ଚିତ କାଳ ପର୍ଯ୍ୟନ୍ତ ନରକବାସ କରନ୍ତି ବୋଲି ଆମେ ଶୁଣିଆସିଛୁ ।

## ଇ-ଯାନ ସବ୍‌ସିଡ଼ି ବଢ଼ିଲା

ବ୍ୟାଟେରୀ ଚାଳିତ ଇ- ଯାନ ସଂଖ୍ୟା ବଢ଼ାଇବା ପାଇଁ ରାଜ୍ୟ ସରକାରଙ୍କ ଘୋଷଣା ସାଧାରଣରେ ଏହାକୁ ପ୍ରଶଂସା କରାଯାଇଛି । ଅବଶ୍ୟ ସମଗ୍ର ଭାରତବର୍ଷରେ ଇ- ଯାନ ଉପରେ କେନ୍ଦ୍ର ଓ ରାଜ୍ୟ ସରକାରମାନେ ବାରମ୍ବାର ଧ୍ୟାନ ଦେଇ ଆସୁଛନ୍ତି । ଯାହା ସତ୍ତ୍ୱେ ଇ- ଯାନ ସଂଖ୍ୟା ସେମିତି ଆଖି ଦୃଶିଆ ବଢ଼ିପାରୁ ନାହିଁ । କିନ୍ତୁ ସଂପ୍ରତି ରାଜ୍ୟ ସରକାରଙ୍କ ଇ-ଯାନ ସବ୍‌ସିଡ଼ି ବଢ଼ାଇବା ନିଷ୍ପତି ନେଇଛନ୍ତି । ପରିବହନ ବିଭାଗ ପକ୍ଷରୁ ଏହି ଗେଜେଟ ପ୍ରକାଶ କରାଯାଇ ଏଣିକି ସବ୍‌ସିଡ଼ି ବୃଦ୍ଧି କରାଯିବ । ପୂର୍ବରୁ ଦୁଇ ଚକିଆ ଇ- ଯାନ ଉପରେ ରାଜ୍ୟ ସରକାର ମାତ୍ର ୫ ହଜାର ଟଙ୍କା ସବ୍‌ସିଡ଼ି ଦେଉଥିବା ବେଳେ ଏବେ ତାହା ୨୦ ହଜାର ଟଙ୍କାକୁ ବଢ଼ାଇ ଦିଆଯାଇଛି । ଅପରପକ୍ଷେ ୩ଚକିଆ ଇ-ଯାନ ଚଳାଚଳ ଉପରେ ପୂର୍ବରୁ ରାଜ୍ୟ ସରକାର ୧୦ ହଜାର ଟଙ୍କା ସବ୍‌ସିଡ଼ି ଦେଉଥିବା ବେଳେ ଏହାକୁ ୩୦ ହଜଜାର ଟଙ୍କାକୁ ବଢ଼ାଇ ଦିଆଯାଇଛି । ୪ ଚକିଆ ଯାନସଂପର୍କରେ ଯଦି ଆମେ କହିବା ପୂର୍ବରୁ ୪ ଚକିଆ ଇ-ଯାନ ଉପରେ ସର୍ବାଧିକ ୫୦ ହଜାର ଟଙ୍କା ସବ୍‌ସିଡ଼ି ଦିଆଯାଉଥିଲା । ଏହାକୁ ବଢ଼ାଇ ଦିଆଯାଇ ସରକାର ଦେଢ଼ଲକ୍ଷ ଟଙ୍କା ଘୋଷଣା କରିଛନ୍ତି । ସେହିଭଳି ବ୍ୟାଟେରୀ ଉପରେ ମଧ୍ୟ ଅଧିକ ଟଙ୍କା ସବ୍‌ସିଡ଼ି ମିଳିବ । କିନ୍ତୁ ଯାହା ସୂଚନା ମିଳୁଛି ୨୦୧୧ ମସିହାରୁ ନିୟମ ପ୍ରଣୟନ ସରକାର କରିଥିଲେ ମଧ୍ୟ କିଛିଟା ସେଭଳି ଉନ୍ନତି ଲକ୍ଷ୍ୟ କରାଯାଇ ନାହିଁ । ଏବେ ଯାହା ଖବର ମିଳୁଛି ରାଜ୍ୟରେ ୪.୪୮ ଇ- ଯାନ ପଞ୍ଜିକୃତ ହୋଇଛି । ଏହି ଦୃଷ୍ଟିରୁ ସବ୍‌ସିଡ଼ି ବଢ଼ିଥିଲେ ମଧ୍ୟ ଯଦିଓ ଏହା ଏକ ଭଲ ଖବର କିନ୍ତୁ ଇ-ଯାନ ଉପରେ ଲୋକଙ୍କର କେତେ ଆଗ୍ରହ ବଢ଼ିବ ସେ ନେଇ ରାଜ୍ୟସରକାରଙ୍କ ଏହି ଘୋଷଣା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ । ସରକାରଙ୍କ ପକ୍ଷରୁ କୁହାଯାଇଛି ୨୦୨୫ ସୁଦ୍ଧା ୨୦ ପ୍ରତିଶତକୁ ଇ- ଯାନ ପଞ୍ଜିକରଣ ବୃଦ୍ଧି କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଦେଶର ସହର ଓ ଗ୍ରାମାଂଚଳରେ ଇ- ଯାନ ପ୍ରଚଳନ ମାତ୍ରା ବଢ଼ିବଢ଼ି ଚାଲିଛି ସେହି ଦୃଷ୍ଟିରୁ ଇ- ଯାନ ନିଶ୍ଚିତ ଭାବେ ଅଧିକ ହେବା ଜରୁରୀ । ବିଶେଷ କରି ଡିଜେଲ-ପେଟ୍ରୋଲ ଚାଳିତ ୪, ୩, ୨ ଚକିଆ ଯାନ ସଂଖ୍ୟା ଶୀର୍ଷରେ ପହଂଚିଲାଣି । ତେଣୁ ସମସ୍ତ ସହର ଓ ଗ୍ରାମାଂଚଳରେ ପ୍ରଦୂଷଣ ବଢ଼ି ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତ । ଏପରିକି ଦିଲ୍ଲୀରେ କିଛି ମାତ୍ରାରେ ଇ-ଯାନ ଉପରେ ଗୁରୁତ୍ୱ ଦିଆଯାଉଛି । ଏବେ ଦିଲ୍ଲୀରେ ବ୍ୟାଟେରୀ ଚାଳିତ ବସ୍ ସଂଖ୍ୟା ମଧ୍ୟ କ୍ରମଶଃ ବଢୁଛି । ପୂର୍ବରୁ ବାଙ୍ଗାଲୋର, ହାଇଦ୍ରାବାଦ, ମହାରାଷ୍ଟ୍ର ପ୍ରଭୃତି ସ୍ଥାନରେ ଇ- ଯାନ ସଂଖ୍ୟା ଯଦିଓ ବଢ଼ିଛି କିନ୍ତୁ ସେଭଳି ଆଖିଦୃଶିଆ ହୋଇ ନାହିଁ । ଏ ଦୃଷ୍ଟିରୁ ରାଜ୍ୟ ସରକାରଙ୍କ ଇ- ଯାନ ସବ୍‌ସିଡ଼ି ବଢ଼ାଇବା ଘୋଷଣା ପରେ ଚାଳକଙ୍କ କିଭଳି ଆଶା ବଢ଼ିବ ଏବଂ ଇ- ଯାନ ସଂଖ୍ୟା ବଢ଼ିବ ତାହା ସମୟ ହିଁ କହିବ । ଏପରିକି ଅନ୍ୟ ପ୍ରକାରେ ୨୦୩୦ସୁଦ୍ଧା ସମଗ୍ର ଦେଶରେ କେବଳ ଇ- ଯାନ ଗଡ଼ିବ ବୋଲି କେନ୍ଦ୍ର ପରିବହନ ମନ୍ତ୍ରୀ ବାରମ୍ବାର କହି ଆସୁଛନ୍ତି । କିନ୍ତୁ ଲୋକଙ୍କ ମଧ୍ୟରେ ସେଭଳି କିଛି ପ୍ରଭାବ ବଢ଼ିବା ଲକ୍ଷ୍ୟ କରାଯାଉ ନାହିଁ । ତଥାପି ରାଜ୍ୟ ସରକାରଙ୍କ ଏହି ଇ- ଯାନ ସବ୍‌ସିଡ଼ି ବୃଦ୍ଧି ଘୋଷଣା ସ୍ୱାଗତ ଯୋଗ୍ୟ ଏଥିରେ ଦ୍ୱିମତ ହେବାର ନାହିଁ ।

# ଏସଆଇଆର'ର ପ୍ରଭାବ

◆ ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟ ବିଧାନସଭା ନିର୍ବାଚନରେ ରେକର୍ଡ ୯୩.୧୨ ପ୍ରତିଶତ ମତଦାନ ଦେଶର ଗଣତାନ୍ତ୍ରୀକ ଇତିହାସରେ ପ୍ରଥମ ଘଟଣା । ମତଦାନ ହାର ନେଇ ରାଜନୈତିକ ବିଶାରଦ ମାନଙ୍କ ଠାରୁ ଆରମ୍ଭ କରି ବୁଦ୍ଧିଜୀବୀ, ଶିକ୍ଷାବିତ, ସାଧାରଣ ଲୋକଙ୍କ ପର୍ଯ୍ୟନ୍ତ ସମସ୍ତେ ବିସ୍ମୟ ପ୍ରକଟ କରିଛନ୍ତି । କେବଳ ଏତିକି ନୁହେଁ, ପଶ୍ଚିମବଙ୍ଗରେ ଦୁଇ ମୁଖ୍ୟ ପ୍ରତିଦ୍ୱନ୍ଦୀ ଶାସକ ଟିଏମସି ଓ ବିଜେପି ମତଦାନରେ ଭୋଟଦାତାଙ୍କ ରେକର୍ଡ ଅଂଶ ଗ୍ରହଣ ନେଇ ଉଲ୍ଲସିତ ହେବା ସହ ନିଜ ନିଜର ବିଜୟ ଦାବି କରିଲେଣି । ଚତୁର୍ଥ ଥର ପାଇଁ ଟିଏମସି ଐତିହାସିକ ବହୁମତରେ ଶାସନ ଡୋରୀ ଧରିବା ନେଇ ଦାବି କରିଥିବାବେଳେ ଏହା ସରକାରଙ୍କ ଲୋକହିତକର ଯୋଜନା ସପକ୍ଷରେ ରାୟ ଦେବା ନେଇ ଦାବି କରିଛି । ସେହିପରି ବିଜେପି ପ୍ରଥମ ପର୍ଯ୍ୟାୟରେ ଭୋଟ ଗ୍ରହଣ ହୋଇଥିବା ୧୫୨ଟି ଆସନ ମଧ୍ୟରୁ ୧୧୦ଟି ଆସନରେ ବିଜୟୀ ହେବ ଏବଂ ଟିଏମସିର କୁଶାସନ ବିରୋଧରେ ଭୋଟଦାତା ରେକର୍ଡ ମତଦାନ କରିଥିବା ନେଇ ଦାବି କରିଛି । ତୃଣମୂଳ ଶାସନର ପତନ ଘଟିବା ଏବଂ ବିଜେପି ସରକାର ଗଢିବ ବୋଲି ଦାବି କରିଛି । ନିଜ ନିଜର ବିଜୟ ନେଇ ଉଭୟ ଟିଏମସି ଓ ବିଜେପି ଦାବି କରିବା ସ୍ୱାଭାବିକ । ତେବେ କିଏ ଜିତିବ, କିଏ ହାରିବ, ଆସନ୍ତା ୪ତାରିଖରେ ଭୋଟ ଗଣତି ଫଳାଫଳକୁ ଏବେ କେବଳ ଅପେକ୍ଷା । ଉଲ୍ଲେଖଯୋଗ୍ୟ ଯେ, ପଶ୍ଚିମବଙ୍ଗରେ ୨୦୨୧ ବିଧାନସଭା ନିର୍ବାଚନରେ ପ୍ରାୟ ୮୨.୧୭ ପ୍ରତିଶତ ମତଦାନ ହୋଇଥିଲା । ସେହିପରି ୨୦୨୪ ଲୋକସଭା ନିର୍ବାଚନରେ ମତଦାନ ହାର ପ୍ରାୟ ୮୦ପ୍ରତିଶତ ଥିଲା । କେବଳ ପଶ୍ଚିମବଙ୍ଗ ନୁହେଁ, ତାମିଲନାଡୁ ବିଧାନସଭା ନିର୍ବାଚନରେ ମଧ୍ୟ ରେକର୍ଡ ୮୫.୧୪ ପ୍ରତିଶତ ଭୋଟ ହାର ଥିବାବେଳେ ଆସାମରେ ୮୫.୯୭ ପ୍ରତିଶତ, କେରଳମ୍‌ରେ ୭୮.୨୮ ପ୍ରତିଶତ ଏବଂ ପୁଡୁଚେରୀରେ ୮୯.୯୭ ପ୍ରତିଶତ ମତଦାନ ହାର ରହିଛି । ଗତ ବର୍ଷ ନଭେମ୍ବର ମାସରେ ବିହାର ବିଧାନସଭା ନିର୍ବାଚନରେ ଭୋଟହାର ୯୭.୯୦ ପ୍ରତିଶତ ଥିଲା । ଯାହାକି ପୂର୍ବ ନିର୍ବାଚନଗୁଡିକରେ ଭୋଟ ହାର ଠାରୁ ଅଧିକ ଥିବା କୁହାଯାଏ । ଏହି ସମସ୍ତ ରାଜ୍ୟଗୁଡିକରେ ବହୁଚର୍ଚ୍ଚିତ ସ୍ପେଶାଲ ଇଟେଂନ୍‌ସିଭି ରିଭିଜନ (ଏସଆଇଆର) ଚୂଡାନ୍ତ ତାଲିକା ପରେ ଭୋଟ ଗ୍ରହଣ ହୋଇଛି । ଏସଆଇଆରରେ ଲକ୍ଷ ଲକ୍ଷ ଲୋକଙ୍କ ନାମ ଭୋଟର ତାଲିକାରୁ ବାଦ୍ ପଡିଛି । ପଶ୍ଚିମବଙ୍ଗରୁ ୯୧ଲକ୍ଷ ଭୋଟର ବାଦ ପଡ଼ିଥିବାବେଳେ ୨୭ଲକ୍ଷ ଭୋଟରଙ୍କ ଆବେଦନ ଏବେ ଆପିଲେଟ ଟ୍ରିବ୍ୟୁନାଲର ବିଚାରଧୀନ ରହିଛି । ସେହିପରି କେରଳରେ ୩୦ଲକ୍ଷ, ତାମିଲନାଡୁରେ ୭୦ଲକ୍ଷ, ପୁଡୁଚେରୀରେ ୨୦ହଜାର ଜାଲ ଭୋଟର ବାଦ୍ ପଡିଥିବା କୁହାଯାଏ । କହିବା ବାହୁଲ୍ୟ ଯେ, ପୂର୍ବରୁ ହାରାହାରୀ ମତଦାନ ୬୦ରୁ ୭୦ପ୍ରତିଶତ ମଧ୍ୟରେ ରହିଥିବାବେଳେ ଏଥର ଭୋଟର ତାଲିକାରୁ ଜାଲ ଭୋଟରଙ୍କ ନାମ ବାଦ୍ ପଡିବା ପରେ ମତଦାନ ହାର ବୃଦ୍ଧି ପାଇବାରେ ବିସ୍ମିତ ହେବାର କାରଣ ନାହିଁ । କାରଣ ମୋଟ ଭୋଟଦାତାଙ୍କ ସଂଖ୍ୟ ଉପରେ ମତଦାନ ହାର ନିର୍ଣ୍ଣୟ ହୋଇଥାଏ । ପୂର୍ବରୁ ଅଧିକ ମୋଟ ଭୋଟଦାତାଙ୍କ ହାର ଉପରେ ମତଦାନ ହାର ନିର୍ଣ୍ଣୟ ହୋଇଥିବାବେଳେ ଜାଲ, ମୃତ ଭୋଟଙ୍କୁ ବାଦ୍ ଦିଆଯିବା ପରେ ମତଦାନ ହାର ନିଣ୍ଣୟ ହେବା ସ୍ୱାଭାବିକ । ସେହିପରି ଏସଆଇଆର ପରେ ପ୍ରବାସୀ ଶ୍ରମିକମାନେ ନିଜ ଗ୍ରାମକୁ ଫେରି ମତଦାନ କରିଥିବା ରିପୋର୍ଟ ପ୍ରକାଶ ପାଇଛି । ସେହିପରି ଏସଆଇଆରକୁ ନେଇ ବହୁ ତୁମ୍ଭିତୋଫାନ ହୋଇଛି । ଯାହାର ପ୍ରଭାବ ସିଧାସଳଖ ଭୋଟଦାତାଙ୍କ ଉପରେ ପଡିଛି । ଆହୁରି ମଧ୍ୟ ମହିଳା ଭୋଟଦାତାଙ୍କ ମତଦାନ ହାର ପୂର୍ବ ତୁଳନାରେ ବୃଦ୍ଧି ପାଇଛି । ମହିଳାମାନଙ୍କ ପାଇଁ ବିଭିନ୍ନ ଯୋଜନା ଓ ପ୍ରତିଶ୍ରୁତି ସେମାନଙ୍କୁ ଆକର୍ଷିତ କରିଥିବା ଅନୁମନ କରାଯାଏ । ଏହା ନିସନ୍ଦେହ ଯେ, ଗତ କିଛି ଦଶନ୍ଧି ଧରି ମହିଳାଙ୍କ ମତଦାନ ହାର ବୃଦ୍ଧି ପାଇବା ସହ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛି । ଏଥର ମଧ୍ୟ ସେଇୟା ହୋଇଛି । ଏହା ସତ୍ୟ ଯେ, ମତଦାନ ହାର ବୃଦ୍ଧି ଗଣତନ୍ତ୍ର ପାଇଁ ଶୁଭଙ୍କର । କିନ୍ତୁ ଏଥର ଏସଆଇଆର ଓ ଆସାମରେ ଏନଆରସି ପ୍ରଭାବରେ ମତଦାନ ହାର ବୃଦ୍ଧି ପାଇଥିବା ମନେହୁଏ । ଏଥିରେ ବିସ୍ମିତ ହେବାର କିଛି ନାହିଁ ।

*ସମ୍ମାନ ଭବନ, ପ୍ଲଟ ନଂ- ୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨, ମୋବାଇଲ ନଂ- ୯୪୩୭୯୯୪୩୭୯*

## ଫୁଲଟିଏ

ଚିତରଞ୍ଜନ ବାରିକ୍



ଫୁଲଟିଏ ଫୁଟେ
ବାଡ଼ି ବଗିଚାରେ
ସୁନ୍ଦର ଦିଶଇ ଧରା
ନାଲି, ନୀଳ ପୁଣି
ହଳଦୀ ସବୁଜ
ଶୋଭା ପାଉଥାଏ ପରା ।
ବୃକ୍ଷ ଦେହେ ତା'ର
ଶୋଭଯାଜି ପଡ଼େଲୋଟି
ବନେ ଉପବନେ
ବିତରେ ମହକ
ମନକୁ ଯେ ନିଏ ଲୁଟି ।
ଫୁଲଟିକୁ ସତେ
କିଏ ସେ ଗଢ଼ିଲା
ଏତେ ଯତନରେ ଥାଇ
ମଧୁ ମକ୍ଷୀକା ଯେ ମଧୁ ସ□ଥାଇ
ସଦା ଅପରର ପାଇଁ ।
ଦୀପଟିଏ ପରି ଜଳି ଜଳି ସେଜେ
ବିତରେ ବାସ ସଭିଙ୍କୁ
ସାରା ଜଗତକୁ ଆପଣାର ମଣି
ଲାଗେ ପ୍ରଭୁ ପୟରକୁ ।

**ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା**

## ଚିନ୍ତାମଣି ପାଣିଗ୍ରାହୀ

◆ ବିପିନ ବିହାରୀ ରାଉତ

ଚିନ୍ତାମଣି ପାଣିଗ୍ରାହୀ ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଶାର ଜଣେ ସକ୍ରିୟ କର୍ମୀ, ରାଜନୈତିକ ଓ ସାମାଜିକ ନେତା ଥିଲେ । ସେ ୧୯୮୯ରୁ ୧୯୯୩ ପର୍ଯ୍ୟନ୍ତ ମଣିପୁରର ରାଜ୍ୟପାଳ ଭାବେ କାମ କରୁଥିଲେ । ରାଜ୍ୟ ଓ ଲୋକଙ୍କ ଉନ୍ନତି ନିମନ୍ତେ ସେ କରିଥିବା କାମ କାରଣରୁ ମଣିପୁରବାସୀ ତାଙ୍କ ଲୋକଙ୍କ ରାଜ୍ୟପାଳ କହୁଥିଲେ । ସେ ଭାରତର ଓଡ଼ିଶା ପ୍ରଦେଶରେ ଥିବା ବିଶ୍ୱନାଥପୁର ଗ୍ରାମରେ ୧୯୨୨ ମସିହା ମାର୍ଚ୍ଚ ୨୨ ତାରିଖରେ ଜନ୍ମ ଗ୍ରହଣ କରିଥିଲେ । ୧୯୩୮ ମସିହାରେ ଭେଭେନ୍ସା କଲିଜିଏଟ ସ୍କୁଲର ଅଧ୍ୟକ୍ଷ ଶ୍ରୀସୁକାନ୍ତ ରାଓଙ୍କ ଅଧ୍ୟକ୍ଷତାରେ ଗଠିତ ହୋଇଥିବା ବିଚ୍ଛିନ୍ନ ଉତ୍କଳ ଅବକାଶ ବାହିନୀର ଚନ୍ତାମଣୀ ଜଣେ ସକ୍ରିୟ ସଭ୍ୟ ଥିଲେ । ଓଡ଼ିଶା ପ୍ରଦେଶର ପୁର୍ନଗଠନ ବେଳେ ସଂଯୁକ୍ତ ନ ହୋଇପାରିଥିବା ଅଂଚଳମାନଙ୍କରେ ଓଡ଼ିଆ ଭାଷା ଓ ସଂସ୍କୃତିକୁ ସୁରକ୍ଷା ଦେବା ଏହାର ଲକ୍ଷ୍ୟ ଥିଲା । ସେ ବିଭିନ୍ନ ଅଂଚଳ ବୁଲି ଓଡ଼ିଆରେ ଲୋକଙ୍କ ସହିତ କଥାବାର୍ତ୍ତା କରି ଜାତୀୟ ଏକତା ବଜାୟ ରଖିବାକୁ ପ୍ରବର୍ତ୍ତାଉ ଥିଲେ । ସେ ଏକାଧାରରେ ଜଣେ ସାମ୍ବାଦିକ, ଲେଖକ ଓ ଶ୍ରମିକ ନେତା ଥିଲେ । ତାଙ୍କର ଅନେକ ପୁସ୍ତକ ଭାରତର ବିଭିନ୍ନ ପ୍ରାନ୍ତୀୟ ଭାଷାରେ ଅନୁବାଦ ହୋଇ ଲୋକପ୍ରିୟତା ପାଇଛି ସେ ଅନେକ ଜାତୀୟ ଖବରକାଗଜ ପାଇଁ ନିୟମିତ ସ୍ତମ୍ଭ ରଚନା ମଧ୍ୟ କରୁଥିଲେ । ସେ ଲୋକସଭାକୁ ୧୯୭୫ ମସିହାରେ ପୁରୀ ନିର୍ବାଚନ ମଣ୍ଡଳୀରୁ କମ୍ୟୁନିଷ୍ଟ ପାର୍ଟି ତରଫରୁ ନିର୍ବାଚିତ ହୋଇଥିଲେ । ପରେ ସେ କଂଗ୍ରେସରେ ଯୋଗ ଦେଇଥିଲେ । ୧୯୬୭, ୧୯୭୧, ୧୯୮୪ ମସିହାରେ ସେ ଭୁବନେଶ୍ୱର ଲୋକସଭା ନିର୍ବାଚନ ମଣ୍ଡଳୀରୁ



ଲୋକସଭାକୁ ପୁନଃ ନିର୍ବାଚିତ ହୋଇଥିଲେ । ଘରୋଇ ବିଭାଗର ରାଜସ୍ୱମନ୍ତ୍ରୀ, ପ୍ରତିରକ୍ଷା ବିଭାଗର ରାଜସ୍ୱ ମନ୍ତ୍ରୀ ଓ ମଣିପୁରର ରାଜ୍ୟପାଳ ଭାବେ ସେ କାମ କରିଛନ୍ତି । ୨୦୦୦ ମସିହା ଅପ୍ରେଲ ୨୯ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା ।

*ଶ୍ରୀବିହାର କଲୋନୀ, କଟକ : ୯୪୩୭୬୬୬୪୫୩*

## ମହାପ୍ରୟାଣ ଦିବସ ଅବସରରେ

◆ ବାଦଲ ଭୂୟାଁ

ଚିନ୍ତାମଣି ପାଣିଗ୍ରାହୀ ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଶାର ଜଣେ ସକ୍ରିୟ କର୍ମୀ, ରାଜନୈତିକ ଓ ସାମାଜିକ ନେତା ଥିଲେ । ସେ ୧୯୮୯ରୁ ୧୯୯୩ ପର୍ଯ୍ୟନ୍ତ ମଣିପୁରର ରାଜ୍ୟପାଳ ଭାବେ କାମ କରୁଥିଲେ । ରାଜ୍ୟ ଓ ଲୋକଙ୍କ ଉନ୍ନତି ନିମନ୍ତେ ସେ କରିଥିବା କାମ କାରଣରୁ ମଣିପୁରବାସୀ ତାଙ୍କ ଲୋକଙ୍କ ରାଜ୍ୟପାଳ କହୁଥିଲେ । ତତ୍କାଳୀନ ମଣିପୁର ରାଜ୍ୟର ସାମଗ୍ରୀକ ବିକାଶ ପାଇଁ ତାଙ୍କ ଅବଦାନ ଅତ୍ୟନ୍ତ ଉଲ୍ଲେଖନୀୟ ଥିଲା । ସେ ଭାରତର ଓଡ଼ିଶା ପ୍ରଦେଶରେ ଥିବା ବିଶ୍ୱନାଥପୁର ଗ୍ରାମରେ ୧୯୨୨ ମସିହା ମାର୍ଚ୍ଚ ୨୨ ତାରିଖରେ ଜନ୍ମ ଗ୍ରହଣ କରିଥିଲେ । ୧୯୩୮ ମସିହାରେ ଭେଭେନ୍ସା କଲିଜିଏଟ ସ୍କୁଲର ଅଧ୍ୟକ୍ଷ ଶ୍ରୀସୁକାନ୍ତ ରାଓଙ୍କ ଅଧ୍ୟକ୍ଷତାରେ ଗଠିତ ହୋଇଥିବା ବିଚ୍ଛିନ୍ନ ଉତ୍କଳ ଅବକାଶ ବାହିନୀର ଚନ୍ତାମଣୀ ଜଣେ ସକ୍ରିୟ ସଭ୍ୟ ଥିଲେ । ଓଡ଼ିଶା ପ୍ରଦେଶର ପୁର୍ନଗଠନ ବେଳେ ସଂଯୁକ୍ତ ନ ହୋଇପାରିଥିବା ଅଂଚଳମାନଙ୍କରେ ଓଡ଼ିଆ ଭାଷା ଓ ସଂସ୍କୃତିକୁ ସୁରକ୍ଷା ଦେବା ଏହାର ଲକ୍ଷ୍ୟ ଥିଲା । ସେ ବିଭିନ୍ନ ଅଂଚଳ ବୁଲି ଓଡ଼ିଆରେ ଲୋକଙ୍କ ସହିତ କଥାବାର୍ତ୍ତା କରି ଜାତୀୟ ଏକତା ବଜାୟ ରଖିବାକୁ ପ୍ରବର୍ତ୍ତାଉ ଥିଲେ । ସେ ଏକାଧାରରେ ଜଣେ ସାମ୍ବାଦିକ, ଲେଖକ ଓ ଶ୍ରମିକ ନେତା ଥିଲେ । ସେ ଅନେକ ପୁସ୍ତକ ଓ ଖବରକାଗଜର ନିୟମିତ ଜଣେ ସୁଲେଖକ ଥିଲେ । ତାଙ୍କର କିଛି ଲେଖା ଜାତୀୟ ଗଣମାଧ୍ୟମରେ ମଧ୍ୟ ପ୍ରକାଶିତ ହୋଇଥିଲା । ସେ ଲୋକସଭାକୁ ୧୯୭୫ ମସିହାରେ ପୁରୀ ନିର୍ବାଚନ ମଣ୍ଡଳୀରୁ କମ୍ୟୁନିଷ୍ଟ ପାର୍ଟି ତରଫରୁ ନିର୍ବାଚିତ ହୋଇଥିଲେ । ପରେ ସେ କଂଗ୍ରେସରେ ଯୋଗ ଦେଇଥିଲେ । ୧୯୬୭, ୧୯୭୧, ୧୯୮୪ ମସିହାରେ ସେ ଭୁବନେଶ୍ୱର ଲୋକସଭା ନିର୍ବାଚନ ମଣ୍ଡଳୀରୁ ଲୋକସଭାକୁ ପୁନଃ ନିର୍ବାଚିତ ହୋଇଥିଲେ । ଘରୋଇ ବିଭାଗର ରାଜସ୍ୱମନ୍ତ୍ରୀ, ପ୍ରତିରକ୍ଷା ବିଭାଗର ରାଜସ୍ୱ ମନ୍ତ୍ରୀ ଓ ମଣିପୁରର ରାଜ୍ୟପାଳ ଭାବେ ସେ କାମ କରିଛନ୍ତି । ୨୦୦୦ ମସିହା ଅପ୍ରେଲ ୨୯ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା ।

## ଶୈଳବାଳା ଦାସ

◆ ନାଟ୍ୟସାରଥି ଅଭୟ କୁମାର ଦାସ



ଶୈଳବାଳା ଦାସ ଜଣେ ସମାଜସେବୀ ଥିଲେ । ଓଡ଼ିଶାର ନାରୀ ଶିକ୍ଷା ପ୍ରସାରରେ ତାଙ୍କର ମୁଖ୍ୟ ଭୂମିକା ଥିଲା । ମଧୁସୂଦନ ଦାସ ତାଙ୍କୁ ପୋଷ୍ୟ କନ୍ୟା ଭାବେ ଗ୍ରହଣ କରିଥିଲେ । ସେ କଂଗ୍ରେସ ପାର୍ଥୀ ଭାବେ ନିର୍ବାଚିତ ହୋଇ ୧୯୫୨ ଅପ୍ରେଲ ୩ ତାରିଖରୁ ୧୯୫୪ ମସିହା ଅପ୍ରେଲ ୨ ତାରିଖ ପର୍ଯ୍ୟନ୍ତ ରାଜ୍ୟ ସଭାର ସଦସ୍ୟ ଭାବେ କାମ କରିଥିଲେ । ଶୈଳବାଳା ମହାବିଦ୍ୟାଳୟ ତାଙ୍କ ନାମରେ ନାମିତ ହୋଇଛି । ୧୯୫୯ ମସିହାରେ ସମାଜସେବାରେ ବିଶେଷ ଅବଦାନ ପାଇଁ ଭାରତ ସରକାରଙ୍କ ତୃତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମଶ୍ରୀ ମିଳିଥିଲା । ୧୮୭୫ ମସିହା ମାର୍ଚ୍ଚ ୨୫ରେ କୋଲକାତାର ଭବାନିପୁରରେ ଶୈଳବାଳା ଜନ୍ମ ଗ୍ରହଣ କରିଥିଲେ । ସେ ଆଇ.ଏ.ପାସ କରିବା ପରେ ମଧୁସୂଦନ ତାଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଥିଲେ । ଶୈଳବାଳା ତାଙ୍କର ପ୍ରାଥମିକ ଶିକ୍ଷା ଲଣ୍ଡନ ମିସନ ବାଳିକା ବିଦ୍ୟାଳୟରେ ଆରମ୍ଭ କରିଥିଲେ । ପରେ ସେ ସିମଳା ପଢ଼ିବାକୁ ଯାଇଥିଲେ । ୧୯୦୬ ମସିହାରେ ସେ ଉଚ୍ଚ ଶିକ୍ଷା ପାଇଁ ଇଂଲଣ୍ଡ ଯାଇଥିଲେ । ସେ ପ୍ରଥମ ଓଡ଼ିଆ ମହିଳା ଭାବେ ଉଚ୍ଚ ଶିକ୍ଷା ପାଇଁ ବିଦେଶ ଯାତ୍ରା କରିଥିଲେ । ଓଡ଼ିଶାର ନାରୀ ଶିକ୍ଷା ପ୍ରସାରରେ ଶୈଳବାଳାଙ୍କ ଅବଦାନ ଅତୁଳନୀୟ ଅଟେ । ଓଡ଼ିଶାରେ ଅନେକ ଗରିବ ମେଧାବୀ ଛାତ୍ରୀମାନଙ୍କ ପାଠପଢ଼ା ଦାୟିତ୍ୱ ସେ ନିଜେ ଗ୍ରହଣ କରି ସେମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ରାସ୍ତା ଦେଖାଇଥିଲେ । ସେ ଜଣେ ନିରବ ସାଧିକା ଥିଲେ ଯିଏକି ନିଜକୁ ସମସ୍ତ ପ୍ରକାର ପ୍ରଚାର ପ୍ରସାର ଠାରୁ ଦୂରେଇ ରଖୁଥିଲେ । ୧୯୬୯ ମସିହା ଅପ୍ରେଲ ୨୯ ତାରିଖରେ ୯୩ ବର୍ଷ ବୟସରେ ତାଙ୍କର ମୃତ୍ୟୁ ହୋଇଥିଲା ।

*ଗୋତରା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୧୪୨୭୧୭*

◆ ଜୟନ୍ତୀ ପଣ୍ଡା

ଓଡ଼ିଶାରେ ନାରୀଶିକ୍ଷା ଓ ମହିଳାଙ୍କ ସାମଗ୍ରୀକ ଉନ୍ନତି ପାଇଁ ଯେଉଁ କତିପୟ ମହିଳା ସାଧିକ ତାଙ୍କ ଜୀବନକୁ ସମର୍ପିତ କରି ପ୍ରଚାର ପ୍ରସାର ଠାରୁ ଦୂରେଇ ଅନାଲୋଚିତ ଆଦର୍ଶଣୀୟ ମହିଳା ବ୍ୟକ୍ତିତ୍ୱ ପାଲଟିଥିଲେ ତାଙ୍କ ଭିତରୁ ଶୈଳବାଳା ଦାସ ଅନ୍ୟତମ । ଜଣେ ଉଚ୍ଚଶିକ୍ଷିତା ହୋଇ ମଧ୍ୟ ତାଙ୍କ ଭିତରେ ସାମାନ୍ୟତମ ଗର୍ବ, ଅହଂକାର ବା ପ୍ରତିପତି ନଥିଲା । ଶୈଳବାଳା ଦାସ ଜଣେ ସମାଜସେବୀ ଥିଲେ । ଓଡ଼ିଶାର ନାରୀ ଶିକ୍ଷା ପ୍ରସାରରେ ତାଙ୍କର ମୁଖ୍ୟ ଭୂମିକା ଥିଲା । ମଧୁସୂଦନ ଦାସ ତାଙ୍କୁ ପୋଷ୍ୟ କନ୍ୟା ଭାବେ ଗ୍ରହଣ କରିଥିଲେ । ସେ କଂଗ୍ରେସ ପାର୍ଥୀ ଭାବେ ନିର୍ବାଚିତ ହୋଇ ୧୯୫୨ ଅପ୍ରେଲ ୩ ତାରିଖରୁ ୧୯୫୪ ମସିହା ଅପ୍ରେଲ ୨ ତାରିଖ ପର୍ଯ୍ୟନ୍ତ ରାଜ୍ୟ ସଭାର ସଦସ୍ୟ ଭାବେ କାମ କରିଥିଲେ । ଶୈଳବାଳା ମହାବିଦ୍ୟାଳୟ ତାଙ୍କ ନାମରେ ନାମିତ ହୋଇଛି । ୧୯୫୯ ମସିହାରେ ସମାଜସେବାରେ ବିଶେଷ ଅବଦାନ ପାଇଁ ଭାରତ ସରକାରଙ୍କ ତୃତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମଶ୍ରୀ ମିଳିଥିଲା । ୧୮୭୫ ମସିହା ମାର୍ଚ୍ଚ ୨୫ରେ କୋଲକାତାର ଭବାନିପୁରରେ ଶୈଳବାଳା ଜନ୍ମ ଗ୍ରହଣ କରିଥିଲେ । ସେ ଆଇ.ଏ.ପାସ କରିବା ପରେ ମଧୁସୂଦନ ତାଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଥିଲେ । ଶୈଳବାଳା ତାଙ୍କର ପ୍ରାଥମିକ ଶିକ୍ଷା ଲଣ୍ଡନ ମିସନ ବାଳିକା ବିଦ୍ୟାଳୟରେ ଆରମ୍ଭ କରିଥିଲେ । ପରେ ସେ ସିମଳା ପଢ଼ିବାକୁ ଯାଇଥିଲେ । ୧୯୦୬ ମସିହାରେ ସେ ଉଚ୍ଚ ଶିକ୍ଷା ପାଇଁ ଇଂଲଣ୍ଡ ଯାଇଥିଲେ । ସେ ପ୍ରଥମ ଓଡ଼ିଆ ମହିଳା ଭାବେ ଉଚ୍ଚ ଶିକ୍ଷା ପାଇଁ ବିଦେଶ ଯାତ୍ରା କରିଥିଲେ । ଆଜି ଓଡ଼ିଶାରେ ଉଚ୍ଚ ପ୍ରତିଷ୍ଠା ପାଇଥିବା ଅନେକ ପ୍ରତିଷ୍ଠିତ ମହିଳା ବ୍ୟକ୍ତିତ୍ୱଙ୍କୁ ଶୈଳବାଳା ଦାସ ନିଜ ଦାୟିତ୍ୱ ଓ ଖର୍ଚ୍ଚରେ ସେମାନଙ୍କ ପାଠପଢ଼ା ଦାୟିତ୍ୱ ନିର୍ବାହ କରିଥିଲେ । ଓଡ଼ିଶାର ନାରୀ ଶିକ୍ଷା ପ୍ରସାରରେ ଶୈଳବାଳାଙ୍କ ଅବଦାନ ଅତୁଳନୀୟ ଅଟେ । ୧୯୬୯ ମସିହା ଅପ୍ରେଲ ୨୯ ତାରିଖରେ ୯୩ ବର୍ଷ ବୟସରେ ତାଙ୍କର ମୃତ୍ୟୁ ହୋଇଥିଲା ।

*ଫରିଦାବାଦ, ହରିଆନା*

## ଆସ ଜାଣିବା

- ଆଇସିୟୁ ର ଫୁଲଫର୍ମ କ'ଣ ?
  (ଇନଟେନସିଭ୍ କେୟାର ୟୁନିଟ୍)
- ଡବ୍ଲୁ ଏଚ୍ ଓ ର ଫୁଲଫର୍ମ କ'ଣ ?
  ( ୱାଲର୍ଡ ହେଲଥ ଅର୍ଗାନାଇଜେସନ)
- ଏମ୍ (ଲକ୍ଷ୍ୟ)ର ଫୁଲଫର୍ମ କ'ଣ ?
  (ଏମ୍ବିସନ୍ ଇନ୍ ମାଇଣ୍ଡ)
- କୋଲ୍ଡ (ଥଣ୍ଡା)ର ଫୁଲଫର୍ମ କ'ଣ ?
  (କ୍ରୋନିକ୍ ଅବଷ୍ଟ୍ରକଟିଭ୍ ଲଙ୍ଗ ଡିଜିଜ୍)
- ଟି (ଗ୍ଭ)ର ଫୁଲଫର୍ମ କ'ଣ ?
  (ଟେଷ୍ଟ ଏଣ୍ଡ ଏନର୍ଜି ଏଡ଼ମିଟେଡ୍)
- ଓଟି ର ଫୁଲଫର୍ମ କ'ଣ ?
  (ଅପରେସନ୍ ଥିଏଟର)

+++

## ସାଇବାଣୀ




✦ ଯେଉଁ ମଣିଷ ତୁମକୁ ଭଲ ପାଇବାର ନାଟକ କରେ ତୁମେ ସେହି ମାନଙ୍କ ପାଖରୁ ଦୂରେଇ ରୁହ ।

✦ ଯାହା ତୁମକୁ ଭଲ ଲାଗେ କିମ୍ବା ମୋତେ ତୁମ୍ଭେମାନେ ମାଗ, ମୁଁ କିନ୍ତୁ ତୁମ୍ଭମାନଙ୍କୁ ଦେଇ ନଥାଏ କିନ୍ତୁ ତୁମ୍ଭମାନଙ୍କ ପାଇଁ ଯାହା ଠିକ୍ ଏବଂ ଭଲ ତାହାହିଁ ମୁଁ ତୁମକୁ ଦେଇଥାଏ ।

✦ ଏକାକୀ ବଂଚିବା ଏବଂ ଏକାକୀ ରହିବା ଶିଖିବା ସହ ନିଜକୁ ମଜବୁତ କର । ସବୁବେଳେ ସାବଧାନରେ ରୁହ । ତୁମେ ଯେଉଁଠି ରହି ମୋତେ ଡାକିଲେ ମଧ୍ୟ ମୁଁ ନିଶ୍ଚୟ ତୁମ ପାଖକୁ ଚାଲିଯାଏ ।

✦ ଭଲ ମଣିଷ ଏଠାରେ କମ୍ ଏବଂ ବିଶ୍ୱାସଘାତକ ଅଧିକ ।

✦ ମୋ' ପ୍ରତି ଭରସା, ବିଶ୍ୱାସ ଓ ଶ୍ରଦ୍ଧା ରଖ । ମୁଁ ନିଶ୍ଚୟ ତୁମକୁ ରକ୍ଷା କରିବି ।

✦ ସୁଖରେ ମୋତେ ମନେ ନ ପକାଅ କିନ୍ତୁ ଦୁଃଖରେ ମୋତେ ଡାକିଲେ ମୁଁ ତୁମମାନଙ୍କ ପାଖକୁ ଧାଇଁଯାଏ ।

## ଗୋପବନ୍ଧୁ ଚୌଧୁରୀ



ଓଡ଼ିଶାର ଜଣେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ଗାନ୍ଧିବାଦୀ ନେତା ଭାବେ ଗୋପବନ୍ଧୁ ଚୌଧୁରୀ ପରିଚିତ ବ୍ୟକ୍ତିତ୍ୱ । ସେ କଟକରେ ୮ମଇ ୧୮୯୫ ମସିହାରେ ଜନ୍ମ ଗ୍ରହଣ କରିଥିଲେ । ଗୋପବନ୍ଧୁ ଯେଉଁଘରେ ଜନ୍ମ ଗ୍ରହଣ କରିଥିଲେ, ସେ ଘର ପରବର୍ତ୍ତୀ ସମୟରେ ସ୍ୱରାଜ ଆଶ୍ରମରେ ପରିଣତ ହୋଇଥିଲା । କଲିକତାରେ ସେ ଆଇନ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରି ୧୯୧୭ ମସିହାରେ କଟକର ଡେପୁଟି ମାଜିଷ୍ଟ୍ରେଟ ରୂପେ ଅବସ୍ଥାପିତ ହୋଇଥିଲେ । ୧୯୨୦ ମସିହାରେ ଭୀଷଣ ନଈବଢ଼ି ସମୟରେ ଗୋପବନ୍ଧୁ ବନ୍ୟ ପ୍ରପୀଡ଼ିତ ଅଂଚଳରେ ସରକାରଙ୍କୁ ଅଧିକ ସାହାଯ୍ୟ କରିବା ପାଇଁ ଦାବି ଜଣାଇଥିଲେ । ବ୍ରିଟିଶ ସରକାର ତାଙ୍କର ଦାବି ଅଗ୍ରାହ୍ୟ କରିଦେବାରୁ ସେ ସରକାରୀ ଚାକିରୀରୁ ଇସ୍ତଫା ପ୍ରଦାନ କରିଥିଲେ । ତାପରେ ସେ ସତ୍ୟବାଦୀ ଯାଇ ଗୋପବନ୍ଧୁଙ୍କ ଶିଷ୍ୟତ୍ୱ ଗ୍ରହଣ କରିଥିଲେ । କଂଗ୍ରେସରେ ଯୋଗଦାନ, ଗାନ୍ଧିନୀତି ଅନୁସରଣ, ଖଦଡ଼ ଲୁଗା ପିନ୍ଧିବା, ଆଶ୍ରମ ଓ ଦରିଦ୍ର ନାରାୟଣଙ୍କ ସେବା ଆଦି କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ । ୧୯୨୧ ମସିହାରେ ଅଳକା ନଦୀ କୂଳରେ ପ୍ରଥମେ ଏକ ଶିକ୍ଷାନୁଷ୍ଠାନ ଓ ପରେ ଅଳକାଶ୍ରମ ପ୍ରତିଷ୍ଠା କରିଥିଲେ । ୧୯୩୪ ମସିହାରେ ଗାନ୍ଧିଜୀଙ୍କ ନିର୍ଦ୍ଦେଶରେ ସେ ବରୀକୁ ନିଜର କର୍ମକ୍ଷେତ୍ର ରୂପେ ବାଛି ଗ୍ରାମ ସଫେଇ, ନିଶା ନିବାରଣ, ପୌଢ଼ଶିକ୍ଷା, ହରିଜନ ସେବା, ମୌଳିକ ଶିକ୍ଷା ସହ ଗ୍ରାମ ଅର୍ଥନୀତିର ଉନ୍ନତି ପାଇଁ ଉଦ୍ୟମ କରିଥିଲେ । ସ୍ୱାଧୀନତା ଆନ୍ଦୋଳନର ବିଭିନ୍ନ ପର୍ଯ୍ୟାୟ ଲବଣ ସତ୍ୟାଗ୍ରହ, ଅଗଷ୍ଟ ବିପ୍ଳବ ଓ ଭାରତ ଛାଡ଼ ଆନ୍ଦୋଳନରେ ସାମିଲ ହୋଇ କାରାବରଣ କରିଥିଲେ । ୧୯୩୦ରେ ଇଂଚୁଡି ଲବଣ ସତ୍ୟାଗ୍ରହ ଓ ୧୯୪୨ରେ ଭାରତଛାଡ଼ ଆନ୍ଦୋଳନ ସତ୍ୟାଗ୍ରହ ବେଳେ ସେ ପୁଲିସ ଲାଠିଚାଳନାରେ ଆହାତ ହୋଇ କଟକ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ । ସ୍ୱାଧୀନତା ପରେ ସେ ସନ୍ଥ ବିନୋବା ଭାବେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଭୂଦାନ ଆନ୍ଦୋଳନରେ ସାମିଲ ହୋଇଥିଲେ । ସେ ସମୟରେ ସମାଜ ସଂସ୍କାର ଅଭିମୁଖୀ ଓ ଆଧ୍ୟାତ୍ମିକ ଜ୍ଞାନସମ୍ପନ୍ନ ଭିତିକ ଲେଖା ଲେଖୁଥିଲେ । ସରଳ ଜୀବନ ଓ ବନ୍ଧୁବତ୍ସଳତା ଥିଲା ତାଙ୍କର ଅନ୍ୟତମ ଶ୍ରେଷ୍ଠ ଗୁଣ । ଗୋପବନ୍ଧୁ ଚୌଧୁରୀଙ୍କ ଶେଷ ଜୀବନ କଟିଥିଲା କଟକର ଥୋରିଆ ସାହିରେ ଥିବା ଭୂଦାନ ଆଶ୍ରମରେ । ୨୯ ଅପ୍ରେଲ ୧୯୫୮ ମସିହାରେ ସେ ମୃତ୍ୟୁ ବରଣ କରିଥିଲେ ।



## ପରୋପକାରାୟଃ ସ୍ୱର୍ଗାୟଃ

# ଦୟାବନ୍ତ ଦିବ୍ୟାତ୍ମା ଜାନକୀ ପ୍ରସାଦ

◆ ସ୍ମିତାରାଣୀ ଦାସ

ନିତ୍ୟନୈମିତ୍ୟ ସଂସାର ପାରାବାରରେ ଜନ୍ମ-ମୃତ୍ୟୁର ତଥାକଥିତ ନାଟ୍ୟାବଳୀର ଦୃଶ୍ୟାୟନ ପ୍ରତିଫଳନ ଅବିରହ ଚାଲିଥାଏ । ଧନୀ, ଦରିଦ୍ର, ପାପୀ, ତପୀ, ଦୁଃଖୀ, ରଙ୍କ ଶରୀରରୂପୀ ସମସ୍ତ ଜୀବାତ୍ମାମାନେ ପାର୍ଥିବ ରଙ୍ଗମଂଚରୁ କର୍ମ, କର୍ତବ୍ୟ, ଧର୍ମ ପାଳନପୂର୍ବକ ପୁନଶ୍ଚ ସମୟର ଡାକରାରେ ପ୍ରତ୍ୟାବର୍ତନ କରନ୍ତି ସ୍ୱସ୍ଥାନକୁ ବା ପରମାତ୍ମାଙ୍କ ପାଖକୁ । ପ୍ରତ୍ୟେକ ମନୁଷ୍ୟ ନିଜ ନିଜର କର୍ମସଂପାଦନ କରି ଯେତେବେଳେ ଆରପାରିକୁ ଯାଆନ୍ତି ସେତେବେଳେ ସେମାନଙ୍କର ସ୍ୱକୀୟ କର୍ମ ଦେଖି ଅନ୍ୟମାନେ କହନ୍ତି ସେଇ ଆତ୍ମା ସ୍ୱର୍ଗକୁ ଗଲା ନା ନର୍କରେ ରହିଲା । ସେଥିପାଇଁ ତ କୁହାଯାଇଛି "ପରୋପକାରାୟଃ ସ୍ୱର୍ଗାୟଃ" । ବଂଚି ଥାଉଁ ଥାଉଁ ଆମେ ସମସ୍ତେ ଭଲକର୍ମ କରିବା ସହ ଦାନ,ଧର୍ମ, ଦୟାପୂର୍ବକ ଆମ ହୃଦୟକୁ ସ୍ୱଚ୍ଛ ନିର୍ମଳ କରି ଯେପରି ପରମାତ୍ମାଙ୍କ ପଦାରବିନ୍ଦରେ ନିଜକୁ ସମର୍ପି ଦେବା । ଏହି ଉକ୍ତିକୁ ଯଥାର୍ଥ ଭାବେ ପୂର୍ଣ୍ଣ ଭାବରେ ପାଳନ କରିଛନ୍ତି ପୂଜ୍ୟ ଅଜା ଜାନକୀ ପ୍ରସାଦ ମହାନ୍ତି । ମୟୂରଭଂଜ ଜିଲ୍ଲା ବାଙ୍ଗିରିପୋଷୀ ଥାନା ଅନ୍ତର୍ଗତ କଂସାପାଳ ଗ୍ରାମର ଜଣେ ଧର୍ମାତ୍ମା, ପରୋପକାରୀ ସମ୍ଭ୍ରାନ୍ତ ଜମିଦାର ୰ ଅଖିଳନାଥ ମହାନ୍ତିଙ୍କ କନିଷ୍ଠପୁତ୍ର ଭାବେ ଜନ୍ମ ଗ୍ରହଣ କରିଥିଲେ ୰ଜାନକୀ ପ୍ରସାଦ ମହାନ୍ତି । ତୁଳସୀ ଦୁଇପତ୍ରରୁ ବାସିଲା ପରି ତାଙ୍କର ସମସ୍ତ ଦିବ୍ୟାତ୍ମା ଗୁଣ ପିଲାକାଳରୁ ହିଁ ପ୍ରସ୍ଫୁଟିତ ହୋଇଥିଲା । ମଣିଷ ରୂପେ ଜନ୍ମ ହୋଇ ମଧ ସମସ୍ତ ଦେବଗୁଣର ସେ ଥିଲେ ଅଧିକାରୀ । ନୀତି, ନ୍ୟାୟ, ଧର୍ମ, ପରୋପକାର, ସରଳ, ନିରଳସ, ଦୟାବନ୍ତ ଗୃହସ୍ଥିର ପ୍ରତିଛବି ଧର୍ମାତ୍ମାର ମୂର୍ତିମନ୍ତ ପବିତ୍ର ଦେହଧାରୀ ଆତ୍ମା । ନ ଥିଲା ତାଙ୍କର ଲୋଭ । ବରଂ ସବୁ କିଛି ଦେବାରେ ସେ ଯେପରି ସ୍ୱର୍ଗୀୟ ସୁଖ ପାଉଥିଲେ । କେହି ଆତ୍ମ ପରିଜନ, ବନ୍ଧୁବାନ୍ଧବ ଅସୁବିଧାରେ ପଡ଼ିଥିଲେ ସ୍ୱତଃପ୍ରବୃତ ସେ ସାହାଯ୍ୟର ହାତବଢ଼ାଇ ସେମାନଙ୍କୁ ଶାରିରୀକ, ଆର୍ଥିକ ଏବଂ ମାନସିକ ସ୍ତରରେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ସାହାଯ୍ୟ କରୁଥିଲେ ମୃତ୍ୟୁ ପର୍ଯ୍ୟନ୍ତ । ଜନ୍ମ ସିନା କଂସାପାଳରେ କିନ୍ତୁ ପରବର୍ତୀ ସମୟ ତାଙ୍କର କଟିଥିଲା ଚିର ପରିଚିତ ସଂସ୍କୃତି, କଳା, ଛଉ ନୃତ୍ୟର ସହର ବାରିପଦା ଠାରେ । ସେ ଥିଲେ ବାରିପଦାର ଜଣେ ପରିଚିତ ପୁରୁଖା ବ୍ୟକ୍ତି ତଥା ସେବାନିବୃତ ସରକାରୀ କର୍ମଚାରୀ । ୰ ମହାନ୍ତି ମୟୂରଭଂଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ବିଭିନ୍ନ ବିଭାଗର ଦାୟିତ୍ୱରେ ରହି ଅତି ନିଷ୍ଠା ଓ ଦକ୍ଷତାର ସହ କର୍ତବ୍ୟ ସଂପାଦନ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ । ପରୋକ୍ଷ ଭାବେ ଦେଖିବାକୁ ଗଲେ ଜଣେ ଶାନ୍ତ, ସରଳ ଓ ଅମାୟିକ ମଣିଷ ତଥା ଜଣେ ଉତ୍ସର୍ଗୀକୃତ ଓ ସାହାଯ୍ୟକାରୀ ସରକାରୀ କର୍ମଚାରୀ ଭାବେ ସମାଜର ସବୁ ସ୍ତରର ଲୋକଙ୍କ ମଧ୍ୟରେ ପ୍ରିୟପାତ୍ର ଥିଲେ । ନଥିଲା ତାଙ୍କ ଠାରେ ଛନ୍ଦ, କପଟ, ହିଂସା, ଦ୍ୱେଷ । ପୁଅ, ଭାଇ, ବାପା, ଦାଦା, ପିଉସା, ମଉସା, ମାମୁଁ, ଅଜା, ଭିଣୋଇ ପ୍ରଭୃତି ସଂପର୍କର ସୂତାଖିଅରେ ଥିଲେ ମଧ ତାଙ୍କ ଠାରେ ମାତୃତ୍ୱରୂପୀ ଗୁଣର ଏକ ସୂର୍ଯ୍ୟରେଣୁସମ ପ୍ରତିବିମ୍ବର ବାରିଧାରା ବାରି ହୋଇ ପଡ଼ିଥିଲା ଏବଂ ପଡୁଥିଲା ମଧ । ଦରଦୀ ହୃଦୟର ଭଲ ପାଇବାରେ ନିଃସ୍ୱାର୍ଥ ନିର୍ଜରିଣୀ ଝରିପଡୁଥିଲା ତାଙ୍କ ଠାରେ । ଅର୍ଥ ସର୍ବସ୍ୱ ଦୁନିଆରେ ମଣିଷପଣିଆଟି ସମସ୍ତଙ୍କ ପାଖରୁ ଦୂରେଇ ଯାଉଥିବା ବେଳେ ଦୟା, କ୍ଷମା, ସ୍ନେହଭାବ, ଉଦାରତା, ପରୋପକାର, ଭଗବତ ବିଶ୍ୱାସୀ, ଅହଂକାରଶୂନ୍ୟ ମଣିଷଟିଏ ହେଉଛନ୍ତି ଜାନକୀ ଅଜା । ଅନ୍ୟମାନଙ୍କ ସେବାରେ ଏବଂ କର୍ତବ୍ୟତାରେ ଦୈନନ୍ଦିନ ସକାଳ ସନ୍ଧ୍ୟା ଯାଏଁ ଲାଗି ରହିଥିଲା ଏପରି ମଣିଷ ସତେ ଅବା ବିରଳ । ଛୋଟ ଠାରୁ ବଡ଼ ମଣିଷ ସମସ୍ତଙ୍କ ପ୍ରତି ଥିଲା ସାହଯ୍ୟ ଓ ଆତିଥ୍ୟର ସମାନତା । ନିଜ -ପର ତାଙ୍କ ପାଖେ ନଥିଲା । ରାଗ (କ୍ରୋଧ) ତାଙ୍କର ଶରୀରକୁ ଛୁଇଁ ନ ଥିଲା । ଐଶ୍ୱରୀକ ହୃଦୟ ନେଇ ସେ ବୋଧେ ଜନ୍ମ ହୋଇଥିଲେ । ପାର୍ଥିବ ସଂପଦ ପ୍ରତି ସଂପୂର୍ଣ୍ଣ ଅନାସକ୍ତ ଏକ ଭିନ୍ନ ଚେତନାର ସେ ଥିଲେ ବ୍ୟକ୍ତିତ୍ୱଟିଏ । ଅନ୍ୟକୁ ସାହାଯ୍ୟ କରିଥିଲେ ମଧ ତାଙ୍କ ପାଟିରୁ ପଦୁଟିଏ ସାହାଯ୍ୟ ବା ଦାନ କରିଛନ୍ତି ବୋଲି କହୁ ନଥିଲେ । ଯାହାକି ଥିଲା ଏକ ସ୍ୱର୍ଗୀୟ ଚିନ୍ତାଧାରା । ବହୁତ ଲୋକଙ୍କୁ ନିଜ ଅର୍ଥରେ ସାହାଯ୍ୟ କରିବା ସହ ପାଠପଢ଼ାଇ ମଣିଷ କରିଛନ୍ତି । ସରକାରୀ କାର୍ଯ୍ୟରୁ ୨୦୦୩ ମସିହାରେ ଅବସର ଗ୍ରହଣ ପରେ ବିଭିନ୍ନ ସାଂସ୍କୃତିକ ଓ ସାମାଜିକ ସେବାଧର୍ମୀ ଅନୁଷ୍ଠାନ ସହିତ ସଂପୃକ୍ତ ରହି ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ । ଦେବାରେ ଯେଉଁ ଆନନ୍ଦ ତାହା କଅଣ ନେବାରେ ଥାଏ କି ଏହା ତାଙ୍କ ହୃଦୟରେ ଯେପରି ଲିପିବଦ୍ଧ ହୋଇଥିଲା । ଶୁଦ୍ଧଚିନ୍ତାଧାରା ଏବଂ କର୍ମଥିଲା ପବିତ୍ର ନିର୍ମଳ, ଗଂଗାଜଳ ପରି । ମୁଖମଣ୍ଡଳ ସଦା ହସହସ । ଯେ କେହି ଅଚିହ୍ନା ଲୋକଟି ତାଙ୍କୁ ଦେଖିଦେଲେ ହୃଦୟରେ ଯେପରି ଖୁସି ବିଂଚି ହୋଇପଡେ । ଏଇ ଲକ୍ଷଣ ତ ସାଧୁ ସନ୍ୟାସୀଙ୍କର । ଜଣେ ଭଲ ମଣିଷ ରୂପେ ତାଙ୍କର ସଦାଖାତିର ଥିଲା । ଘରେ ବାହାରେ ପ୍ରତି ତାଙ୍କ ପରିଚିତ ଜାଗାରେ । ଏହାରି ମଧ୍ୟରେ ୮୩ ବର୍ଷର କର୍ମ ସଂପାଦନର ଅବ୍ୟାହତି ନେଇ ନିୟତିର ଇସାରାରେ ଗତ ୧୯ ତାରିଖ ଦିନ ଦ୍ୱିପ୍ରହରରେ ଖାଇସାରି ଟିକେ ବିଶ୍ରାମ ନେଇ ଅପରାହ୍ନ ୪ଟା ବେଳେ ମାର୍କେଟକୁ ଯିବା ପାଇଁ ବାହାରି ଥିବା ବେଳେ ହଠାତ୍ ହୃଦ୍‌ଘାତ ଯୋଗୁଁ ସେ ସବୁଦିନ ପାଇଁ ଚାଲିଗଲେ ଆରପାରିକୁ । ଦୁଃଖ ସାଗରରେ ଭସାଇ ଦେଇ ଗଲେ ନିଜର ଧର୍ମପତ୍ନୀ, ତିନି ଝିଅ-ଜ୍ୱାଇଁ ଓ ନାତିନାତୁଣୀ ଏବଂ ଆତ୍ମୀୟ ସ୍ୱଜନଙ୍କୁ । କେହି ଭାବି ନଥିଲେ ସେ ହଠାତ୍ ଏପରି ଚାଲିଯିବେ ବୋଲି । ମୃତ୍ୟୁ ଯେ ଏମିତି ହଠାତ୍ ଆସି ତାଙ୍କୁ ନେଇଗଲା ଯେ କେହି ଶୁଣୁଛନ୍ତି ଆଶ୍ଚର୍ଯ୍ୟ ହୋଇ ଯାଉଛନ୍ତି । ଜନ୍ମ ହେଲେ ମୃତ୍ୟୁ ଯେ ସୁନିଶ୍ଚିତ ଏଇ ଉକ୍ତି ସତ୍ୟ ହେଲେ ମଧ ବହୁତ କଷ୍ଟଦାୟକ । ଏଠାରେ ଉଲ୍ଲେଖନୀୟ ଯେ ସେ ୰ ହରପ୍ରସାଦ ମହାନ୍ତି ଏବଂ ବାରିପଦାର ବରିଷ୍ଠ ଆଇନଜୀବୀ ଦୁର୍ଗାପ୍ରସାଦ ମହାନ୍ତିଙ୍କ ସାନଭାଇ ତଥା ବିଶିଷ୍ଟ ଆଇନଜୀବୀ ୰ ନବକିଶୋର ମହାନ୍ତିଙ୍କ ଦାଦା ଅଟନ୍ତି । ଆଜି ତାଙ୍କର ଏକାଦଶାହ । ଏହି ପବିତ୍ର ଅମର ଆତ୍ମା ପ୍ରତି ଆମ ସମସ୍ତଙ୍କର ଭକ୍ତିପୂତ ଶ୍ରଦ୍ଧା ସୁମନ ଶ୍ରଦ୍ଧାଂଜଳି । ସ୍ୱର୍ଗୀୟ ଆତ୍ମା ଆମ ସମସ୍ତଙ୍କୁ ତାଙ୍କର ଆଶିଷ ବର୍ଷି ଦିଅନ୍ତୁ ସ୍ୱର୍ଗରେ ଥାଇ । ଶତ ପ୍ରଣାମ । ଓଁ ଶାନ୍ତି ଓଁ ଶାନ୍ତି ଶାନ୍ତି ।



*ସହସଂପାଦିକା- "ଆଜିକାଲି"*

## ପୁସ୍ତକ 'ଭାବ ଭକତି' ଲୋକାର୍ପିତ



ବାଲିଆପାଳ : (ନିପ୍ର) ବାଲିଆପାଳ ବରିଷ୍ଠ ନାଗରିକ ପରିଷଦ ସଭାଗୃହ ପରିସରରେ ରବିବାର ପୂର୍ବାହ୍ନରେ ପରିଷଦର ସ୍ଥାୟୀ ସଭାପତି ନାରାୟଣ ପ୍ରସାଦ ସାହୁଙ୍କ ପୌରାହିତ୍ୟରେ ଦେବେନ୍ଦ୍ର ଅଣ୍ଡିଆଙ୍କ ପୁସ୍ତକ ' ଭାବ ଭକତି ' ଲୋକାର୍ପିତ ହୋଯାଇଛି । ଏହି ଅବସର ରେ ଅନୁଷ୍ଠିତ ପରିଷଦର ମାସିକ ବୈଠକରେ ସ୍ୱାସ୍ଥ୍ୟ ଗତ ସମସ୍ୟା ବିଷୟରେ ମଧ ଆଲୋଚନା ହୋଇଥିଲା । ପରିଷଦର ଉପ ସଭାପତି ପୂର୍ଣ୍ଣ ଚନ୍ଦ୍ର ରାଜ, ବରିଷ୍ଠ ଅଧକ୍ଷ ଡ଼ଃ କୁଞ୍ଜକାନ୍ତ ପାତ୍ର, ସମ୍ପାଦକ ବଂକିମ ଚନ୍ଦ୍ର ଜେନା ମଂଚାସୀନ ହୋଇଥିଲେ ।ପରିଷଦର ବରିଷ୍ଠ ସଦସ୍ୟ ଓ ଅବସରପ୍ରାପ୍ତ ଅଧକ୍ଷ ତଥା ସୁ ସାହିତ୍ୟିକ ଡ଼ଃ ବିଜୟ କୁମାର ଦେ ପୁସ୍ତକର ସମୀକ୍ଷା ସହିତ ଉଦ୍ଘାଟନୀ ବକ୍ତବ୍ୟ ରଖିଥିଲେ ।ଲେଖକ ଦେବେନ୍ଦ୍ର ଅଣ୍ଡିଆ ନିଜ ଜୀବନର ସାହିତ୍ୟିକ ଓ କବିପ୍ରାଣ ବିଷୟୀକ ସାର ଗର୍ଭକ ଭାଷଣ ରଖିଥିଲେ ।ବୈଠକରେ କବି ସନ୍ନ୍ୟାସୀ ବେହେରା, ରାଜକୃଷ୍ଣ ପାତ୍ର, ବିଜୟ ପାତ୍ର, ବୀର ମାଧବ ଦାସ, ଶ୍ରୀହରି ମଣ୍ଡଳ , ଅବସରପ୍ରାପ୍ତ ଅଧ୍ୟାପକ ଅନନ୍ତ ଗିରି, ବେଣୁଧର ମଣ୍ଡଳ,କାର୍ତିକ ରାଉତ ପ୍ରମୁଖ ଅନେକ ସଦସ୍ୟ ଯୋଗ ଦେଇଥିଲେ । ଗାୟକ ଶଙ୍କରର୍ଷଣ ପରିଡା ଉଦ୍ଘାଟନୀ ଭକ୍ତି ସଂଗୀତ ଗାନ କରିଥିଲେ ।

## ଏରସମା ବ୍ଲକ୍ କାର୍ଯ୍ୟାଳୟ ଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର

ଜଗତସିଂହପୁର : (ନିପ୍ର) ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଏରସମା ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶିବିର ରେ ଉପସ୍ଥିତ ରହି ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ଜନସାଧାରଣଙ୍କ ବିଭିନ୍ନ ଆପତି ଅଭିଯୋଗ ର ଶୁଣାଣି କରିଥିଲେ । ମୋଟ ୮୨ ଟି ଅଭିଯୋଗ ପଞ୍ଜୀକୃତ ହୋଇ ଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୬୭ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୫ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମ୍ବନ୍ଧୀୟ ୩ ଟି, ଆବାସ ଯୋଜନା ସମ୍ପର୍କୀୟ ୭ ଟି ,ଜମିଜମା ସମସ୍ୟା ସମ୍ପର୍କୀୟ ୧୭ ଟି, ପୋଲିସ୍ ସହାୟତା ପାଇବା ପାଇଁ ୩ ଟି, ଭତା ପାଇବା ପାଇଁ ୫ ଟି ଏବଂ ଅନ୍ୟାନ୍ୟ ୧୫ ଟି ଅଭିଯୋଗର ଶୁଣାଣି କରା ଯାଇଥିଲା । ୧୭ ଟି ଅଭିଯୋଗ ର ତତକାଳ ଫଇସଲା କରା ଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ରାୟ , ମୁଖ୍ୟ ବିକାଶ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଅକ୍ଷୟ କୁମାର ପିଲ୍ଲେ, ଉପ ଜିଲ୍ଲାପାଳ ଶ୍ରୀ ପ୍ରଶାନ୍ତ କୁମାର ତରାଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏରସମା ,ଶ୍ରୀ ଦାଶରଥି ଜେନା , ତହସିଲଦାର, ଏରସମା, ସ୍ନିଗ୍ଧା ଶ୍ରଦ୍ଧାଞ୍ଜଳି ବେହେରା ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତି ଅଭିଯୋଗ ର ଶୁଣାଣି କରିଥିଲେ ।

## ସୂର୍ଯ୍ୟେଶ୍ୱର ମହାଦେବଙ୍କ ପାଟ ପର୍ବ ଉଦ୍‌ଯାପିତ



ବାଲିଆପାଳ : (ନି ପ୍ର) ବାଲିଆପାଳ ବ୍ଲକ ଅନ୍ତର୍ଗତ ଅସ୍ତୀ ଗ୍ରାମପଂଚାୟତର ସୂର୍ଯ୍ୟାପୁର ଗ୍ରାମରେ ସୂର୍ଯ୍ୟେଶ୍ୱର ମହାଦେବ ଙ୍କ ପାଟ ପର୍ବ ଶନିବାର ସନ୍ଧ୍ୟା ରେ ଉଦଯାପିତ ହୋଇ ଯାଇଛି ।ଏହି ଅବସରରେ ମଇଁଶାଢ଼ୀ ଗ୍ରାମରେ ଥିବା ହାକାଣ୍ଡ ପୋଖରୀରୁ ବ୍ରତ ଧରି ମାନେ ଦେହରେ ବିଭିନ୍ନ ସ୍ଥାନରେ କଂଟା ମାରି ବିଭିନ୍ନ ବିଭିନ୍ନ ସାଜସଜ୍ଜା ରେ ନିଜକୁ ସଜେଇ ନାଚି ନାଚି ମହାଦେବ ମନ୍ଦିର ପର୍ଯ୍ୟନ୍ତ ଆସି ବ୍ରତ ଭାଙ୍ଗି ଥିଲେ । ଏହି ପାଟ ପର୍ବ ଅବସରରେ ସେଠାର ଏକ ବିରାଟ ମେଳା ବସିଥିଲା । ସେହି ମେଳାରେ ବିଭିନ୍ନ ପ୍ରକାର ଚଟପଟି ଖାଦ୍ୟ ସହିତ ଘର କରଣା ସାମଗ୍ରୀ ବିକ୍ରୀ ହେଉଥିବାରୁ ଲୋକଙ୍କ ଗହଳି ରେ ମେଳା ବେଶ ଜମି ଥିଲା ।ବିଶ୍ୱମ୍ଭର ପାତ୍ର , ପ୍ରଭାକର ଜେନା, ପୂର୍ଣ୍ଣ ଚନ୍ଦ୍ର ଜେନା, ତରୁଣ କୁମାର ଜେନା, ନଳିନୀକାନ୍ତ ଜେନା, ବିଜୟ ଜେନା, ସନ୍ତୋଷ କୁମାର ଜେନା,ତପନ ଜେନା, ସଞ୍ଜୟ ଜେନା, ସନ୍ତୋଷ ମହାଳିକ, ଅଶ୍ୱିନୀ ଜେନା, ଜୟଦେବ ଜେନା, ମନୋଜ ମହାଳିକ, କାଳିଆ ମହାଳିକ, ଅଦ୍ୱୈତ୍ୟ ଜେନାଙ୍କ ସହିତ ସମସ୍ତ ଗ୍ରାମ ବାସୀଙ୍କ ସହଯୋଗରେ ପାଟ ପର୍ବ ସୁରୁଖୁରୁ ରେ ସମାପନ ହୋଇଥିଲା ।

## ଜିଲ୍ଲାପାଳଙ୍କ ବିଭିନ୍ନ କ୍ଷେତ୍ର ପରିଦର୍ଶନ



ଝାରସୁଗୁଡା : ଜିଲ୍ଲାପାଳ, ଝାରସୁଗୁଡା କୁଣକ୍ଷଲ ମୋତିରାମ ଚହ୍ୱାଣ କିର୍ମୀରକ୍ଷ ଠାରେ ଅନୁଷ୍ଠିତ ଯୁଗ୍ମ ଜନ ଶୁଣାଣୀ ପରେ ପରେ ବିଭିନ୍ନ କ୍ଷେତ୍ର ପରିଦର୍ଶନ କରିଥିଲେ । ପୁରୁଣା ବସଷ୍ଟାଣ୍ଡ, ଗୋଲ ଛକ ରୁ କାଳୀ ମନ୍ଦିର ରାସ୍ତା, କୋଲାବିରା ରାସ୍ତା ଗସ୍ତ କରିଥିଲେ । ସେଠାରେ ରାସ୍ତା ର ଉଭୟ ପାର୍ଶ୍ୱ ରେ ଥିବା ଦୋକାନ ବସିବା ଯୋଗୁଁ ଟ୍ରାଫିକ ସମସ୍ୟା, ରାସ୍ତା ଭିଡ଼ ହେଉଥିବା ରୁ ତୁରନ୍ତ ନିର୍ବାହୀ ଅଧିକାରୀ, ଝାରସୁଗୁଡା ମୁନିସିପାଲିଟି ମାନସ ରଞ୍ଜନ ମଲ୍ଲିକ ଙ୍କୁ ଉଠା ଦୋକାନ ଗୁଡିକୁ ଶୀଘ୍ର ଉଠାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏଥି ସହ ଆଗକୁ ଟ୍ରାଫିକ ସମସ୍ୟା ଯେପରି ନ ହେବ ସେଥିପ୍ରତି ଦୃଷ୍ଟି ଦେବାକୁ କହିଥିଲେ

## ପଂଚରୁଖି ଗ୍ରାମରେ ମା' ମନସାଙ୍କ ସାର୍ବଜନୀନ ପୂଜା ଅନୁଷ୍ଠିତ

ବାଲିଆପାଳ : (ନିପ୍ର) ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ମଧୁପୁରା ପଂଚାୟତର ପଂଚରୁଖୀ ଗ୍ରାମର ଉତର ସାହି ଛକ ନିକଟରେ ଜଗନ୍ନାଥ ଯୁବକ ସଂଘ ପକ୍ଷରୁ ଶନିବାର ରାତିରେ ମାଆ ମନସାଙ୍କର ସାର୍ବଜନୀନ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି । ଏହି ଅବସର ରେ ସନ୍ଧ୍ୟା ରେ ମାଆଙ୍କର ଘଟୋଉତଳନ କରାଯାଇ ରାତି ତମାମ ପୂଜାର୍ଚ୍ଚନା କରାଯିବା ସହିତ ମାଆ ମନସାଙ୍କ ଉଦ୍ଦେଶ୍ୟ ରେ ମାଆ ମନସାଙ୍କ ଉପରେ ଏକ ଗୀତିନାଟ୍ୟ ପରିବେଷଣ ହୋଇଥିଲା । ଏହି ଗୀତିନାଟ୍ୟେ ମାଧମରେ ମାଆ ମନସା ଦେବୀ ଗୁଣ ଗାନ କରା ଯାଇଥିଲା ।ପୂଜା କମିଟିର ସଦସ୍ୟ କୀର୍ତନ ମାହାନା,



ସୁଶାନ୍ତ ଖଣ୍ଡା, ଶିବ ପ୍ରସାଦ ସାହୁ, ନାରାୟଣ ଗଙ୍ଗାଇ, ଧନଞ୍ଜୟ ବାରିକ, ଜୟ ପ୍ରକାଶ ଖଣ୍ଡା,ଶ୍ରୀକାନ୍ତ ମାହାନା, ଜୟ ନାରାୟଣ ଖଣ୍ଡା, ବିଭୂତି ଭୂଷଣ ଖଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପଂଚରୁଖୀ ଗ୍ରାମ ସହିତ ପଡ଼ୋଶୀ ଚୌଧୁରୀକୁଦ , ଚରବସ୍ତକାଳରୁଇ ଗ୍ରାମର ସାହାଯ୍ୟ ଓ ସହଯୋଗରେ ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମାପନ ହୋଇଥିଲା ବୋଲି କମିଟିର ସଦସ୍ୟ ଶ୍ରୀ ମାହନା କହିଛନ୍ତି ।

## ପିଆରଏମ୍ ମେଡିକାଲ କଲେଜରେ ପ୍ରଦର୍ଶନୀ 'ଇନୋଭାଟିଆ ୧. ୦ - ୨୦୨୬' ଅନୁଷ୍ଠିତ

ବାରିପଦା : ପି ଆର ଏମ ମେଡିକାଲ କଲେଜରେ ପ୍ରଥମ ମେଡିକାଲ ପ୍ରଦର୍ଶନୀ 'ଇନୋଭାଟିଆ ୧. ୦ - ୨୦୨୬' ଅନୁଷ୍ଠିତ ହୋଇଯାଇଛି ଓ ଏକାଡେମୀକ ସୋସାଇଟି ଓ ଷ୍ଟୁଡେଂଟସ ୟୁନିୟନ ଦ୍ୱାରା ଆୟୋଜିତ ଏହି ପ୍ରଦର୍ଶନୀରେ ବିଭିନ୍ନ କଲେଜ ତଥା ଅନୁଷ୍ଠାନର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ଓ ଉତ୍କୃଷ୍ଟ ପ୍ରଦର୍ଶନ କରି ବାରିପଦାର କ୍ୱାଂଟମ ଏକାଡେମୀର ଛାତ୍ରଛାତ୍ରୀ ପ୍ରଥମ



ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି ଓ ନିଟ ପରୀକ୍ଷା ଢାଂଚାରେ ଆୟୋଜିତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ଏହି ଏକାଡେମୀକୁ ୨୦୨୫ - ୨୬ ର ଶ୍ରେଷ୍ଠ ଏକାଡେମୀ ଭାବେ ସମ୍ମାନିତ କରାଯାଇଥିଲା ଓ ଏହି ସଫଳତା ପାଇଁ ଏକାଡେମୀର ନିର୍ଦ୍ଦେଶକ ଦିପ୍ତୀରଂଜନ ବସା ଓ ଅନୁସୟା ବସା ଏବଂ ଜ୍ୟୋତି ବିକାଶ ଗିରି ଛାତ୍ରଛାତ୍ରୀ ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଓ ଛାତ୍ରଛାତ୍ରୀ ମାନେ ଏହି ସଫଳତା ପାଇଁ ଶିକ୍ଷକ/ଶିକ୍ଷୟତ୍ରୀ ପରମେଶ୍ୱର ବେହେରା, ଅନୁରାଗ ଦାସ, ରାଜ ମଣ୍ଡଳ, ଯୋଗେଶ କୁମାର ନାୟକ, ସୁଭାଶିଷ ବେହେରା, ପ୍ରମିତ ସେଠୀ ଓ ମୁନୁ ମାର୍ଣ୍ଡି ଙ୍କୁ ଶ୍ରେୟ ଦେଇଛନ୍ତି ।

## ଇନ୍ଦପାହି କେନାଲ ଛକ ନିକଟରୁ ବିପୁଳ ଦେଶୀ ମଦ ସହ ପିକ୍‌ଅପ୍ ଗାଡ଼ି ଜବତ, ଜଣେ ଗିରଫ

ବାରିପଦା : ମୟୂରଭଞ୍ଜ ଜିଲ୍ଲା ବାରିପଦା ସଦର ଥାନା ଅନ୍ତର୍ଗତ ଇନ୍ଦପାହି କେନାଲ ଛକ ନିକଟରୁ ୨୬୫୦ ଲିଟର ଦେଶୀ ମଦ ସହ ଏକ ପିକଅପ ଗାଡ଼ି ଜବତ କରାଯାଇଛି. ଚୋରା ମଦ ଚାଲାଣ ଅଭିଯୋଗରେ ଜଣକୁ ପୋଲିସ ଗିରଫ କରିଥିବା ବେଳେ ଅନ୍ୟଜଣେ ଫେରାର ହୋଇ ଯାଇଛନ୍ତି. ସୂଚନା ଅନୁସାରେ, ଏକ ଦେଶୀ ମଦ ବୋଝେଇ ପିକଅପ ଗାଡ଼ି ଶନିବାର ବିଳମ୍ବିତ ରାତିରେ ବାରିପଦା ପଟୁ ଶୁଳିଆପଦା ଦେଇ



ପଶ୍ଚିମବଙ୍ଗ ରାଜ୍ୟକୁ ଯାଉଥିଲା. ବାରିପଦା ସଦର ପୋଲିସ ରଜାବସା ଅଂଚଳରେ ପେଟ୍ରୋଲିଂ ସମୟେର ଏ ବାବଦେର ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଇନ୍ଦପାହି କେନାଲ ଛକ ନିକଟେର ଗାଡିଟିକୁ ଅଟକାଇ ଥିେଲ. ଗାଡ଼ି ଯାଂଚ ବେଳ ସେଠାରୁ ୫୩ ଗୋଟି ବସ୍ତାର ୨୬୫୦ ଲିଟର ଦେଶୀମଦ ଜବତ କରାଯାଇଥିଲା. ତେବେ ଗୋଟିଏ ବସ୍ତାରେ ୫ ଲିଟର ଲେଖାଏଁ ୧୦ ଗୋଟି ଟ୍ୟୁବ ମଧ୍ୟେର ଦେଶୀମଦ ରହିଥିବାର ଦେଖିବାକୁମିଳିଥିଲା. ବାରିପଦା ସଦର ପୋଲିସ ମଦକୁ ଜବତ କରିବା ସହ ଗାଡ଼ିକୁ ଅଟକ ରଖିଛି. ଏହି ଘଟଣାରେ ଜଣକୁ ପୋଲିସ ଗିରଫ କରିଥିବା ବେଳ ଅନ୍ୟ ଜେଣ ସେଠାରୁ କୌଶଳ କ୍ରମେ ଫେରାର ହୋଇଯାଇଥିଲା. ଗିରଫ ବ୍ୟକ୍ତି ଜଣକ ହେଲ ଜଗଦିଶ ପ୍ରଧାନ. ଏ ନେଇ ପୋଲିସ ପକ୍ଷରୁ ବାରିପଦା ସଦର ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି.




# ଜିଲ୍ଲାସ୍ତରୀୟ ରବି ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ



ପୁରୀ(ନିପ୍ର) : ପୁରୀ ଜିଲ୍ଲା ସ୍ତରୀୟ ରବି ଋତୁ ଧାନ ସଂଗ୍ରହ ନିମିତ ଏକ ପ୍ରସ୍ତୁତି ବୈଠକ ଗତକାଲି ସଂଧ୍ୟାରେ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା । ରବି ଧାନ ସଂଗ୍ରହ ମଇ ମାସ ୧୫ ତାରିଖ ଠାରୁ ଆରମ୍ଭ କରାଯିବ ବୋଲି ସ୍ଥିର ହୋଇଛି । ଏଥିରେ ଅଧକ୍ଷତା କରି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଖରିଫ ଧାନ ସଂଗ୍ରହ ପରି ରବି ଧାନ ସଂଗ୍ରହ କୁ ସମସ୍ତଙ୍କ ଉଦ୍ୟମ ରେ ସଫଳ କରିବାକୁ ନିର୍ଦ୍ଦେଶ ଦେଇଥିଲେ । କୃଷକ ମାନେ ଯେପରି ଧାନ ବିକ୍ରି ସମୟରେ କୌଣସି ସମସ୍ୟା ର ସମ୍ମୁଖୀନ ନ ହୁଅନ୍ତି ସେଥି ପ୍ରତି ଯତ୍ନବାନ ହେବା, ଧାନ ମଣ୍ଡି ଗୁଡିକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରଖିବା, ଧାନ ସଂଗ୍ରହ ଉପକରଣ ସବୁ କୁ ପ୍ରସ୍ତୁତ ରଖିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଚଳିତ ବର୍ଷ ୨୨୨୩୬ କୃଷକ ନାମ ପଞ୍ଜିକରଣ କରିଛନ୍ତି ।ଗତ ଖରିଫ ଋତୁରେ ଜିଲ୍ଲାରେ ୨୧୦୪୦୦.୦୦ ମେଟ୍ରିକ ଟନ ଧାନ ସଂଗ୍ରହ ର ଧାର୍ଯ୍ୟ ଲକ୍ଷ ରୁ ୨୦୩୫୨୦.୫୭୯ ମେଟ୍ରିକ ଟନ ଧାନ ସଂଗ୍ରହ କରାଯାଇଥିଲା । ଜିଲ୍ଲାରେ ୫୯୨୫୩ ପଞ୍ଜିକୃତ ଯୋଗ୍ୟ ଚାଷୀଙ୍କ ମଧ୍ୟରୁ ୫୮୦୦୫ କୃଷକ ଙ୍କ ଠାରୁ ଏହି ଧାନ ସଂଗୃହିତ ହୋଇଥିଲା । ସେହିପରି ଗତବର୍ଷ ରବି ଋତୁରେ ୨୫୩୨୧ ପଞ୍ଜିକୃତ ଯୋଗ୍ୟ କୃଷକ ଙ୍କ ମଧ୍ୟରୁ ୧୮୦୧୩ ଜଣ କୃଷକ ଙ୍କ ଠାରୁ ୭୨୫୪୪.୦୭୮ ମେଟ୍ରିକ ଟନ ଧାନ ସଂଗ୍ରହ କରାଯାଇଥିଲା । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଉପଜିଲ୍ଲାପାଳ ରାଜ କିଶୋର ଜେନା, ପୁରୀ ସାଂସଦଙ୍କ ପ୍ରତିନିଧି, ସତ୍ୟବାଦୀ,ବ୍ରହ୍ମଗିରି ଓ ପୁରୀ ବିଧାୟକଙ୍କ ପ୍ରତିନିଧି ଓ ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।ପ୍ରାରମ୍ଭରେ ମୁଖ୍ୟ ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁ ସମସ୍ତଙ୍କୁ ସ୍ୱାଗତ କରିବା ସହ ବୈଠକରେ ବିବିଧ ସୂଚନା ପ୍ରଦାନ କରିଥିଲେ ।

# ଉତ୍କଳ ସମ୍ମିଳନୀ ପକ୍ଷରୁ ମଧୁ ବାବୁଙ୍କ ୧୭୮ତମ ଜୟନ୍ତୀ ପାଳିତ



ବାଲିଆପାଳ(ନିପ୍ର) : ଉତ୍କଳ ସମ୍ମିଳନୀ ବାଲିଆପାଳ ଶାଖା ପକ୍ଷରୁ ମଙ୍ଗଳବାର ଶ୍ରୀହରି ମଣ୍ଡଳଙ୍କ ବାସ ଭବନରେ ମଧୁ ବାବୁଙ୍କ ୧୭୫ ତମ ଜନ୍ମ ଜୟନ୍ତୀ ପାଳିତ ହୋଇ ଯାଇଛି । ଉତ୍କଳ ସମ୍ମିଳନୀ ବାଲିଆପାଳ ଶାଖା ସଭାପତି କୁଞ୍ଜକାନ୍ତ ପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଜୟନ୍ତୀ ଉତ୍ସବରେ ଡ଼ଃ କାଳିକିଙ୍କର ଦାସ, ଡ଼ଃ ସୁକାନ୍ତ କୁମାର ଗିରି, ଶିକ୍ଷାବିତ ସୁବାସ ଚନ୍ଦ୍ର ଚୌଧୁରୀ, ବରିଷ୍ଠ ସାମ୍ବାଦିକ ଅଜୟ କୁମାର ସାହୁ, ପ୍ରାକ୍ତନ ସେନା ଅଧିକାରୀ କମଳ ଲୋଚନ ପିଳା, ଗୀତିକାର ରବୀନ୍ଦ୍ର ଦତ, ମନ୍ମଥ କୁମାର ସାହୁ, ବୀର ମାଧବ ଦାସ, ଅରବିନ୍ଦ ବେହେରା, ଶ୍ରୁତି ରେଖା ପାତ୍ର ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ମଧୁସୂଦନ ଦାସଙ୍କ ତ୍ୟାଗ ପୁତ ଜୀବନୀ ସମ୍ପର୍କରେ ଆଲୋକ ପାତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବିଶ୍ୱରଂଜନ ସେଠୀ, କବୀ ସବିତା ରାଣୀ ଦାସ, ପ୍ରଫୁଲ୍ଲ କୁମାର ବାଗ, ଆରତୀ ପାତ୍ର, ମନୋଜ କୁମାର ସି, ରାମ ଚନ୍ଦ୍ର ଜେନା, ଅକ୍ଷୟ କୁମାର ଦାସ, ଜୟନ୍ତୀ ଜେନା, ସାମ୍ବାଦିକା ରମିତା ବିଶ୍ୱାଳ, କବିତା ଗିରି , ସୌଭାଗିନୀ ମିଶ୍ର, ସଞ୍ଜୁବାଳ ଦାସ ଅଧିକାରୀ, ଉମାକାନ୍ତ ଜେନା, ଅଦ୍ୱୈତ କୁମାର ବାଗ, ସାମ୍ବାଦିକ ଗୋପାଳ ଚନ୍ଦ୍ର ସାହୁ, ଦିଲ୍ଲୀପ କୁମାର ଦାସ, କବି ନଳିନୀ କାନ୍ତ ପାଢ଼ୀ, ଅର୍ଦ୍ଧେନ୍ଦୁ ପାଣିଗ୍ରାହୀ, ବିଜୟ କୁମାର ପାତ୍ର, ସବିତା ସାହୁ, ଅନିତା ପରିଡା, ପୁଷ୍ପଲତା ସାହୁ, ନମିତା ଜେନା, ଝରଣା ନାୟକ, ସନାତନ ଗଙ୍ଗାଇ, ରାମ କୃଷ୍ଣ ଦାସ ଅଧିକାରୀ, କାଂଚନ ବାଳା ଦାସ, ମନୋରଞ୍ଜନ ବେହେରା, ସଂଜିତା ଜେନା, କମଳ ଲୋଚନ ଦତ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ସଭାରେ ବାଲିଆପାଳ ଶାଖାର ସମ୍ପାଦକ ସନ୍ୟାସୀ ବେହେରା ଅତିଥି ପରିଚୟ ଓ କାର୍ଯ୍ୟକାରୀ ସଭାପତି ଶ୍ରୀହରି ମଣ୍ଡଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

# ପୂଜ୍ୟପୂଜା କମିଟି ପକ୍ଷରୁ ମଧୁ ଜୟନ୍ତୀ ପାଳିତ




ନୟାଗଡ଼(ନିପ୍ର) : ନୟାଗଡ ପୂଜ୍ୟପୂଜା କମିଟି ପକ୍ଷରୁ ପଗଡ଼ି ପୁରୁଷ ମଧୁ ବାବୁଙ୍କ ଜୟନ୍ତୀ ସ୍ଥାନୀୟ ନୀଳମାଧବ ହୋଟେଲ ପରିଷରରେ ପାଳିତ ହୋଇ ଯାଇଛି । ପୂଜ୍ୟ ପୂଜା କମିଟି ପକ୍ଷରୁ ଗୋଦାବରୀ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥ ମଧୁବାବୁ କିଭଳି କୋଟି ଓଡ଼ିଆର ପ୍ରାଣ ବିନ୍ଦୁ ଥିବା ସହ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଆଦ୍ୟ ଉଦ୍ୟୋକ୍ତା ଥିଲେ । ଓଡ଼ିଆ ଜାତି, ମାଟି ମା ପାଇଁ ତାଙ୍କ ଜୀବନ କିଭଳି ଉତ୍ସର୍ଗୀକୃତ ଥିଲା ତାର ଅବତାରଣା କରିବାସହ କୁଳବୃଦ୍ଧ ମଧୁସୂଦନଙ୍କ ରଚିତ ଜାତୀୟତା ବାଦି କବିତାର ପଂକ୍ତି ଉଦ୍ଧାର କରିଥିଲେ । ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀରେ କମିଟି ପକ୍ଷରୁ ତାଙ୍କ ତୈଳ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ରୋଟାରିଆନ ଧିରେନ୍ଦ୍ର ପଟ୍ଟନାୟକ, ଶିକ୍ଷାବିତ୍ ନିରଞ୍ଜନ ମିଶ୍ର, ମନୋରଞ୍ଜନ ସାମନ୍ତ, ସନ୍ତୋଷ କୁମାର ଶର୍ମା, ରଘୁନାଥ ବିଶୋଇ, ଜିତେନ୍ଦ୍ର ସେଠୀ, ଗୋପବନ୍ଧୁ ଲେଙ୍କା ପ୍ରମୁଖ ଉପସ୍ଥିତ ରହି ଜୟନ୍ତୀରେ ମଧୁ ବାବୁଙ୍କ ଗୁଣ ଗାନ କରିଥିଲେ ।

# ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷା ବ୍ୟବହାର ସମ୍ପର୍କିତ ଜିଲ୍ଲା ସ୍ତରୀୟ ପ୍ରଶିକ୍ଷଣ ଶିବିର



ଖୋର୍ଦ୍ଧା(ନିପ୍ର) : ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଏବଂ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଓଡ଼ିଆ ଭାଷା ପ୍ରତିଷ୍ଠାନ, ଓଡ଼ିଆ ଭାଷା, ସାହିତ୍ୟ ଓ ସସ୍କୃତି ବିଭାଗ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ନେଇ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜ୍ୟୋତି ଶଙ୍କର ସାହୁ ଓ ସଭାପତି ଭାବେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ ଉଭୟ ପ୍ରଶିକ୍ଷଣ ଶିବିର କୁ ଉଦଘାଟନ କରି ନିଜ ଉଦବୋଧନରେ କହିଲେ ଯେ ପ୍ରଶାସନରେ ଓଡ଼ିଆ ଭାଷା ପ୍ରୟୋଗ ଦ୍ୱାରା ସମସ୍ତଙ୍କୁ ସେବା ଦେଇହେବ । ସେହି ପରି ମୁଖ୍ୟ ଅତିଥି ଓଡ଼ିଆ ଭାଷା ବ୍ୟବହାର ଦ୍ୱାରା ଆମେ ତୃଣ ମୂଳ ସ୍ତରରେ ସେବାଦେଇ ବିକଶିତ ଗ୍ରାମ, ବିକଶିତ ଗ୍ରାମ ପଂଚାୟତ, ବିକଶିତ ସମାଜ, ବିକଶିତ ଓଡ଼ିଶା ଓ ବିକଶିତ ରାଷ୍ଟ୍ର ନିର୍ମାଣ ନିମନ୍ତେ ଓଡ଼ିଆ ଭାଷାରେ ସମସ୍ତେ କାର୍ଯ୍ୟାଳୟର ନଥିପତ୍ର କାର୍ଯ୍ୟ ଶତପ୍ରତିଶତ ନିର୍ବାହ ପାଇଁ ଆହ୍ୱାନ ଦେଇଥିଲେ । ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ପ୍ରଶିକ୍ଷକ ଭାବେ ଡ଼ଃ ସନ୍ତୋଷ କୁମାର ରଥ, ସୁରେନ୍ଦ୍ର ମୋହନ ଦାସ, ବୈଷ୍ଣବ ଚରଣ ମହାନ୍ତି, ପ୍ରଫେସର ରମେଶ ଚନ୍ଦ୍ର ମଲ୍ଲିକ, ମନୋରଞ୍ଜନ ପାଣିଗ୍ରାହୀ ଏବଂ ସ୍ୱତନ୍ତ୍ର କାର୍ଯ୍ୟ ନିର୍ବାହୀ ଅଧିକାରୀ, ଓଡ଼ିଆ ଭାଷା ପ୍ରତିଷ୍ଠାନ ଡ଼ଃ ସିଦ୍ଧାର୍ଥ ଶଙ୍କର ପାଢ଼ୀ ସରକାରୀ ନଥି ପତ୍ର, ଚିଠି ଆଦି କାର୍ଯ୍ୟ ସମ୍ପାଦନରେ ଓଡ଼ିଆ ଭାଷାର ପ୍ରୟୋଗ ସମ୍ବନ୍ଧରେ ବିସ୍ତୃତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଉକ୍ତ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ଆସନ୍ତା କାଲି ଶେଷ ହେବ । ପ୍ରଶିକ୍ଷଣ ଶିବିରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମସ୍ତ ଅଧିକାରୀ ଏବଂ କର୍ମଚାରୀ, ଜିଲ୍ଲା ପରିଷଦ ସମସ୍ତ ଅଧିକାରୀ ଏବଂ କର୍ମଚାରୀ ଏବଂ ଜିଲ୍ଲାର ସମସ୍ତ କାର୍ଯ୍ୟାଳୟର ଅଧିକାରୀ ଏବଂ କର୍ମଚାରୀ ମାନେ ପ୍ରଶିକ୍ଷଣ ଆଜି ନେଇଥିବା ବେଳେ ଆସନ୍ତା କାଲି ମଧ ପ୍ରଶିକ୍ଷଣ ନେବେ କ୍ଷ ଏହି ପ୍ରଶିକ୍ଷଣ ଶିବିର ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା କ୍ଷ ଏଥିରେ ଓଡ଼ିଆ ଭାଷା ପ୍ରତିଷ୍ଠାନ ଓ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ର କର୍ମଚାରୀ ମାନେ ସହଯୋଗ କରିଥିଲେ ।

# ରାଜ୍ୟସ୍ତରୀୟ ଟାଇକୋଣ୍ଡ ପ୍ରତିଯୋଗିତାରେ ୨ ସ୍ୱର୍ଣ୍ଣ, ୩ ରୌପ୍ୟ ଏବଂ ୨ କାଂସ୍ୟ ପଦକ

ନୟାଗଡ଼(ନିପ୍ର) : କଟକର ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ୩ୟ ରାଜ୍ୟସ୍ତରୀୟ ଓପନ ଟାଇକୋଣ୍ଡ ଚମ୍ପିୟନସିପ ୨୦୨୬ ଚଳିତ ଏପ୍ରିଲ ୨୪ ରୁ ୨୬ ମଧରେ ଅନୁଷ୍ଠିତ ହୋଇ ଯାଇଛି । ଏହି ପ୍ରତିଯୋଗିତାରେ ନୟାଗଡ ମାର୍ଶାଲ ଆର୍ଟ ଏକାଡେମୀ, ନୂଆ ରାଜବାଟି, ନୟାଗଡର ମୋଟ ୭ ଜଣ ଖେଳାଳି ତଥା ଟିମକୋଚ ଶିବାନନ୍ଦ ରାୟଗୁରୁ, ଟିମ ମ୍ୟାନେଜର ସୌମ୍ୟରଞ୍ଜନ ସାହୁ ଏବଂ ଜାତୀୟ ରେଫରୀ ଆଶିଷ ଓମ ପ୍ରକାଶ ଭାଗ ନେଇଥିଲେ । ସେମାନଙ୍କ ମଧ୍ୟରୁ କ୍ୟାଡେଟ ବିଭାଗରେ ଶାଶ୍ୱତ ସମ୍ପିତ ପ୍ରଧାନ ସ୍ୱର୍ଣ୍ଣପଦକ, ଅଜିତେଶ ପ୍ରଧାନ ରୌପ୍ୟପଦକ, ଶ୍ରୀୟାଶି ସାହୁ ରୌପ୍ୟପଦକ ଏବଂ ଅଖିଳେଶ ମହାନ୍ତି କାଂସ୍ୟପଦକ ହାସଲ କରିଥିବା ବେଳେ ସବ-ଜୁନିୟର ବିଭାଗରେ ପ୍ରିତମ ପିୟୁଷ ମିଶ୍ର ସ୍ୱର୍ଣ୍ଣପଦକ, ଏସ.ମମରାଜ ସାହିବ ରୌପ୍ୟପଦକ ଏବଂ ଦେବାଶିଷ ପ୍ରଧାନ କାଂସ୍ୟପଦକ ହାସଲକରି ମୋଟ ୭ଟି ପଦକ ହାସଲକରି ନୟାଗଡ ଜିଲ୍ଲାକୁ ଗୌରବାନ୍ୱିତ କରିଛନ୍ତି । ପିଲାମାନଙ୍କ ଏହି କୃତିତ୍ୱରେ ଅଭିଭାବକ ତଥା ଖେଳପ୍ରେମୀ ମାନଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି । ନୟାଗଡ ଜିଲ୍ଲା ଟାଇକୋଣ୍ଡ ସଂଘର ସାଧାରଣ ସମ୍ପାଦକ ମାଷ୍ଟର ପ୍ରଦୀପ ଜେନା ଏବଂ ମାର୍ଶାଲ ଆର୍ଟ ଏକାଡେମୀର ମୁଖ୍ୟ ପ୍ରଶିକ୍ଷକ ତଥା ପ୍ରତିଷ୍ଠାତା ମାଷ୍ଟର ଭବାନୀ ଶଙ୍କର ରାୟଗୁର ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ରୋଟାରୀ ସାରସ୍ୱତ ସମ୍ମାନ "ସାହିତ୍ୟାୟନ "୨୦୨୫-୨୬

କଟକ(ନିପ୍ର) : ରୋଟାରୀ ଅନ୍ତଃରାଷ୍ଟ୍ରୀୟ ଜିଲ୍ଲା ୩୨୬୨ ର ୨୦୨୫-୨୬ ବର୍ଷ ପାଇଁ ରୋଟାରୀ କ୍ଲବ କଟକ ମହାନଦୀ ଆନୁକୁଲ୍ୟରେ ସାରସ୍ୱତ ସମ୍ମାନ "ସାହିତ୍ୟାୟନ" ସମାରୋହ ସ୍ଥାନୀୟ କଟକ କ୍ଲବ ଆନେକ୍ସ -୧ ସଭା ଗୃହରେ ଆୟୋଜନ କରାଯାଇଥିଲା । ଏହି ସାରସ୍ୱତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ରୋଟାରୀ ପ୍ରାନ୍ତପାଳ ମନୋଜ କୁମାର ତ୍ରିପାଠୀ, ସମ୍ମାନୀତ ଅତିଥି ଭାବରେ ବରିଷ୍ଠ ଆଇନଜୀବୀ ମନୋଜ କୁମାର ମିଶ୍ର ଓ ଡ଼ଃ ସୁନାମଣୀ ରାଉତ, ମୁଖ୍ୟ ବକ୍ତା ଅଧାପକ ବିଶ୍ୱରଂଜନ ଯୋଗଦେଇ ଓଡ଼ିଆ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ ଏବଂ ରୋଟାରୀର ଏ ଭଳି ଉଦ୍ୟମକୁ ସାଧୁବାଦ ଜଣାଇଥିଲେ । ପ୍ରାରମ୍ଭରେ କଟକ ସହରର ମେୟର ସୁବାସ ସିଂହ ପ୍ରଦୀପ ପ୍ରଜ୍ୱଳନ କରି ଏ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଓଡ଼ିଆ ସାହିତ୍ୟ ତଥା ଓଡିଶା ରାଜ୍ୟ ଗଠନର ପୁରୋଧା, ଜାତିର ଗର୍ବ ଓ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ୨୦୨୫-୨୬ବର୍ଷ ପାଇଁ ବିଶିଷ୍ଟ ଓଡ଼ିଆ ସାହିତ୍ୟ ସାଧକ ତରୁଣ କୁମାର ସାହୁ, ଗୋଲାପ ମଞ୍ଜରୀ କର ଏବଂ ଦୁର୍ଗା ଚରଣ ଷଡ଼ଙ୍ଗୀଙ୍କୁ ରୋଟାରୀ ସାହିତ୍ୟ ସମ୍ମାନରେ ସମ୍ମାନୀତ କରାଯାଇଥିଲା । ରୋଟାରୀଆନ ଅଧକ୍ଷା ସୁଜାତା ମହାପାତ୍ର, ରୋଟାରୀ ଜିଲ୍ଲା ସାହିତ୍ୟ ସମିତିଙ୍କ ଅଧକ୍ଷତା ଓ ପ୍ରାକ୍ତନ ରୋଟାରୀ ପ୍ରାନ୍ତପାଳ ରବି ନାରାୟଣ ନନ୍ଦ ସଭାପତିତ୍ୱ କରିଥିବାବେଳେ ପ୍ରଫେସର ସୁବାସିନୀ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବହୁ ସଂଖ୍ୟାରେ ସମାଜର ବୁଦ୍ଧିଜୀବୀ ଓ ସାହିତ୍ୟ ପ୍ରେମୀ, ଲେଖକ ଓ ଲେଖିକାମାନେ ଯୋଗ ଦେଇଥିଲେ । ପୂର୍ବତନ ପ୍ରାନ୍ତପାଳ ଅଶୋକ ବିହାରୀ ମହାପାତ୍ର, ରୋଟାରୀ ସଭାପତି ସୁଜାତା ପ୍ରିୟଦର୍ଶିନୀ, ରୋଟାରୀଆନ ରାଜଲକ୍ଷ୍ମୀ ପାତ୍ର, ମହେନ୍ଦ୍ର ଦାସ, ସୁନେଶ୍ୱର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ।

# ନିଲମ୍ବନର ୧୨ ଦିନ ପରେ ବି କାର୍ଯ୍ୟ କରୁଥିଲେ ପୂର୍ବତନ ବିଡିଓ




ବେତନଟୀ(ନିପ୍ର) : ମୟୂରଭଞ୍ଜ ଜିଲ୍ଲାର ବେତନଟୀ ବ୍ଲକରେ ନୂତନ ବିଡିଓ ଭାବେ ମୁନା ସେଠୀ ଯୋଗଦାନ କରିଛନ୍ତି । ସେ ବର୍ତ୍ତମାନ ସାମାଖୁଂଟା ବ୍ଲକର ବିଡିଓ ଭାବେ କାର୍ଯ୍ୟରତ ଥିବା ସହ ବେତନଟୀ ବ୍ଲକର ଅତିରିକ୍ତ ଦାୟିତ୍ୱ ମଧ ତୁଲାଇବେ । ଏହି ଅବସରରେ ବେତନଟୀ ମିଡ଼ିଆ ଆସୋସିଏସନ ତରଫରୁ ଏକ ସୌଜନ୍ୟମୂଳକ ସାକ୍ଷାତକାର ହୋଇଥିଲା । ସାକ୍ଷାତକାରରେ ମୁନା ସେଠୀ ବେତନଟୀ ବ୍ଲକର ବିକାଶମୂଳକ କାର୍ଯ୍ୟକ୍ରମ, ଜନସାଧାରଣଙ୍କ ସମସ୍ୟା ଏବଂ ପ୍ରଶାସନିକ କାର୍ଯ୍ୟକୁ ଆହୁରି ଗତିଶୀଳ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଶ୍ରୀ ସେଠୀ କହିଥିଲେ ଯେ ଉଭୟ ବ୍ଲକର ସମନ୍ୱୟ ରଖି ସ୍ୱଚ୍ଛ ଓ ଦକ୍ଷ ପ୍ରଶାସନ ପ୍ରଦାନ କରିବା ତାଙ୍କର ଲକ୍ଷ୍ୟ ରହିବ । ବେତନଟୀ ବ୍ଲକର ବିଭିନ୍ନ ଯୋଜନା ଯଥା ପାନୀୟ ଜଳ ଯୋଗାଣ, ଦିର୍ଘ ଦିନ ଧରି ସଫା ହୋଇ ନଥିବା ଡ୍ରେନ ସଫା, ରାସ୍ତା ନିର୍ମାଣ, ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ଉନ୍ନତି ପାଇଁ ସେ ପ୍ରାଥମିକତା ଦେବେ ବୋଲି ସୂଚନା ଦେଇଛନ୍ତି । ବେତନଟୀ ମିଡ଼ିଆ ଆସୋସିଏସନ ସଦସ୍ୟମାନେ ଏହି ନିଯୁକ୍ତିକୁ ସ୍ୱାଗତ କରିଛନ୍ତି ଏବଂ ଆଶା ପ୍ରକାଶ କରିଛନ୍ତି ଯେ ତାଙ୍କ ନେତୃତ୍ୱରେ ବ୍ଲକର ସାମଗ୍ରିକ ବିକାଶ ତ୍ୱରାନ୍ୱିତ ହେବ । ଅନ୍ୟ ପକ୍ଷରେ ବେତନଟୀ ର ପୂର୍ବତନ ବିଡିଓ ଶୁଶାନ୍ତ କୁମାର ସୂତାର ଙ୍କ ନିଲମ୍ବନ ଆଦେଶ ଗତ ଏପ୍ରିଲ ୧୫ ତାରିଖ ରୁ ଆସିଥିବା ବେଳେ ଦୀର୍ଘ ୧୨ଦିନ ପର୍ଯ୍ୟନ୍ତ ନିଲମ୍ବନ କରାଯାଇ ନଥିଲା ନିଲମ୍ବିନ ଆଦେଶ ପରେ ବାର ଦିନ ଧରି ବେତନଟୀ ନୂତନ ଏନଏସି ର ଏକଜିକ୍ୟୁଟିଭ୍ ଅଫିସର୍ କାର୍ଯ୍ୟ ସହିତ ବିଡିଓ ଦାୟିତ୍ୱ କିଭଳି ତୁଲାଇଲେ ତାହା ପ୍ରଶ୍ନ ବାଚି । ଏହି ଆଦେଶ ପରେ ବ୍ଲକ ଆର୍ଥିକ ପରିଚାଳନା, ସମସ୍ତ ଜନକଲ୍ୟାଣ ମୂଳକ କାର୍ଯ୍ୟ,ସରକାରୀ କାର୍ଯ୍ୟ, ସହିତ ଗତ ଏପ୍ରିଲ ୨୪ ତାରିଖ ରେ ସରକାରି ଭାବେ ପାଳନ ହୋଇ ଥିବା ପଂଚାୟତିରାଜ ଦିବସ କିଭଳି ପାଳନ କଲେ ତାହା ସଧାରଣ ରେ ପ୍ରଶ୍ନ ଉଠୁଛି । ବ୍ଲକ୍ ରେ ପାଳନ ହୋଇଥିବା ପଂଚାୟତ ରାଜ ଦିବସ ରେ ସ୍ଥାନୀୟ ବିଧାୟକ ସନାତନ ବିଜୁଳି ଏବଂ ଜିଲ୍ଲା ଅଧିକାରୀ ମଧ ଉପସ୍ଥିତ ରହିଥିଲେ କିଭଳି ବେତନଟୀ ବ୍ଲକ ବାସୀ ପ୍ରଶ୍ନ ଉଠାଇଛନ୍ତି । ଏଭଳିକି ଏହି ଖବର ବେତନଟୀ ର ଗଣମାଧମ ପ୍ରତିନିଧି ମାନଙ୍କୁ ଦୀର୍ଘ ୧୨ ଦିନ ଧରି ଜାଣିଶୁଣି ସୂଚନା ନ ଦେବାର ହାତ କାହାର ଅଛି, ଜିଲ୍ଲା ପ୍ରଶାସନ ଗତ ସମୋବାର ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ ବିଡିଓ ଙ୍କୁ ନିଲମ୍ବନ କରିଥିବା ସୂଚନା ବ୍ଲକ କୁ ଆସିନଥିଲା ବୋଲି ବ୍ଲକ ର ଜୈନିକ କର୍ମଚାରୀ ପ୍ରକାଶ କରିଥିଲେ । ମଙ୍ଗଳବାର ଦିନ ସଖାଳ ୮ ଘଟିକା ବେଳେ ହଠାତ ବେତନଟୀ ବ୍ଲକରେ ନୂତନ ବିଡିଓ ବ୍ଲକ କାର୍ଯ୍ୟାଳୟ ରେ ଯୋଗ ଦାନ କରିଥିଲେ । କାହାର ଛାତ୍ରଛାୟା ତଳେ ପୂର୍ବତନ ଦବଙ୍ଗ ବିଡ଼ିଓ ବୋଲାଉଥିବା ସୁଶାନ୍ତ ସୁତାର ଚାକିରୀ ରୁ ନିଲମ୍ବନ ଆଦେଶ ପରେ କାର୍ଯ୍ୟ କରୁଥିଲେ ।

No. 19001/36/2627

GOVERNMNT OF ODISHA
DEPARTMENT OF PANCHYATIRAJ & DRINKING WATER
Office of the Block Development Officer, Panchayat Samiti Naktideul,
Sambalpur-768118
e - Procurement Notice No. (PSNKD) 01/2026-27
e-mail address: ori-naktideul@nic.in
PERCENTAGE RATE TENDER
NO...1408...... Dt...24.04.2026...

The Block Development Officer, Panchayat Samiti Naktideul, Dist-Sambalpur, Pin-768118, Odisha on behalf of Governor of Odisha invites "PERCENTAGE RATE Bids" IN SINGLE COVER SYSTEM, in electronic tendering system for the construction work detailed in the table below, which are eventually to be draw on P1 agreement.

| | |
|---|---|
| Package No | Notice ID No.(PSNKD)01/2026-27 |
| Nature of Work | 2 (Two) Nos. Building works<br>1 (One) Nos. Boundary work<br>1 (One) Nos. Drain work |
| Approximate value of work | 1 No Works- Rs. 14.747 Lakh (Excluding GST)<br>1 No Work- Rs. 12.5671 Lakh (Excluding GST)<br>1 No Works-Rs. 10.015 Lakh (Excluding GST)<br>1 No Works-Rs. 15.068 Lakh (Excluding GST) |
| Period of Completion | 06 (Six) Calendar Months. |
| Classification of Bidder | 'D'&'C' class Contractor only |
| Bid documents available Date and Time. | 30.04.2026 to 14.05.2026 up to 5.30 P.M |
| Bid clarification start date & Closing date. | 30.04.2026 to 14.05.2026 up to 5.30 P.M |
| Date, Time and Venue of opening of bid online. | 15.05.2026 at 09.00 A.M at office of the Block Development Officer, Panchayat Samiti Naktideul, Sambalpur |
| If stipulation arises the Tender will be decided through Lottery System. | 19.05.2026 After evaluation at office of the Block Development Officer, Panchayat Samiti Naktideul, Sambalpur |

Further details can be seen any addendum / corrigendum / cancellation to the above notice will be published in the Govt. website www.tendersodisha.gov.in only.

Sd/-
Block Development Officer
Naktideul

OIPR. 19001/19159/1/26-27/0001

# ଝାରସୁଗୁଡ଼ାରେ ଜିଲାସ୍ତରୀୟ ୭ ଦିନିଆ ସୁଭଦ୍ରା ଶକ୍ତି ମେଳା ଉଦ୍‌ଘାଟିତ



ଝାରସୁଗୁଡ଼ା, (ନି.ପ୍ର.) ଝାରସୁଗୁଡ଼ା ଜିଲ୍ଲାସ୍ତରୀୟ ୭ ଦିନିଆ ସୁଭଦ୍ରା ଶକ୍ତି ମେଳା ଉଦ୍ ?ଘାଟିତ ହୋଇଯାଇଛି । ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ମେଳାର ଶୁଭ ଉଦଘାଟନ କରିଥିଲେ । ଏହି ମେଳା ମହିଳାମାନଙ୍କୁ ଶସକ୍ତ କରିବାର ଏକ ରାସ୍ତା । ସେମାନଙ୍କରୁ ଆତ୍ମନିର୍ଭର କରିବା ଏବଂ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ଏହି ମେଳାର ଆୟୋଜନ କରାଯାଇଛି । ପ୍ରବଳ ଗରମ ସତ୍ୱେ ଏପରି ଆୟୋଜନ କରିବା ଏବଂ ବିଭିନ୍ନ ଜିଲ୍ଲାର ସ୍ୱୟଂ ସହାୟକ ଗୋଷ୍ଠୀକୁ ସେମାନଙ୍କର ଉତ୍ପାଦକକୁ ବିକ୍ରୀ କରିବାକୁ ଏକ ସୁଯୋଗ ଦେବା ବଡ଼ କଥା ବୋଲି କହିଥିଲେ ।ଝାରସୁଗୁଡ଼ା ଜିଲ୍ଲାପାଳ ଶ୍ରୀଯୁକ୍ତ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ପ୍ରତିନିଧି ନଭଲ ଅଗ୍ରୱାଲ, ବରଗଡ଼ ନିର୍ବାଚନ ମଣ୍ଡଳୀର ମାନ୍ୟବର ସାଂସଦଙ୍କ ପ୍ରତିନିଧି ଶ୍ଳୋକ ସରନା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ ) କିଶୋର ଚନ୍ଦ୍ର ସ୍ୱାଇଁ, ଅତିରିକ୍ତ ଜିଲାପାଳ(ସାଧାରଣ) ବ୍ରଜବନ୍ଧୁ ଭୋଇ ଏବଂ ଆୟୋଜକ ତଥା ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଦୂଲଦୁଲି ବାଜାରେ ସମସ୍ତ ଅତିଥିମାନଙ୍କୁ ସ୍ୱାଗତ କରାଯାଇଥିଲା । ରେଲୱେ ସାଂସ୍କୃତିକ ସଂଘ ପକ୍ଷରୁ ବନ୍ଦେ ଉତ୍କଳ ଜନନୀ ପରିବେଷଣ କରାଯାଇଥିଲା । ପରେ ପରେ ରାଇଜ ଅପ ଡାନ୍ସ ଏକାଡେମୀ ପକ୍ଷରୁ ଓଡିଶୀ ଡ୍ୟାନ୍ସ ପରିବେଷଣ କରାଯାଇଥିଲା । ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ସମ୍ବଲପୁରର ଲହରଙ୍ଗ ଟିମ କିସାନ ନୃତ୍ୟ ପରିବେଷଣ କରିଥିଲେ । ଉମାକାନ୍ତ ବାରିକ ଏବଂ ସାଥି କଳାକାର ମାନେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଅତିଥି ମାନେ ମେଳାରେ ପଡିଥିବା ବିଭିନ୍ନ ପ୍ରଦର୍ଶନୀ ଷ୍ଟଲ ବୁଲି ଦେଖିଥିଲେ । ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଜିଲ୍ଲା ତଥା ଜିଲ୍ଲା ବାହାରର ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି । ଆସନ୍ତାକାଲି ବେହେରାମାଲ ଆଶ୍ରମ ସ୍କୁଲ, ବେଦାନ୍ତ ଟାଉନସିପ୍, ଜଷ୍ଟ କୁଇକ ଷ୍ଟେପ, ଦୁର୍ଗା ଗ୍ରୁପ ଏବଂ ପୁରୁଣା ସମ୍ବଲପୁରୀ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯିବ ।ଏହି ମେଳା କୁ ସଫଳ କରିବା ପାଇଁ ଜିଲ୍ଲାପାଳ ଙ୍କ ନେତୃତ୍ୱ ରେ ଅଧିକାରୀ ଏବଂ କର୍ମଚାରୀ ଙ୍କୁ ନେଇ ବିଭିନ୍ନ ଟିମ ଗଠନ କରାଯାଇ ଦାୟିତ୍ୱ ବଂଟନ କରାଯାଇ ଏହି ୭ ଦିନିଆଁ କାର୍ଯ୍ୟକ୍ରମ କୁ ସଫଳ କରିବା ପାଇଁ ପ୍ରୟାସ କରାଯିବା ସହ ସୁଭଦ୍ରା ମାଆ ମାନଙ୍କ ର ଯେପରି କୌଣସି ଅସୁବିଧା ନ ହେବ, ସେଥିପାଇଁ ପ୍ରୟାସ କରାଯାଇଛି ।

# କାକୁଡିଆ ଲକ୍ଷ୍ମୀନାରାୟଣ ମନ୍ଦିରର ୧୫ତମ ପ୍ରତିଷ୍ଠା ଉତ୍ସବ

ଖଇରା,(ନି.ପ୍ର.)ବାଲେଶ୍ୱର ଜିଲା ଖଇରା ବ୍ଲକ ସାରୁଗାଁ ପ□ାୟତ ଅଧୀନ କାକୁଡିଆ ଗ୍ରାମସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିରର ୧୫ତମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ରବି ଓ ସୋମବାର ୨ ଦିନ ଦିବାକର ନାୟକଙ୍କ ଆବାହକତ୍ୱରେ ଧରି ଅନୁଷ୍ଠିତ ହୋଇ ଯାଇଛି । ରବିବାର ସକାଳେ ଗାଁ ପୋଖରୀରୁ ଘଟୋ□ଳନ କରାଯାଇଥିଲା । କାଳିଆ ପଣ୍ଡା,ଉଦ୍ଧବ ପଣ୍ଡା,ଜଗନ୍ନାଥ ପଣ୍ଡା,ଗୌରଚନ୍ଦ୍ର ପାଠୀ ଙ୍କ ସମେତ ୧୫ରୁ ଉର୍ଦ୍ଧ ବ୍ରାହ୍ମଣଙ୍କ ଦ୍ୱାରା ଯଜ୍ଞ କର୍ମ ସାଙ୍ଗକୁ ଗାଁ ପୋଖରୀ ଭିତରେ ଲକ୍ଷ୍ମୀନାରାୟଣ ଙ୍କ ଶୟନ ମୂର୍ତୀ ପ୍ରତିଷ୍ଠା କରାଯାଇଥିଲା । ସ୍ଥାନୀୟ ବାମକାଳୀ କ୍ଲବର ସଭାପତି ତୃପ୍ତିକାନ୍ତ ନାୟକ,ସମ୍ପାଦକ ଶିଶିର କୁମାର ନାୟକ,ଉପସଭାପତି ସ୍ୱପ୍ନେଶ୍ୱର ଲେଙ୍କା,ରାଜେଂଶ ନାୟକଙ୍କ ସମେତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ରବିବାର ସନ୍ଧ୍ୟାରେ ବିଶିଷ୍ଟ ପ୍ରବଚକ ମନୋଜ ପ୍ରଧାନ ଓ ସୋମବାର



ସଂଧ୍ୟାରେ ଓଡିଶାର ଘରେ ଘରେ ପରିଚିତ ପ୍ରବଚକ ପଣ୍ଡିତ ଜିତୁ ଦାଶ ଙ୍କ ହରିକଥା ଉପସ୍ଥିତ ଦର୍ଶକଙ୍କୁ ଭାବ ବିହ୍ୱଳ କରିଥିଲା । ଖଇରା ବିଡିଓ ନାରାୟଣ ସାହୁ,ଖଇରା ତହସିଲଦାର ଅମିତ ରଞ୍ଜନ ହୋତା,ଅତିରିକ୍ତ ତହସିଲଦାର ସଞ୍ଜିବ ପାତ୍ର ପ୍ରମୁଖ ଯୋଗ ଦେଇଥିବା ବେଳେ ସେମାନଙ୍କୁ ପରିଚାଳନା କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଝାରସୁଗୁଡ଼ା ଜିଲ୍ଲା ସବ୍-ଜୁନିୟର ବାଳକ ଓ ଦିଲିପ୍ ତ୍ରିର୍କୀ ଏକାଡେମୀ ହକି ଦଳ ରାଉରକେଲା ଯାତ୍ରା



ଝାରସୁଗୁଡ଼ା(ନି.ପ୍ର.)-ହକି ଆସୋସିଏସନ ଅଫ ଓଡିଶା ତରଫରୁ ଆରମ୍ଭ ହୋଇଥିବା ଆନ୍ତଃ ଜିଲ୍ଲା ହକି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ଝାରସୁଗୁଡ଼ା ଜିଲ୍ଲା ସବ-ଜୁନିୟର ବାଳକ ଓ ଦିଲିପ ତ୍ରିର୍କୀ ଏକାଡେମି ହକି ଦଳ ଆଜି ସକାଳ ୯ଟାରେ ଟ୍ରେନ ଯୋଗେ ରାଉରକେଲା ଯାତ୍ରା କରିଛନ୍ତି । ଏହି ଟିମ ଆସନ୍ତା କାଲି ୨୮ ତାରିଖ ସକାଳେ ନିଜ ନିଜର ପ୍ରଥମ ମ୍ୟାଚ ଖେଳିବେ । ଏହି ସବ-ଜୁନିୟର ବାଳକ ଦଳରେ ଜିଲ୍ଲାର ବିବେକ ନାୟକ କ୍ୟାପଟେନ ଥିବା ବେଳେ ଦିଲିର୍ପ ତ୍ରିକୀ ଏକାଡେମୀ ହକି ଦଳ ର ଶ୍ଳୋକ ବରିଆ କ୍ୟାପଟେନ ରହିଛନ୍ତି । ଦଳର ମ୍ୟାନେଜର ଭାବରେ ଶରତ କିଶାନ ଓ ସରୋଜ ଭୋଇ ,କୋଚ ଭାବରେ ପ୍ରଫୁଲ କୁଲୁ ଓ ନାରାୟଣ ତମାଙ୍ଗ ଯାତ୍ରା କରିଛନ୍ତି ।ଏହି ଦଳକୁ ଓଡିଶା ହକି ଆସୋସିଏସନର ଉପସଭାପତି ଜୀବନ ମହାନ୍ତି,ଜିଲ୍ଲା କ୍ରୀଡ଼ା ଅଧିକାରି ଅମ୍ରିତ ଆଚାର୍ଯ୍ୟ,ଜିଲ୍ଲା ହକି ଆସୋସିଏସନ ର ସଭାପତି ତଥା ଜିଲ୍ଲାପାଳ କୁନାଲ ମୋତିରାମ ଚୌହାଣ, ସଂପାଦକ ବ୍ରଜବନ୍ଧୁ ଭୋଇ,ଜିଲ୍ଲା ଶିକ୍ଷା ବିଭାଗର କ୍ରୀଡା ଅଧିକାରୀ ସୁଶାନ୍ତ ବେହେରା ହକି ସଂଘର ସଦସ୍ୟ କ୍ଲେମେଂଟ ରୋନାଲ୍ଡ, ପ୍ରଜ୍ୱଳ ପଟେଲ ,ଦିଲିର୍ପ ତ୍ରିକୀ ଏକାଡେମି ର ସଂପାଦକ ଅଶ୍ୱନୀ ପାଣ୍ଡେ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି ।

# ଲବଣ ସତ୍ୟାଗ୍ରହ ସ୍ମାରକୀ ସମାରୋହ ପ୍ରସ୍ତୁତି ବୈଠକ ଅନୁଷ୍ଠିତ



ପୁରୀ (ନି.ପ୍ର.) ଅସ୍ତରଙ୍ଗ ବ୍ଲକ ର ଐତିହାସିକ ଲବଣ ସତ୍ୟାଗ୍ରହ ପୀଠ କୁହୁଡି ଠାରେ ପ୍ରତି ବର୍ଷ ମଇ ମାସ ୨୧ ତାରିଖ କୁ ଲବଣ ସତ୍ୟାଗ୍ରହ ସ୍ମାରକୀ ସମାରୋହ ଭାବେ ଅନୁଷ୍ଠିତ ହୋଇଥାଏ ।ଚଳିତ ବର୍ଷ ୯୬ ତମ ରାଜ୍ୟ ସ୍ତରୀୟ ଲବଣ ସତ୍ୟାଗ୍ରହ ସ୍ମାରକୀ ସମାରୋହ କୁ ଶାନ୍ତି ଶୃଙ୍ଖଳା ର ସହ ପାଳନ ନିମିତ ଏକ ପ୍ରସ୍ତୁତି ବୈଠକ ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ପରାମର୍ଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଥିଲା । ।ସ୍ୱାଧୀନତା ସଂଗ୍ରାମରେ ଲବଣ ସତ୍ୟାଗ୍ରହ ର ଭୂମିକା ଅତିବ ଗୁରୁତ୍ୱପୂର୍ଣ୍ଣ । ମହାତ୍ମାଗାନ୍ଧୀ ଙ୍କ ଡାକରାରେ ଲକ୍ଷ ଲକ୍ଷ ସଂଗ୍ରାମୀ ଏଥିରେ ସ୍ୱତଃ ପୂତଃ ଭାବେ ଯୋଗ ଦେଇଥିଲେ ।ସେମାନଙ୍କ ତ୍ୟାଗ ଓ ବଳିଦାନ ର ଫଳ ଆମର ଦେଶର ସ୍ୱାଧୀନତା, ଯାହା ଆମେ ଉପଭୋଗ କରୁଛନ୍ତି ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା କହିବା ସହ ଏହି ଦିବସ କୁ ଶୃଙ୍ଖଳିତ ଭାବେ ପାଳନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।ସମସ୍ତ ବିଭାଗ ସେମାନଙ୍କ ଦାୟିତ୍ୱ କୁ ସୁଚାରୁ ରୁପେ ନିର୍ବାହ ପାଇଁ ସେ ପରାମର୍ଶ ଦେଇଥିଲେ ।ଜିଲ୍ଲା ପ୍ରଶାସନ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର ମିଳିତ ସହଯୋଗରେ ଏହା ପ୍ରତ୍ୟେକ ବର୍ଷ କୁହୁଡି ଠାରେ ପାଳିତ ହୋଇଥାଏ ।ଚଳିତ ବର୍ଷ ଏହାକୁ ଅନୁରୂପ ଭାବେ ସମସ୍ତ ଙ୍କ ସହଯୋଗ ରେ ପାଳନ କରାଯିବାର ବ୍ୟବସ୍ଥା ହେଉଛି ବୋଲି ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର ସଭାପତି ଅମୀୟ କୁମାର ପଟ୍ଟନାୟକ କହିଥିଲେ ।ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟସୂଚୀ ଅନୁସାରେ ବୈଠକ ପରିଚାଳନା କରିଥିଲେ ।ନିଷ୍ପତି ଅନୁସାରେ ମଇ ୨୧ ତାରିଖ ପୂର୍ବାହ୍ନ ୭ ଘଟିକା ସମୟରେ ବ୍ଲକ ନିକଟରେ ଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତି, ବ୍ଲକ ପରିସରରେ ଥିବା ସ୍ମୃତି ସ୍ତମ୍ଭ ଠାରେ ମାଲ୍ୟାର୍ପଣ ପରେ ଏକ ଶୋଭାଯାତ୍ରା କୁହୁଡି ଠାରେ ପହଂଚିବ ।ସେଠାରେ ବରପୁତ୍ର ଙ୍କ ପ୍ରତିମୂର୍ତି ରେ ମାଲ୍ୟାର୍ପଣ ପରେ ଜାତୀୟ ପତାକା ଉତୋଳନ କରାଯିବ ।ପରେ ଲବଣ ସତ୍ୟାଗ୍ରହ ସମାରୋହ ଅନୁଷ୍ଠିତ ହେବ ।ରାସ୍ତା ମରାମତି, ପରିଷ୍କାର ପରିଛନ୍ନତା, ପାନୀୟ ଜଳ ବ୍ୟବସ୍ଥା, ଚିକିତ୍ସା ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଆଇନ ଶୃଙ୍ଖଳା ରକ୍ଷା,ଟ୍ରାଫିକ ନିୟନ୍ତ୍ରଣ, ପାର୍କିଂ ବ୍ୟବସ୍ଥା, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ବିବିଧ ପ୍ରତିଯୋଗିତା ଆୟୋଜନ, କୃତି ପ୍ରତିଯୋଗୀ ଙ୍କୁ ସମ୍ବର୍ଦ୍ଧନା, ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦି ଆୟୋଜିତ ହେବ ।ଏହାର ସୁବନ୍ଦୋବସ୍ତ ସଠିକ ସମୟ ସୀମା ମଧ୍ୟରେ କରିବାକୁ ସମ୍ପୃକ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ।ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, କୋଣାର୍କ ପର୍ଯ୍ୟଟନ ଅଧିକାରୀ ମାମିନୀ ପରିଡା,ଅତିରିକ୍ତ ଶିକ୍ଷା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ହେମ୍ବ୍ରମ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଓ ଲାଇନ ଡିପାର୍ଟମେଂଟର ଅଧିକାରୀ ମାନେ ଯୋଗ ଦେଇ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ ।

# ଓସଙ୍ଗ ଗାଁରେ ଅଗ୍ନିକାଣ୍ଡ,୪ବଖରା ନଷ୍ଟ

ଖଇରା,(ନି.ପ୍ର.)ବାଲେଶ୍ୱର ଜିଲା ଖଇରା ବ୍ଲକ ଅନ୍ତରା ପ□ାୟତ ଅଧୀନ ଓସଙ୍ଗ ଗାଁରେ ସୋମବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଉମାକାନ୍ତ ଶୁକ୍ଲ ଙ୍କର ୪ବଖରା ବାସଗୃହ ପୋଡି ପାଉଁଶ ହୋଇ ଯାଇଛି । ନଷ୍ଟ ହୋଇଥିବା ସମ୍ପତିର ଆନୁମାନିକ ମୁଲ୍ୟ ୨ଲକ୍ଷରୁ ଉର୍ଦ୍ଧ ହେବ ବୋଲି କୁହାଯାଉଛି । ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡିନଥିବା ବେଳେ ଖବରପାଇ ଅଡା ଦମକଳ କେନ୍ଦ୍ରର କର୍ମଚାରୀ ମାନେ ଘଟଣାସ୍ଥଳରେ ପହଂଚି ନିଆଁକୁ ଆୟ□□କରିଥିଲେ ।

# ପଥ ଉତ୍ସବ: କଟକର ରାସ୍ତା ସାଜିଲା ସାଂସ୍କୃତିକ ଓ ସାମାଜିକ ପ୍ରାଣକେନ୍ଦ୍ର

କଟକ,(ନି.ପ୍ର.): କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ (ସିଡିଏ) ପକ୍ଷରୁ ମଙ୍ଗଳବାର ଦିନ ବାରବାଟୀ ଷ୍ଟାଡିୟମ ସମ୍ମୁଖ ରାସ୍ତାରେ 'ପଥ ଉତ୍ସବ' ସଫଳତାର ସହ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ସହରର ଏକ ପ୍ରମୁଖ ରାସ୍ତାକୁ ସଂସ୍କୃତି, ସ୍ୱାସ୍ଥ୍ୟ ଏବଂ ସାମାଜିକ ମିଳନର ଏକ ଜୀବନ୍ତ କେନ୍ଦ୍ରରେ ପରିଣତ କରିଥିଲା । ଏହି ଉତ୍ସବ ସକାଳ ୬ଟାରୁ ୯ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା, ସବୁ ବର୍ଗର ନାଗରିକ ଉତ୍ସାହର ସହ ଏଥିରେ ଅଂଶଗ୍ରହଣ କରିଥିଲେ । କଟକର ସମୃଦ୍ଧ କଳା ଏବଂ ସାଂସ୍କୃତିକ ଐତିହ୍ୟକୁ ପ୍ରୋତ୍ସାହିତ କରିବା ସହ ଲୋକଙ୍କ ମଧ୍ୟରେ ଏକ ସୁସ୍ଥ ଓ ସକ୍ରିୟ ଜୀବନଶୈଳୀ ଗଠନ କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ଥିଲା ।ଏହି ଗୌରବମୟ କାର୍ଯ୍ୟକ୍ରମରେ ମାନ୍ୟବର କଟକ ସାଂସଦ ଶ୍ରୀ ଭର୍ତ୍ତୃହରି ମହତାବ, କଟକ ମେୟର ଶ୍ରୀ ସୁବାଷ ଚନ୍ଦ୍ର ସିଂ, ଆଡଭୋକେଟ ଜେନେରାଲ ଶ୍ରୀ ପୀତାମ୍ବର ଆଚାର୍ଯ୍ୟ ଏବଂ ମାନ୍ୟବର ବିଧାୟିକା ସୋଫିଆ ଫିର୍ଦୋସ ପ୍ରମୁଖ ଯୋଗ ଦେଇଥିଲେ । ଏହା ସହିତ ବିଧାୟକ ସୌଭିକ ବିଶ୍ୱାଳ, ଡେପୁଟି ମେୟର ଦମୟନ୍ତୀ ମାଝୀ, ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼ଃ ବନ୍ଦିତା ଦାଶ ଏବଂ ଓଲିଉଡ କଳାକାର ଶ୍ରୀତମ ଦାସ, ଅରିନ୍ଦମ ରାୟ ଓ ବିଦୁସ୍ମିତା ଦାଶ ମନ୍ତ୍ରୀ ମଧ୍ୟ ଉପସ୍ଥିତ ରହି ଉତ୍ସବର ଶୋଭା ବଢ଼ାଇଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅତିଥିମାନେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଓଡ଼ିଶା ଗଠନରେ ତାଙ୍କର ଅତୁଳନୀୟ ଅବଦାନ ଏବଂ ଓଡ଼ିଆ ଅସ୍ମିତାକୁ ନେଇ ବକ୍ତାମାନେ ନିଜର ବକ୍ତବ୍ୟ ରଖିଥିଲେ ।ଏହି ଉତ୍ସବରେ ସାଧାରଣ ଜନତାଙ୍କ ପାଇଁ ଅନେକ ଆକର୍ଷଣୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଯୋଗ ଶିବିର, ଫିଟନେସ୍ ପ୍ରଦର୍ଶନ ଏବଂ ବିଭିନ୍ନ କ୍ରୀଡ଼ା ମାଧ୍ୟମରେ ଲୋକଙ୍କୁ ସୁସ୍ଥ ରହିବା ପାଇଁ ଉତ୍ସାହିତ କରାଯାଇଥିଲା । ସ୍ଥାନୀୟ କଳାକାରଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ କାର୍ଯ୍ୟକ୍ରମକୁ ଅଧିକ ରଙ୍ଗାରଙ୍ଗ କରିଥିଲା । ଓଲିଉଡ ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର, ନିତିକା ମିଶ୍ର, ସୁଭାଶିଷ ଶର୍ମା ଏବଂ ଶୁଭମଙ୍କ ପ୍ରଦର୍ଶନ ସହ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତୀଙ୍କ ସୁମଧୁର ସଙ୍ଗୀତ ଦର୍ଶକଙ୍କୁ ବେଶ୍ ମନ୍ତ୍ରମୁଗ୍ଧ କରିଥିଲା । ଏହା ବ୍ୟତୀତ ଫେସ୍ ପେଂଟିଂ, ପାରମ୍ପରିକ ଖେଳ, କଳା ଓ ହସ୍ତଶିଳ୍ପ ପ୍ରଦର୍ଶନୀ ଏବଂ କର୍ମଶାଳା ମଧ୍ୟ ଏହି ଉତ୍ସବର ଅଂଶବିଶେଷ ଥିଲା । ଏହି ପ୍ରଦର୍ଶନୀଗୁଡ଼ିକ ସ୍ଥାନୀୟ କଳାକାରମାନଙ୍କୁ ସେମାନଙ୍କର କଳା ପ୍ରଦର୍ଶନ ପାଇଁ ଏକ ବଡ଼ ସୁଯୋଗ ଦେଇଥିଲା । ଶେଷରେ, ସିଡିଏ ପକ୍ଷରୁ ସମସ୍ତ ଅଂଶଗ୍ରହଣକାରୀ ଓ ସହଯୋଗୀଙ୍କୁ କୃତଜ୍ଞତା ଜଣାଯାଇଥିଲା । ସହରରେ ଏଭଳି ସାମାଜିକ ଓ ସାଂସ୍କୃତିକ ଜାଗରଣ ପାଇଁ ଆଗାମୀ ଦିନରେ ମଧ୍ୟ ସିଡିଏ ଏଭଳି କାର୍ଯ୍ୟକ୍ରମ ଜାରି ରଖିବ ବୋଲି ପ୍ରତିଶ୍ରୁତି ଦେଇଛି ।

# ଜଳେଶ୍ୱର ରେଳ ଷ୍ଟେସନରେ ୬ ଦଫା ଦାବି ନେଇ ପ୍ରତିକ ଧାରଣା

ଜଳେଶ୍ୱର /(ନି ପ୍ର ) ରିଖ ସୋମବାର ପୂର୍ବାହ୍ନ ୮ ଘଟିକା ରୁ ୧୧ ଘଟିକା ଡଃ ଅଜିତ କୁମାର ମହାନ୍ତି ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ସମାଜ କଲ୍ୟାଣ ବିକାଶ ପରିଷଦ ଜଳେଶ୍ୱର ର କର୍ମକର୍ତା ଓ ବିଭିନ୍ନ ସଂଗଠନ ର ସଭାପତି ସମ୍ପାଦକ ଓ ଜନସାଧାରଣ ଯୋଗଦାନ କରି ଦାବି ଗୁଡିକ ସମ୍ପର୍କରେ ଆଲୋଚନା କରି ଡି ଆର ଏମ, ଖଡ଼ଗପୁର ଉଦ୍ଦେଶ୍ୟରେ ଖଡ଼ଗପୁର ପୁର ଆସିଥିବା ଡି ଆର ଏମ ଙ୍କ ରିପ୍ରେଜେଂଟଟିଭ କମର୍ସିଆଲ ମ୍ୟାନେଜର ଓ ଷ୍ଟେସନ ମ୍ୟାନେଜର ଙ୍କ ହସ୍ତରେ ଦାବିପତ୍ର ପ୍ରଦାନ କରାଯାଇ ଥିଲା । ଦାବି ଗୋଡ଼ିକ ଥିଲା
୧) ଜଳେଶ୍ୱର ଷ୍ଟେସନ ଅମୃତ ଭାରତ ଯୋଜନା ରେ ଅନ୍ତର୍ଭୁକ୍ତ ହୋଇଥିଲେ ମଧ୍ୟ ବ୍ୟବସ୍ଥା ମୁତାବକ କାର୍ଯ୍ୟ ନହେବାରୁ ଠିକ୍ ଭାବରେ କାର୍ଯ୍ୟ ପାଇଁ ଦାବି ।୨) ୪୬ ନମ୍ବର ଲେବୁଲକ୍ରସିଙ୍ଗ (ଜଳେଶ୍ୱର ପଶ୍ଚିମ ବାଡ ରାସ୍ତା) ନିକଟରେ ଓଭରବ୍ରିଜ୍ କିମ୍ବା ଅଣ୍ଡର ପାସ ତୁରନ୍ତ ନିର୍ମାଣ କାର୍ଯ୍ୟ ପାଇଁ ଦାବି ।୩) ଷ୍ଟେସନ ମଧ୍ୟରେ ୧୨ ମିଟର ଫୁଟ ଓଭରବ୍ରିଜ୍ କାର୍ଯ୍ୟ ଆରମ୍ଭ ହୋଇ ବନ୍ଦ ହୋଇ ଯାଇ ଥିବାରୁ ରେଳ ଯାତ୍ରୀ ମାନେ ୧ ନମ୍ବର ପ୍ଲାଟଫର୍ମ ରୁ ୨,୩ ଓ ୪ ନମ୍ବର ପ୍ଲାଟଫର୍ମକୁ ରେଳ ଟ୍ରାକ ମଧ୍ୟଦେଇ ଯାତାୟତ କରି ଦୁର୍ଘଟଣା ର ଶିକାର ହେଉଛନ୍ତି । ତେଣୁ ଫୁଟ ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ କରିବା ସହିତ ଅତିଶୀଘ୍ର ବିକଳ୍ପ ବ୍ୟବସ୍ଥା ଗ୍ରହଣ ପାଇଁ ଦାବି ।୪) ଜଳେଶ୍ୱର ଷ୍ଟେସନ ମଧ୍ୟରେ ଦେୟମୁକ୍ତ ଶୌ ।ଚାଳୟ ନଥିବାରୁ ଯାତ୍ରୀ ମାନେ ଶୌ ।ଚ ହେବା ପାଇଁ ଅସୁବିଧା କୁ ଦୃଷ୍ଟିରେ ରଖି ପ୍ରତି ପ୍ଲାଟଫର୍ମ (୧,୨,୩,୪ ନମ୍ବର)ରେ ଦେୟମୁକ୍ତ ଶୌ ।ଚାଳୟ ନିର୍ମାଣ ନିମନ୍ତେ ଦାବି ।୫) ଜଳେଶ୍ୱର ରେଲୱେ ଷ୍ଟେସନ ବାଲେଶ୍ୱର ପରେ ସର୍ବବୃହତ ଷ୍ଟେସନ ହୋଇଥିବାରୁ ପଶ୍ଚିମବଙ୍ଗ, ମୟୂରଭଞ୍ଜ, ବାଲିଆପାଳ, ଭୋଗରାଇ ରୁ ପ୍ରତିଦିନ ୭ ରୁ ୮ ହଜାର ଲୋକ ଯାତାୟତ କରୁଥିବାରୁ ଏହି ଷ୍ଟେସନ ରେ ସମସ୍ତ ସୁପର ଫାଷ୍ଟ ଟ୍ରେନ ସହିତ ଏକ୍ସପ୍ରେସ ଟ୍ରେନ ରହଣୀ ପାଇଁ ଦାବି ।୬) ଲକ୍ଷ୍ମଣ ନାଥ ଠାରୁ ଭଦ୍ରକ ପର୍ଯ୍ୟନ୍ତ ସମସ୍ତ ଷ୍ଟେସନ କୁ ଝ.ର.ଜବସଙ୍ଗବଚ୍ଛ ଡିଭିଜନ ରୁ ଅଲଗା କରି , ରବଝ୍ଝଶ୍ୱ ଉକ୍ଝବଝ୍ଝଶ୍ୱ ଜବସକ୍ଷ-ଙ୍ଗବଚ୍ଛ ଡିଭିଜନ ରେ ମିଶାଇବା ନିମନ୍ତେ ଦାବି ।ଏହି ସମସ୍ତ ୬ ଦଫା ଦାବି ନେଇ ସମାଜ କଲ୍ୟାଣ ବିକାଶ ପରିଷଦ ଜଳେଶ୍ୱର ର ଉପସଭାପତି ଡ. ଅଜିତ କୁମାର ମହାନ୍ତିଙ୍କ ସଭା ପରିଚାଳନା କରିଥିଲେ ଏବଂ କହିଥିଲେ ଜଳେଶ୍ୱର ଷ୍ଟେସନ ର ସାମଗ୍ରିକ ବିକାଶ ପାଇଁ ସମାଜ କଲ୍ୟାଣ ବିକାଶ ପରିଷଦ ଏବଂ ସମସ୍ତ ସଂଗଠନ, ଏବଂ ଜନସାଧାରଣ ମାନଙ୍କର ସମସ୍ତ ଦାବି ଗୋଡିକ ଉପସ୍ଥାପନ କରିଥିଲେ । ସଂଗଠନ ର ସମ୍ପାଦକ ତଥା ହାଇକୋର୍ଟ ଆଇନଜୀବି ରାମଚନ୍ଦ୍ର ଜେନା ଦାବି ସମ୍ପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ । ଉପସଭାପତି ଡଃ ଅକ୍ଷୟ କୁମାର ପରିଜା,ପ୍ରାକ୍ତନ ଏ ବି ଇ ଓ ତଥା ଅନୁଷ୍ଠାନ ର କୋଷାଧକ୍ଷ ବନମାଳୀ ଧଳ, ଉପଦେଷ୍ଟା ତଥା ରକ୍ତ ଦାତା ସଂଘ ର ସଭାପତି କମଳ ଚକ୍ରବର୍ତୀ , ଉପଦେଷ୍ଟା ଅଶୋକ କୁମାର ଦାସ, ସହ ସମ୍ପାଦକ ଅବନୀ କୁମାର ଚାନ୍ଦ,ସାମ୍ବାଦିକ ରବିନ୍ଦ୍ରନାଥ ସେନାପତି,ସମ୍ବାଦିକ ଗୌ ।ର ଗୋପାଳ ସେନ, ଆଇନ ଜିବୀ ସତ୍ୟ ନାରାୟଣ ଦାସ, ସତ୍ୟ ରଞ୍ଜନ ପ୍ରଧାନ,ସାମ୍ବାଦିକ ଗୌ ।ର ଗୋପାଳ ସେନ, ପ୍ରଦୀପ କୁମାର ପାତ୍ର, ସାମ୍ବାଦିକ ସତ୍ୟବ୍ରତ ପ୍ରଧାନ, ସାମ୍ବାଦିକ ସୁଶାନ୍ତ କୁମାର ପ୍ରଧାନ, ସାମ୍ବାଦିକ ଦୁର୍ଗା ଶଙ୍କର ଗିରି, ସାମ୍ବାଦିକ ଜଗନ୍ନାଥ ଗୋଛାୟତ, ସାମ୍ବାଦିକ ଦୀନବନ୍ଧୁ ଦାସ, ନିଉଜ ୭ ର ରାଜେଶ କୁମାର ପ୍ରଧାନ, ଓ ଟି ଭି ଅଜିତ ଦାସ ,ଲକ୍ଷ୍ମଣ ନାଥ ଉନ୍ନୟନ ପରିଷଦ ର ସଦସ୍ୟ ରବୀନ୍ଦ୍ର ନାଥ ବାରିକ୍, ବରିଷ୍ଠ ସଦସ୍ୟ ସିଦ୍ଧେଶ୍ୱର ପଣ୍ଡା, ସମାଜ ସେବୀ ସେଖ ହସିରୁଦିନ୍ ବକ୍ସ ,ସେଖ ହାସିରୁଦିନ୍, ଜଳେଶ୍ୱର ପଶ୍ଚିମ ବାଡ଼ ଅଟୋ ଆସୋସିଏସନ୍ ର ସୈଜାତ୍‌ଅଲ୍ଲି ସାହା,ଚନ୍ଦ୍ର ମୋହନ ଧଳ, ରଜନୀଜେନା, ରାଜକିଶୋର ଜେନା,କିଶୋର ରାୟ ମଂଟୁ ଜେନା, ଘନଶ୍ୟାମ ବେହେରା, ବରେନ୍ଦ୍ରଗିରି,କାର୍ତିକ ନାୟକ, ତପନ କୁମାର ଜେନା,ବାପି ବାରିକ୍, ଅଲ୍ଲାରଖା ଖାଁ,ଆରେନ୍ଦ୍ର ମହୁରି,ଶିବ ମୁଖୀ, ଦିଲିପ କୁମାର ଜେନା, ହେମନ୍ତ ପାତ୍ର, ଜଳେଶ୍ୱର ବଣିକ ସଂଘ ର କୋଷାଧକ୍ଷ ରାମ ଭରୋଶ ସାହୁ, ପ୍ରାକ୍ତନ ଇଲେକ୍ଟ୍ରିକାଲ ଏସ ଡି ଓ ଇ ଅଭିଲାଷ ଚନ୍ଦ୍ର ଦାସ୍, ସନ୍ନତ ଚନ୍ଦ୍ର ପଣ୍ଡା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରାଣକୃଷ୍ଣ ଗିରି,ଡଃ ଅଞ୍ଜନ କୁମାର ଦେ, ସତ୍ୟରଞ୍ଜନ ଦାସ୍,ରାଧା ରଞ୍ଜନ ଦାସ୍, ବାସୁଦେବ ଜେନା, ପୂଜନ କୁମାର ପରିଡ଼ା, ମନୋରଞ୍ଜନ ପ୍ରଧାନ,ପ୍ରଭାକର ରାଉଳ, ନାରାୟଣ ଜେନା, ବିନୋଦ ଜେନା,ବଳରାମ ଗିରି,ଇ ପ୍ରଦୀପ୍ତ କେଶରୀ ଚାନ୍ଦ, ଗୌରାଙ୍ଗ ପାତ୍ର,ପ୍ରତିମା ରାଣୀ ଭୂୟାଁ, ସନ୍ତୋଷ ଦେବନାଥ, ଝଡେଶ୍ୱର ବାରିକ୍, ରହିମ ସାହା, ଗୁରୁଦିପନ୍ ବେହେରା, ନରେନ୍ଦ୍ର ମହୁରି, ସୁକଦେବ କର୍, ଡ.ଜୀବନ ପ୍ରସାଦ ସାହୁ, ସାମ୍ବାଦିକ ସେକ୍ ଅବଦୁଲ ରହିମ(ପ୍ରେସ୍),ତପନ କୁମାର ନାୟକ , ସୁଶାନ୍ତ କୁମାର ଜେନା, ସାମ୍ବାଦିକ ଘନଶ୍ୟାମ ଗିରି , ସେକ୍ ସୁଜନ,କେଦାର ଚନ୍ଦ୍ର ମହାନ୍ତି, ସୁଶାନ୍ତ ପ୍ରାମାଣିକ, ସଞ୍ଜୟ କୁମାର ପ୍ରାମାଣିକ, ସଞ୍ଜୟ କୁମାର ଦାସ ଅମିତ୍ କମିଳା, ସତ୍ୟବ୍ରତ ଦେ,ଗୌତମ ବେହେରା, ବରେନ୍ଦ୍ର ନାଥ ଦାସ, ସେଖ୍ ଦାଫିର,ଧୃର୍ନ୍ଧର ଭୂୟାଁ ,ରାଜା ଖାଁ,ନାରାୟଣ ଜେନା, ଗୋବିନ୍ଦ ଚନ୍ଦ୍ର ଜେନା, ବିଜୟ କୁମାର କମିଳା,ତପନ କୁମାର ଦାସ,ତ୍ରିଲୋଚନ ଚାନ୍ଦ, ନୁରୁଦ୍ଦିନ ଖାଁ,ମନୋରଞ୍ଜନ ରାଉଳ,ମୁରଲୀ ମୋହନ ପ୍ରଧାନ, ଜଗନ୍ନାଥ ଟଟୋ ଏସୋସିଏସନ ନନ୍ଦ କିଶୋର ଜେନା , ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଅଟୋଏସୋସିନସ ସଭାପତି ସେକ ମଇ ରୁଦ୍ଦିନ ,ରବୀନ୍ଦ୍ର ମୁର୍ମୁ,ସେଖ୍ ଅବଦୁଲ ରେହମାନ୍, ସାବିତ୍ରୀ ଜେନା, ଧନ୍ୟବାଦ ଅର୍ପଣ କରିଥିଲେ ।

# କଟକ ବାର୍ ଆସୋସିଏସନ୍ ପକ୍ଷରୁ ମଧୁ ଜୟନ୍ତୀ ଓ ଆଇନଜୀବୀ ଦିବସ ପାଳିତ

କଟକ:(ନି.ପ୍ର) ହାଇ କୋର୍ଟ ନିକଟସ୍ଥ କଟକ ବାର୍ ଆସୋସିଏସନ୍ ର ଦ୍ୱିତୀୟ ମହଲାର ସମ୍ମିଳନୀ କକ୍ଷରେ କଟକ ବାର୍ ଆସୋସିଏସନ୍ ତରଫରୁ ଓଡ଼ିଆ ସ୍ୱାଭିମାନର ପ୍ରତୀକ ଓ ଓଡ଼ିଆ ଜାତିର ମଉଡମଣି ତଥା କଟକ ବାର୍ ଆସୋସିଏସନ୍ ର ପ୍ରାକ୍ତନ ସଭାପତି ଉତ୍କଳ ଗୌରବ ମଧୁସୁଦନ ଦାସଙ୍କ ୧୭୮ତମ ଜୟନ୍ତୀ ଉତ୍ସବ ଓ ଆଇନଜୀବୀ ଦିବସ ମହା ସମାରୋହରେ ପାଳିତ ହୋଇ ଯାଇଛି । ପ୍ରଥମେ ମଧୁବାବୁଙ୍କ ପ୍ରତି ମୂର୍ତିରେ ଫୁଲ ହାର ତଥା ଶ୍ରଦ୍ଧା ସୁମନ ଅର୍ପଣ କରି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମାନ୍ୟବର କଟକ ଜିଲ୍ଲା ଦୌରା ଜଜ୍ ଶ୍ରୀଯୁକ୍ତ ମାନସ ରଞ୍ଜନ ବାରିକ ଯୋଗଦେଇ ଉତ୍କଳ ଗୌରବ ମଧୁସୁଦନ ଦାସଙ୍କ ବିଷୟରେ ବକ୍ତବ୍ୟ ରଖିବା ସହିତ ଓଡ଼ିଆ ଭାଷା ପ୍ରତିତାଙ୍କ ଭଲ ପାଇବା କେତେ,ସେ ସମ୍ବନ୍ଧରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଭାବରେ ଶ୍ରୀଯୁକ୍ତ ଦାଶ ବେନହୁର ମଧୁବାବୁଙ୍କ ଓଡ଼ିଆ ପ୍ରୀତି ଓ ଆଇନଜୀବୀ ମାନଙ୍କର ସେ କିପରି ଆଦର୍ଶ ସେ ବିଷୟରେ ବକ୍ତବ୍ୟ ରଖିଥିଲେ ।ଅତିଥି ମାନଙ୍କୁ ମଂଚକୁ ଆମନ୍ତ୍ରଣ କରିଥିଲେ ଆଇନଜୀବୀ ଶ୍ରୀଯୁକ୍ତ ନିତ୍ୟାନନ୍ଦ ବେଉରିଆ, ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଆଇନଜୀବୀ ଶୈବାଳିନୀ ମଲ୍ଲିକ । ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ କଟକ ବାର୍ ଆସୋସିଏସନ୍ ର ସଭାପତି ଆଇନଜୀବୀ ଶ୍ରୀଯୁକ୍ତ ଗୋବର୍ଦ୍ଧନ ସ୍ୱାଇଁ, ବାର୍ଷିକ ବିବରଣୀ ପାଠ କରିଥିଲେ ସମ୍ପାଦକ ଶ୍ରୀ ଦିଲ୍ଲୀପ କୁମାର ମହାପାତ୍ର । ଏତଦ୍ ବ୍ୟତୀତ ବିଭିନ୍ନ ବାର୍ ଆସୋସିଏସନ୍ ର ସଭାପତି ଓ ସମ୍ପାଦକ ମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ କଟକ ବାର୍ ଆସୋସିଏସନ୍ ର ଯୁଗ୍ମ ସମ୍ପାଦକ ମହେନ୍ଦ୍ରଲାଲ ଜେନା ଓ ଅନ୍ୟାନ୍ୟ ସଦସ୍ୟ ଓ ସଦସ୍ୟାମାନେ ସହଯୋଗ କରି କାର୍ଯ୍ୟକ୍ରମକୁ ଆଗେଇ ନେଇ ସଫଳ କରିଥିଲେ । ସର୍ବଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ ଆଇନଜୀବୀ ଅନାଦି ଚରଣ ଷଡ଼ଙ୍ଗୀ ।



# ଗ୍ୟାଙ୍ଗଟକ୍‌ରେ ପିଲାମାନଙ୍କ ସହ ଫୁଟବଲ ଖେଳିଲେ ପ୍ରଧାନମନ୍ତ୍ରୀ

ଗ୍ୟାଙ୍ଗଟକ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ସିକିମ ଗସ୍ତର ଦ୍ୱିତୀୟ ତଥା ଅନ୍ତିମ ଦିନର ଆରମ୍ଭ ଫୁଟବଲ ଖେଳି କରିଥିଲେ । ଏକ ଫେସବୁକ୍ ପୋଷ୍ଟରେ ସେ ମଙ୍ଗଳବାର ସକାଳେ ରାଜଧାନୀରେ ଯୁବକମାନଙ୍କ ସହ ଫୁଟବଲ ଖେଳୁଥିବାର ଏକ ଫଟୋ ସେୟାର କରିଛନ୍ତି । ପ୍ରଧାନମନ୍ତ୍ରୀ ଲେଖିଛନ୍ତି, 'ସିକିମ ର ଗାଙ୍ଗଟୋକରେ ଏକ ସୁନ୍ଦର ସକାଳ, ନିଜ ଯୁବ ବନ୍ଧୁମାନଙ୍କ ସହ ଫୁଟବଲ୍ ଖେଳିବାର ମଜା କିଛି ନିଆରା । ଫଟୋରେ ପ୍ରଧାନମନ୍ତ୍ରୀ ମୋଦି ଯୁବକମାନଙ୍କ ସହ ଫୁଟବଲ ଖେଳୁଥିବାର ଦେଖିବାକୁ ମିଳିଛି ।



# ମଧୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି ସହ ସ୍ମରଣ କଲେ ମୁଖ୍ୟମନ୍ତ୍ରୀ

କେନ୍ଦୁଝର (ନି.ପ୍ର) : ଓଡ଼ିଆ ଜାତିର ଅସ୍ମିତା, ସ୍ୱାଭିମାନ ଓ ସଂକଳ୍ପର ମୂର୍ତ୍ତିମନ୍ତ ପ୍ରତୀକ 'ଉତ୍କଳ ଗୌରବ' ମଧୁସୂଦନ ଦାସଙ୍କ ୧୭୮ ତମ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି କେନ୍ଦୁଝରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ମଧୁବାବୁଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ସାଂସଦ ଶ୍ରୀ ଅନନ୍ତ ନାଏକ ଏବଂ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ ମଧୁବାବୁଙ୍କ ଆବକ୍ଷ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମଧୁବାବୁଙ୍କୁ ସ୍ୱତନ୍ତ୍ର ଓଡ଼ିଶା ଗଠନର ମୁଖ୍ୟ ସୂତ୍ରଧାର ଭାବେ ବର୍ଣ୍ଣନା କରିବା ସହ ତାଙ୍କ ଆଦର୍ଶରେ ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆହ୍ୱାନ ଦେଇଛନ୍ତି ।










# ସିକିମର ୫୦ତମ ରାଜ୍ୟ ପ୍ରତିଷ୍ଠାର ସମାପନୀ ଉତ୍ସବରେ ଯୋଗଦେଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ସିକିମର ଗ୍ୟାଙ୍ଗଟକରେ ଏକ ମହା ସମାରୋହରେ ହଜାର ହଜାର କୋଟି ଟଙ୍କାର ୩୦ ରୁ ଅଧିକ ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ ଏବଂ ଉଦଘାଟନ ସହିତ ସିକିମର ୫୦ତମ ରାଜ୍ୟ ପ୍ରତିଷ୍ଠା ଉତ୍ସବର ସମାପନୀ ସମାରୋହ ପାଳନ କରିଛନ୍ତି । ପାଲଜୋର ଷ୍ଟାଡିୟମରେ ଏକ ମହାସମାବେଶରେ ପ୍ରଧାନମନ୍ତ୍ରୀ ରାଜ୍ୟ ସହିତ ତାଙ୍କର ଗଭୀର ସମ୍ପର୍କ ପ୍ରକାଶ କରିଛନ୍ତି । ଅର୍କିଡ୍ ଉଦ୍ୟାନ ପରିଦର୍ଶନ କରିବାର ତାଙ୍କର ଅଭିଜ୍ଞତା ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ସେ ପ୍ରକୃତିର ସ୍ପନ୍ଦନଶୀଳ ରଙ୍ଗ ଏବଂ ଉଲ୍ଲାସରେ ଆକର୍ଷିତ । ରାଜ୍ୟର ପ୍ରାକୃତିକ ସମ୍ପଦ ଉପରେ ଆଲୋକପାତ କରି ସେ ଉଲ୍ଲେଖ କରିଥିଲେ ଯେ ସିକିମର ପୂର୍ବ ସ୍ୱର୍ଗ, ଯାହା ଅର୍କିଡ୍ ଉଦ୍ୟାନ ଭାବରେ ଜଣାଶୁଣା, ଏକ ଅଦ୍ଭୁତ ସୌନ୍ଦର୍ଯ୍ୟ, ଶାନ୍ତି ଏବଂ ଆଧ୍ୟାତ୍ମିକ ଆନନ୍ଦ ପ୍ରଦାନ କରେ । 'ଏହି ଅଭିଜ୍ଞତା କେବଳ ମହାନ ଭାଗ୍ୟ ସହିତ ଆସେ । ମୋର ମନ ଏବେ ବି ସେହି ରଙ୍ଗ ଏବଂ ସେମାନଙ୍କର ଉତ୍ସବରେ ବୁଡ଼ି ରହିଛି,' ଶ୍ରୀ ମୋଦୀ ମନ୍ତବ୍ୟ ଦେଇଥିଲେ । ପ୍ରଧାନମନ୍ତ୍ରୀ ସିକିମର ୫୦ ବର୍ଷର ଯାତ୍ରାକୁ ଏକ ଦିବ୍ୟ ପରିବେଶରେ ପାଳନ କରିବାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ଯେତେବେଳେ ଏକ ଅବସର ଏତେ ଐତିହାସିକ ହୋଇଥାଏ ଏବଂ ଏପରି ଦିବ୍ୟ ପରିବେଶରେ ଘଟେ, ଏହାର ମହିମା ବହୁ ଗୁଣିତ ହୋଇଯାଏ । ସେ ମନ୍ତବ୍ୟ ଦେଇଥିଲେ ଯେ ସାଂସ୍କୃତିକ କାର୍ଯ୍ୟକ୍ରମ, କଳାକାରମାନଙ୍କ ଦ୍ୱାରା ମନୋରମ ପ୍ରଦର୍ଶନ, ଲୋକଙ୍କ ଉତ୍ସାହ ଏବଂ ପର୍ବତ ଏବଂ ଆକାଶର ସୁନ୍ଦର ଦୃଶ୍ୟ ପାଲଜୋର ଷ୍ଟାଡିୟମରେ ଏକ ଯାଦୁକରୀ ପରିବେଶ ସୃଷ୍ଟି କରିଥିଲା । 'ଏହା ଏପରି ଅନୁଭବ ହୋଇଥିଲା ଯେପରି ପ୍ରକୃତି ଏବଂ ସଂସ୍କୃତି ଏକାଠି ହୋଇଗଲା । ଏହି ସ୍ମୃତିଗୁଡ଼ିକ ମୋ ହୃଦୟରେ ଚିରକାଳ ରହିବ,' ଶ୍ରୀ ମୋଦୀ ମନ୍ତବ୍ୟ ଦେଇଥିଲେ । ଶେଷରେ ସିକିମରେ ପହଂଚିବା ପରେ ଖୁସି ପ୍ରକାଶ କରି ପ୍ରଧାନମନ୍ତ୍ରୀ ତାଙ୍କର ପୂର୍ବ ଗସ୍ତକୁ ମନେ ପକାଇଲେ ଯେତେବେଳେ ଖରାପ ପାଗ ତାଙ୍କୁ ଗ୍ୟାଙ୍ଗଟକରେ ପହଂଚିବାରୁ ବାଧା ଦେଇଥିଲା ଏବଂ ତାଙ୍କୁ ବାଗଡୋଗ୍ରାରୁ ଅନଲାଇନରେ ସଂଯୋଗ କରିବାକୁ ପଡିଲା । ଲୋକମାନଙ୍କୁ ବ୍ୟକ୍ତିଗତ ଭାବରେ ନ ଭେଟିବାର ନିରାଶା ତାଙ୍କ ସହିତ ରହିଆସିଥିଲା, ଏବଂ ସେ ଏହି ସୁଯୋଗ ପାଇଁ ଅପେକ୍ଷା କରିଥିଲେ । 'ଏହି ଅବସରରେ ଆଜି ସେହି ଅପେକ୍ଷା ପୂରଣ ହୋଇଛି,' ଶ୍ରୀ ମୋଦି କହିଛନ୍ତି । ପ୍ରଧାନମନ୍ତ୍ରୀ ସିକିମର ଲୋକମାନଙ୍କୁ ଭେଟିବାର ଅନନ୍ୟ ଅଭିଜ୍ଞତା ବିଷୟରେ ଉଷ୍ମତାର ସହିତ କଥା ହୋଇଥିଲେ, ଯେଉଁମାନଙ୍କର ସୌମ୍ୟ, ସରଳତା ଏବଂ ହସ ମୁହଁ ତାଙ୍କୁ ସର୍ବଦା ଶାନ୍ତି ପ୍ରଦାନ କରେ । ମୁଖ୍ୟ କାର୍ଯ୍ୟକ୍ରମ ପୂର୍ବରୁ, ସେ ସିକିମର ଅନେକ ପ୍ରତିଭାଶାଳୀ ଲୋକଙ୍କୁ ଭେଟିଥିଲେ, ଯେଉଁଥିରେ ବିଶିଷ୍ଟ ନାଗରିକ, ପଦ୍ମ ପୁରସ୍କାର ବିଜେତା, କଳାକାର ଏବଂ ଫୁଟବଲ୍ ଖେଳାଳିମାନେ ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ । 'ସିକିମର ଲୋକମାନଙ୍କୁ ଭେଟିବା ମୋତେ ସର୍ବଦା ଏକ ଭିନ୍ନ ପ୍ରକାରର ସନ୍ତୋଷ ପ୍ରଦାନ କରେ,' ଶ୍ରୀ ମୋଦି ମନ୍ତବ୍ୟ ଦେଇଥିଲେ । ପୂର୍ବ ସନ୍ଧ୍ୟାର ରୋଡ୍ ଶୋକୁ ସ୍ପଷ୍ଟ ଭାବରେ ମନେ ପକାଇ ପ୍ରଧାନମନ୍ତ୍ରୀ ଏହାକୁ ଏକ ଅବିସ୍ମରଣୀୟ ଅଭିଜ୍ଞତା ଭାବରେ ବର୍ଣ୍ଣନା କରିଥିଲେ । ଗଞ୍ଜୁ ଲାମା ଦ୍ୱାରରୁ ଲୋକ ଭବନ ପର୍ଯ୍ୟନ୍ତ, ସିକିମର ଲୋକମାନେ ଅବିସ୍ମରଣୀୟ ସଂଖ୍ୟାରେ ସେମାନଙ୍କର ପ୍ରେମ ଢାଳି ଦେଇଥିଲେ, ପ୍ରତ୍ୟେକେ ନିଜ ନିଜ ପୋଷାକ, ସଙ୍ଗୀତ ଏବଂ ପରମ୍ପରା ସହିତ ଅଂଶଗ୍ରହଣ କରିଥିଲେ ।

# ବି.ଏନ୍.କେ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହକୁ ସମ୍ବୋଧିତ କଲେ ମୁଖ୍ୟମନ୍ତ୍ରୀ





ଭୁବନେଶ୍ୱର : କେନ୍ଦୁଝର ଜିଲ୍ଲା ଚମ୍ପୁଆ ଅନ୍ତର୍ଗତ ପୁରୁଷୋତମପୁରସ୍ଥିତ ବି.ଏନ୍.କେ ଉଚ୍ଚ ବିଦ୍ୟାଳୟର ୫୦ ବର୍ଷ ପୂର୍ତ୍ତି ତଥା ସୁବର୍ଣ୍ଣ ଜୟନ୍ତୀ ସମାରୋହ ଆଜି ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ଗୌରବମୟ ଯାତ୍ରାକୁ ପ୍ରଶଂସା କରିବା ସହ ରାଜ୍ୟରେ ଶିକ୍ଷାର ବିକାଶ ପାଇଁ ସରକାରଙ୍କ ପ୍ରତିବଦ୍ଧତା ଦୋହରାଇଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବି.ଏନ୍.କେ ଉଚ୍ଚ ବିଦ୍ୟାଳୟକୁ ପି.ଏମ. ଶ୍ରୀ ଉଚ୍ଚ ବିଦ୍ୟାଳୟ ଭାବେ ଉନ୍ନତିକରଣ କରିବା ପାଇଁ ୭ କୋଟି ଟଙ୍କାର ସହାୟତା ରାଶି ଘୋଷଣା କରିବା ସହିତ କୁଟାରୀପଶି ପଂଚାୟତକୁ ଏକ ଆଦର୍ଶ ପଂଚାୟତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଏହି କାର୍ଯ୍ୟକ୍ରମରେ ଘୋଷଣା କରିଛନ୍ତି । ଏକ ଶିକ୍ଷାନୁଷ୍ଠାନର ୫୦ ବର୍ଷ ପୂର୍ତ୍ତି କେବଳ ଏକ ଉତ୍ସବ ନୁହେଁ, ବରଂ ଏହା ହେଉଛି ପାଂଚ ଦଶନ୍ଧିର ସଂଘର୍ଷ, ସଫଳତା ଏବଂ ସାମାଜିକ ପରିବର୍ତ୍ତନର ଏକ ଗୌରବମୟ ଯାତ୍ରା ।ସଫଳତାର କୌଣସି ସର୍ଟକଟ୍ ନାହିଁ । କଠିନ ପରିଶ୍ରମ ଓ ନିରନ୍ତର ଅଧ୍ୟୟନ ହିଁ ତୁମକୁ ଲକ୍ଷ୍ୟସ୍ଥଳରେ ପହଂଚାଇବ । ଶିକ୍ଷା ହିଁ ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର, ଯାହା ବିଶ୍ୱକୁ ପରିବର୍ତ୍ତନ କରିପାରିବ । ଆମ ସରକାରଙ୍କ ପାଇଁ ଶିକ୍ଷା କେବଳ ଭିତିଭୂମି ନୁହେଁ, ବରଂ ଶିଶୁର ସାମଗ୍ରିକ ବିକାଶ ଓ ମୌଳିକ ଜ୍ଞାନ ବୃଦ୍ଧି ହେଉଛି ପ୍ରାଥମିକତା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟ ସରକାର ୨୫ ହଜାରରୁ ଉର୍ଦ୍ଧ୍ୱ ଶିକ୍ଷକଙ୍କୁ ନିଯୁକ୍ତି ଦେଇଛନ୍ତି ଏବଂ ୧୩ ହଜାର ଚୁକ୍ତିଭିତିକ ଶିକ୍ଷକଙ୍କୁ ନିୟମିତ କରାଯାଇଛି । ଆଗାମୀ ଦିନରେ ଆହୁରି ୪୫ ହଜାର ଶିକ୍ଷକ ନିଯୁକ୍ତି ପାଇଁ ପ୍ରକ୍ରିୟା ଜାରି ରହିଛି । ୫T ମଡେଲ ସ୍କୁଲରେ କେବଳ 'ରଙ୍ଗ ମରା' କାମକୁ ସମାଲୋଚନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସରକାର ପ୍ରକୃତ ଭିତିଭୂମି ବିକାଶ ପାଇଁ ପ୍ରଥମ ପର୍ଯ୍ୟାୟରେ ୨,୨୦୦ ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ କରିବେ, ଯାହା ପାଇଁ ବଜେଟରେ ୫୦ କୋଟିର ବ୍ୟବସ୍ଥା ହୋଇଛି । ରାଜ୍ୟର ୮୦୦ ସ୍କୁଲକୁ 'ପିଏମ୍ ଶ୍ରୀ' ଯୋଜନାରେ ଉତ୍କର୍ଷ କେନ୍ଦ୍ରରେ ପରିଣତ କରାଯିବ । 'ନିପୁଣ ଓଡ଼ିଶା' ମିଶନ ଜରିଆରେ ମୌଳିକ ସାକ୍ଷରତା ଓ ମାତୃଭାଷା ଭିତିକ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି । ଭାରତୀୟ ବୈଜ୍ଞାନିକମାନେ ପରମାଣୁ ଶକ୍ତି କ୍ଷେତ୍ରରେ ହାସଲ କରିଥିବା 'ସେକେଣ୍ଡ ଷ୍ଟେଜ୍ କ୍ରିଟିକାଲିଟି' ସଫଳତାକୁ ମୁଖ୍ୟମନ୍ତ୍ରୀ ଦେଶ ପାଇଁ ଏକ ଗର୍ବର ବିଷୟ ବୋଲି ବର୍ଣ୍ଣନା କରିଛନ୍ତି ।

# ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ ତମ ଜନ୍ମ ଜୟନ୍ତୀ

## ମଧୁବାବୁ ହେଉଛନ୍ତି ଓଡ଼ିଆ ସ୍ୱାଭୀମାନର ପ୍ରତୀକ : ମନମୋହନ ସାମଲ

ଭୁବନେଶ୍ୱର : ଆଜିର ଦିନ ଏକ ସ୍ମରଣୀୟ ଦିନ । ମଧୁବାବୁ ଓଡ଼ିଆ ଜାତୀୟତାର ମନ୍ତ୍ରଦାତା କେବଳ ନଥିଲେ, ସେ ଥିଲେ ଓଡ଼ିଆ ସ୍ୱାଭିମାନର ପ୍ରତୀକ । କେବଳ ରାଜନୈତିକ ସ୍ୱତନ୍ତ୍ରତା ନୁହେଁ ସାମାଜିକ ଆର୍ଥିକ ସାଂସ୍କୃତିକ, ଶୈକ୍ଷିକ ଓ ସାଭ୍ୟତିକ ଦୃଷ୍ଟିରୁ ସେ ଏକ ଉନ୍ନତ ଓଡ଼ିଶାର ସ୍ୱପ୍ନ ଦେଖିଥିଲେ । ଓଡିଶାର ଉପକୂଳ, ମାଳଚଂଳ ଓ ଗଡଜାତ ସବୁ ଭାଗର ଆତ୍ମିକ ଏକୀକରଣ ପାଇଁ ସେ ଉଦ୍ୟମ କରିଥିଲେ । ସେ ନିଜ ତ୍ୟାଗ, ତପସ୍ୟା, ସାଧନା ଓ ନିଷ୍ଠାପର ଉଦ୍ୟମ ବଳରେ ଓଡିଶାକୁ ଭାଷାଭିତିକ ରାଜ୍ୟ ଭାବେ ଗଠନ କରିବାରେ ସଫଳ ହୋଇଥିଲେ । ସେ ସମସ୍ତଙ୍କୁ ସାଙ୍ଗରେ ନେଇ ଏକ ବିରାଟ ଆନ୍ଦୋଳନ ଗଢି ତୋଳିଥିଲେ । ୧୯୮୦ ଦଶକରୁ ମୃତ୍ୟୁ ପର୍ଯ୍ୟନ୍ତ ମଧୁବାବୁ ତାଙ୍କର ସମଗ୍ର ଜୀବନକୁ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ପାଇଁ ଉତ୍ସର୍ଗ କରିଥିଲେ । ତାଙ୍କର ବିଚାରଧାରା ଲୋକଙ୍କୁ ପ୍ରଭାବିତ କରିଛି । ମଧୁବାବୁ ନଥିଲେ ଓଡ଼ିଶାର ଇତିହାସ ଆଜି ଭିନ୍ନ ହୋଇଥାନ୍ତା ବୋଲି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି । ଓଡ଼ିଆ ଜାତିର ମହାନ ସନ୍ତାନ, ଆଧୁନିକ ଓଡିଶାର ରୂପକାର ତଥା ଓଡ଼ିଆ ଜାତିର କୁଳବୃଦ୍ଧ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ତମ ଜନ୍ମ ଜୟନ୍ତୀ ଅବସରରେ ଭୁବନେଶ୍ୱରସ୍ଥିତ ଲୋକଭବନ ସମ୍ମୁଖ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ରାଜ୍ୟ ସଭାପତି ମନମୋହନ ସାମଲ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଛନ୍ତି । ଏହି ଜୟନ୍ତୀ ଅବସରରେ ବିଧାୟକ ଶ୍ରୀ ବାବୁ ସିଂ, ପୂର୍ବତନ ମନ୍ତ୍ରୀ ଶ୍ରୀ ଅରବିନ୍ଦ ଢାଲି, ପୂର୍ବତନ ବିଧାୟକ ଶ୍ରୀ ପ୍ରିୟଦର୍ଶୀ ମିଶ୍ର, ରାଜ୍ୟ ସମ୍ପାଦକ ଶ୍ରୀ ସରୋଜ କର, ରାଜ୍ୟ କାର୍ଯ୍ୟକାରିଣୀ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଶ୍ରୀ ଜଗନ୍ନାଥ ପ୍ରଧାନ, ବରିଷ୍ଠ ନେତା ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ମଲ୍ଲିକ, ଭୁବନେଶ୍ୱର ଜିଲ୍ଲା ସଭାପତି ଶ୍ରୀ ନିରଞ୍ଜନ ମିଶ୍ର ଓ ପାର୍ଟିର ଅନ୍ୟାନ୍ୟ କାର୍ଯ୍ୟକର୍ତା ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ରାଜ୍ୟ କାର୍ଯ୍ୟାଳୟରେ ମଧୁବାବୁଙ୍କ ଫଟୋଚିତ୍ର ପ୍ରଦର୍ଶନୀ ଉଦ୍ ?ଘାଟନ କରି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।



# ବିଧାନସଭା ପରିସରରେ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର : ଉତ୍କଳଗୌରବ ମଧୁସୂଦନ ଦାସ ଥିଲେ ଓଡ଼ିଆ ଜାତିର ଗର୍ବ ଓ ଗୌରବର ପ୍ରତୀକ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଓଡ଼ିଶାରେ ନୂତନ ରାଜନୈତିକ ଚେତନା ସୃଷ୍ଟି କରି ଓଡ଼ିଶାର ଏବଂ ଓଡ଼ିଆ ଜାତିର ଉନ୍ନତି ଓ ସ୍ୱାର୍ଥରକ୍ଷା ତଥା ସ୍ୱାଭିମାନ ବଜାୟ ରଖିବା ପାଇଁ ମଧୁବାବୁ ସର୍ବସ୍ୱ ତ୍ୟାଗ କରିଥିଲେ । ଛାତ୍ର ଜୀବନଠାରୁ ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କର ଜୀବନ ଥିଲା ସଂଘର୍ଷମୟ । ସେ ସାରାଜୀବନ ଦେଶ ଓ ଜାତି ପାଇଁ ସଂଘର୍ଷ କରି ଭାରତବର୍ଷରେ ଓଡ଼ିଆ ଜାତିର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ । ଯାହାଫଳରେ ଓଡ଼ିଆ ଜାତି ଆଜି ଭାରତବର୍ଷରେ ଏକ ସ୍ୱତନ୍ତ୍ର ମର୍ଯ୍ୟାଦାପୂର୍ଣ୍ଣ ଆସନ ହାସଲ କରିପାରିଛନ୍ତି । ମଧୁସୂଦନ ଦାସ ୧୮୪୮ ମସିହା ଅପ୍ରେଲ ୨୮ ତାରିଖ ଦିନ କଟକ ଜିଲ୍ଲାର ସତ୍ୟଭାମାପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ତଥା ଓଡ଼ିଆ ଜାତିର ସାମଗ୍ରିକ ବିକାଶ ମଧୁବାବୁଙ୍କର ସ୍ୱପ୍ନ ଓ ସଂକଳ୍ପ ଥିଲା । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଦୁଇବର୍ଷ ପୂର୍ବରୁ ୧୯୩୪ ମସିହା ଫେବୃଆରୀ ମାସ ୪ ତାରିଖ ଦିନ ଉତ୍କଳ ଜନନୀର ଏହି ମହାନ୍ ବରପୁତ୍ରଙ୍କ ଜୀବନ ଦୀପ ଲିଭି ଯାଇଥିଲା । ଓଡ଼ିଆ ଜାତିର ଉତ୍ ?ଥାନ ପାଇଁ ସେ ସର୍ବଦା ଚେଷ୍ଟିତ ଥିଲେ । ଓଡ଼ିଆ ଜାତି ପ୍ରତି ତାଙ୍କର ଆତ୍ମୀୟତାର ପଟାନ୍ତର ନାହିଁ । ପ୍ରକୃତରେ ସେ ଥିଲେ ଉତ୍କଳ ଜନନୀର ଯୋଗ୍ୟତମ ସନ୍ତାନ । ଆଜି ବିଧାନସଭା ପରିସରରେ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଯୋଗଦେଇ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ, ଭୁବନେଶ୍ୱର (ଏକାମ୍ର) ବିଧାୟକ ଶ୍ରୀ ବାବୁ ସିଂ, ସରକାରୀ ଦଳ ଉପମୁଖ୍ୟ ସଚେତକ ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାଶ, ପୂର୍ବତନ ମନ୍ତ୍ରୀ ଶ୍ରୀ ଅରବିନ୍ଦ ଢାଲି, ପୂର୍ବତନ ବିଧାୟକ ଶ୍ରୀ ପ୍ରିୟଦର୍ଶୀ ମିଶ୍ର, ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଉତ୍କଳ ସମ୍ମିଳନୀର ବରିଷ୍ଠ କାର୍ଯ୍ୟକର୍ତା, ପୂଜ୍ୟପୂଜା ସଂସଦର ପ୍ରତିନିଧି, ବିଧାନସଭାର ସଚିବ ଶ୍ରୀ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ରହି ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦେଶାତ୍ମବୋଧକ ସଂଗୀତ ପରିବେଷିତ ହୋଇଥିଲା । ସୁଶ୍ରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।



# ରନ୍ଧନ ଗ୍ୟାସ ଏବଂ ପେଟ୍ରୋଲ-ଡିଜେଲ ଯୋଗାଣର ସ୍ଥିତି ସମୀକ୍ଷା କଲେ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର

ଭୁବନେଶ୍ୱର : ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଆଜି ରାଜ୍ୟରେ ରନ୍ଧନ ଗ୍ୟାସ ଏବଂ ପେଟ୍ରୋଲ-ଡିଜେଲ୍‌ର ଉପଯୁକ୍ତ ଯୋଗାଣର ସ୍ଥିତି ସମୀକ୍ଷା କରିଛନ୍ତି । ଲୋକସେବା ଭବନସ୍ଥିତ କାର୍ଯ୍ୟାଳୟରେ ମନ୍ତ୍ରୀ ଶ୍ରୀ ପାତ୍ର ଏଚ୍‌ପିସିଏଲ୍, ଆଇଓସିଏଲ୍, ବିପିସିଏଲ୍, ଆଦାନୀ ଗ୍ରୁପ୍ ଆଦି ବିଭିନ୍ନ ଇନ୍ଧନ ବିତରଣକାରୀ ସଂସ୍ଥାର ପ୍ରତିନିଧିମାନଙ୍କ ସହ ଆଲୋଚନା କରିବା ସହ ରାଜ୍ୟରେ ରନ୍ଧନ ଗ୍ୟାସ, ପେଟ୍ରୋଲ ଓ ଡିଜେଲ ଯୋଗାଣ ସମ୍ପର୍କିତ ସ୍ଥିତି ବାବଦରେ ବିସ୍ତୃତ ଭାବେ ଅବଗତ ହୋଇଥିଲେ । ବୈଠକରୁ ଜଣାପଡ଼ିଛି ଯେ ବର୍ତ୍ତମାନ ଘରୋଇ ରନ୍ଧନ ଗ୍ୟାସ ଯୋଗାଣ ସମ୍ପୂର୍ଣ୍ଣ ସ୍ୱାଭାବିକ ରହିଛି । ଘରୋଇ ଖାଉଟିମାନେ ଗ୍ୟାସ ସିଲିଣ୍ଡର ବୁକିଂ କରିବାର ନିର୍ଦ୍ଧାରିତ ସମୟ ମଧ୍ୟରେ ଗ୍ୟାସ ପାଇପାରୁଛନ୍ତି । ଗ୍ୟାସ ସଙ୍କଟ ନେଇ ଲୋକଙ୍କ ମଧ୍ୟରେ ଥିବା ଭୟ ବର୍ତ୍ତମାନ ଦୂର ହୋଇଛି । ସେହିଭଳି ଅଣ-ଘରୋଇ ତଥା ବାଣିଜ୍ୟକ କ୍ଷେତ୍ରରେ ୮୦ ପ୍ରତିଶତ ପର୍ଯ୍ୟନ୍ତ ଗ୍ୟାସ ଯୋଗାଣ ସମ୍ଭବ ହୋଇପାରୁଛି । ଫଳରେ ହୋଟେଲ, ରେଷ୍ଟୋରାଁଗୁଡ଼ିକର ଚାହିଦା ଆନେକାଂଶରେ ପୂରଣ ହୋଇପାରୁଛି । ଅନ୍ୟ ପକ୍ଷରେ ରାଜ୍ୟରେ ପେଟ୍ରୋଲ ଓ ଡିଜେଲ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରହିଛି । ତେବେ ଆଗାମୀ ଦିନରେ ପେଟ୍ରୋଲ, ଡିଜେଲ ଦରବୃଦ୍ଧି ନେଇ କୌଣସି ସମ୍ଭାବନା ନାହିଁ । ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେଉଥିବା ଏଭଳି ଗୁଜବଠାରୁ ଦୂରେଇ ରହିବା ପାଇଁ ମନ୍ତ୍ରୀ ଶ୍ରୀ ପାତ୍ର ଜନସାଧାରଣଙ୍କୁ ନିବେଦନ କରିଛନ୍ତି । ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ଯେ ନିକଟରେ ୭ ହଜାରରୁ ଅଧିକ ବେଆଇନ ସିଲିଣ୍ଡର ଜବତ ହେବା ରାଜ୍ୟ ସରକାରଙ୍କ ସବୁଠାରୁ ବଡ଼ ଉପଲବ୍ଧି । ରାଜ୍ୟରେ ରନ୍ଧନ ଗ୍ୟାସ ଓ ପେଟ୍ରୋଲ-ଡିଜେଲର କଳାବଜାରୀକୁ ବରଦାସ୍ତ କରାଯିବ ନାହିଁ ।



# ଓଜେଇଇ ପରୀକ୍ଷା ପାଇଁ ବିଜ୍ଞପ୍ତି ପ୍ରକାଶ




ଭୁବନେଶ୍ୱର: ପ୍ରକାଶ ପାଇଲା ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ)-୨୦୨୬ ପରୀକ୍ଷା ତାରିଖ । ଆସନ୍ତା ମେ' ୪ ତାରିଖରୁ ଆରମ୍ଭ ହୋଇ ୧୦ ତାରିଖ ଯାଏଁ ପରୀକ୍ଷା ଚାଲିବ । ପ୍ରଥମ ସିଫ୍ଟ ସକାଳ ୯ଟାରୁ ୧୧ଟା, ଦ୍ୱିତୀୟ ସିଫ୍ଟ ଅପରାହ୍ନ ୧ଟାରୁ ୩ଟା ଏବଂ ତୃତୀୟ ସିଫ୍ଟ ଅପରାହ୍ନ ସାଢ଼େ ୪ଟାରୁ ସାଢ଼େ ୬ଟା ଯାଏ ହେବ ବୋଲି ଓଜେଇଇ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ବିଜ୍ଞପ୍ତି ଅନୁଯାୟୀ, ସମସ୍ତ ପରୀକ୍ଷା କମ୍ପ୍ୟୁଟର ବେସଡ୍ ଟେଷ୍ଟ (ସିବିଟି) ମୋଡରେ ହେବ । ଆବେଦନକାରୀଙ୍କ ଆଡମିଟ୍ କାର୍ଡ ୱେବ୍‌ସାଇଟରେ ଉପଲବ୍ଧ ରହିଛି । ସେହିପରି, ମେ' ୪ ତାରିଖରେ ୩ଟି ଯାକ ସିଫ୍ଟରେ ବେସିକ୍ ବିଏସ୍ସି ନର୍ସିଂର ପ୍ରବେଶିକା ପରୀକ୍ଷା ହେବ । ୫ ତାରିଖ ପ୍ରଥମ ଓ ଦ୍ୱିତୀୟ ସିଫ୍ଟରେ ବେସିକ୍ ବିଏସ୍ସି ନର୍ସିଂର ପରୀକ୍ଷା ହେବ । ତୃତୀୟ ସିଫ୍ଟରେ ବି ଫାର୍ମାର ପରୀକ୍ଷା ହେବ । ୬ ତାରିଖରେ ୩ଟି ଯାକ ସିଫ୍ଟ ବି ଫାର୍ମା ପରୀକ୍ଷା ହେବ । ୭ ତାରିଖରେ ପ୍ରଥମ ସିଫ୍ଟରେ ଇଂଟିଗ୍ରେଟେଡ୍ ଏମ୍ବିଏ ଓ ଏମ୍‌ଏସ୍ସି ନର୍ସିଂ ପରୀକ୍ଷା ହେବ । ଦ୍ୱିତୀୟ ଓ ତୃତୀୟ ସିଫ୍ଟରେ ଏମ୍ବିଏ ପରୀକ୍ଷା ହେବ । ୮ ତାରିଖରେ ସମସ୍ତ ସିଫ୍ଟରେ ଏଲ୍‌ଇ. ଟେକ୍ (ଡିପ୍ଲୋମା) ପରୀକ୍ଷା ରହିଛି । ୯ ତାରିଖର ପ୍ରଥମ ସିଫ୍ଟରେ ଏଲ୍‌ଇ. ଟେକ୍ (ଡିପ୍ଲୋମା), ଦ୍ୱିତୀୟ ସିଫ୍ଟରେ ଏମ୍ସିଏ/ ଏମ୍‌ଏସ୍ସି (କମ୍ପ୍ୟୁଟର ସାଇନ୍ସ), ତୃତୀୟ ସିଫ୍ଟରେ ଏମ୍ସିଏ/ପୋଷ୍ଟ ବେସିକ୍ ବିଏସ୍ସି ନର୍ସିଂ ପରୀକ୍ଷା ହେବ । ୧୦ ତାରିଖରେ ପ୍ରଥମ ସିଫ୍ଟରେ ଏମ୍. ଫାର୍ମା/ଏମ୍ ଆର୍କ/ଏମ୍ ପ୍ଲାନ୍/ ଏମ୍ ଟେକ୍/ ଏଲ୍‌ଇ ଟେକ୍ ବିଏସ୍ସି ପରୀକ୍ଷା ରହିଛି ।

# ଆଇପିଏଲ-୨୦୨୬ : ରାଜସ୍ଥାନ ରୟାଲ୍ସ ଆଗରେ ୨୨୩ ରନ୍‌ର ବିଜୟ ଲକ୍ଷ୍ୟ ରଖିଲା ପଞ୍ଜାବ କିଙ୍ଗ୍‌ସ

ନ୍ୟୁ ଚଣ୍ଡିଗଡ଼: ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୪୦ତମ ମ୍ୟାଚ୍ ନ୍ୟୁ ଚଣ୍ଡିଗଡ଼ର ମହାରାଜା ଯଦାବିନ୍ଦର ସିଂହ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମରେ ଖେଳାଯାଉଛି । ଏହି ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସ ଏବଂ ରାଜସ୍ଥାନ ରୟାଲ୍ସ ମୁହାଁମୁହିଁ ହୋଇଛନ୍ତି । ଏଠାରେ ରାଜସ୍ଥାନ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତି ନେଇଥିଲା । ଘରୋଇ ଦଳ ପ୍ରଥମେ ବ୍ୟାଟିଂ କରିଥିଲା ଏବଂ ସ୍କୋର ନିର୍ଦ୍ଧାରିତ ୨୦ ଓଭରରେ ୪ଟି ୱିକେଟ୍ ହରାଇ ୨୨୨ ରନ୍ ସଂଗ୍ରହ କରିଛି । ରାଜସ୍ଥାନକୁ ଏହି ମ୍ୟାଚ୍ ବିଜୟ ହାସଲ ପାଇଁ ୨୨୩ ରନ୍‌ର ଲକ୍ଷ୍ୟ ମିଳିଛି । ପ୍ରଭସିମରନ ସିଂହ ଏବଂ ମାର୍କସ ଷ୍ଟୋଇନିସ ଅର୍ଦ୍ଧଶତକ ହାସଲ କରିଛନ୍ତି । ପଞ୍ଜାବ ପାଇଁ ପ୍ରଭସିମରନ ଏବଂ ପ୍ରିୟାଂଶ ଆର୍ଯ୍ୟ ବ୍ୟାଟିଂ ଆରମ୍ଭ କରିଥିଲେ । ଦଳର ଉଭୟ ପ୍ରାରମ୍ଭିକ ବ୍ୟାଟର ପ୍ରଥମ ୱିକେଟ୍ ପାଇଁ ୩୭ ରନ୍ ସଂଗ୍ରହ କରିଥିଲେ । ଏଥିରେ ପ୍ରିୟାଂଶଙ୍କ ଯୋଗଦାନ ୨୯ ରନ୍ ଥିଲା, ଯିଏକି ୧୧ଟି ବଲ୍ ଖେଳି ୫ଟି ଚୌକା ଏବଂ ଗୋଟିଏ ଛକା ମାରିଥିଲେ । ରାଜସ୍ଥାନକୁ ଦ୍ୱିତୀୟ ସଫଳତା ଭାବେ କୋପର କନୋଲିଙ୍କ ୱିକେଟ ମିଳିଥିଲା । ବସ୍ଫୋରକ ବ୍ୟାଟର କନୋଲି ୧୪ଟି ବଲ୍ ଖେଳି ୨ଟି ଚୌକା ଏବଂ ୩ଟି ଛକା ବଳରେ ୩୦ ରନ୍ ସଂଗ୍ରହ କରିଥିଲେ । ପଞ୍ଜାବ ନିଜର ତୃତୀୟ ୱିକେଟ୍ ଭାବେ ପ୍ରଭସିମରନଙ୍କୁ ହରାଇଥିଲା । ବିସ୍ଫୋରକ ଯୁବ ବ୍ୟାଟର ପ୍ରଭସିମରନ ୪୪ଟି ବଲ୍ ଖେଳି ୫୯ ରନ୍ ସଂଗ୍ରହ କରିଥିଲେ । ସେ ୬ଟି ଚୌକା ଏବଂ ଗୋଟିଏ ଛକା ମାରିଥିଲେ । ସେହିପରି ମାର୍କସ ଷ୍ଟୋଇନିସ ୨୨ଟି ବଲ ଖେଳି ବିସ୍ଫୋରକ ବ୍ୟାଟିଂ କରିଥିଲେ । ସେ ତାଙ୍କର ଇନିଂସରେ ୪ଟି ଚୌକା ଏବଂ ୬ଟି ଛକା ବଳରେ ବ୍ୟକ୍ତିଗତ ଭାବେ ୬୨ ରନ୍ ସଂଗ୍ରହ କରିଥିଲେ । ଚତୁର୍ଥ ୱିକେଟ ଭାବେ ଦଳ ଅଧିନାୟକ ଶ୍ରେୟସ ଆୟରଙ୍କୁ ହରାଇ ଥିଲା । ଆୟର ମଧ୍ୟ ବ୍ୟକ୍ତିଗତ ଭାବେ ୩୦ ରନ୍ ସଂଗ୍ରହ କରିଥିଲେ । ସେ ୨୦ଟି ବଲ୍ ଖେଳି ଗୋଟିଏ ଚୌକା ଏବଂ ଗୋଟିଏ ଛକା ମାରିଥିଲେ ।




Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**